

ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-102 ◆WEDNESDAY ◆8 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୦୨ ◆ବୁଧବାର ◆୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଆଜିଠୁ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟରେ ପେମେଣ୍ଟ

■ **ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ସହଜ ଓ ସୁରକ୍ଷିତ କରିବା ପାଇଁ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) କାରବାର କ୍ଷେତ୍ରରେ ଆସନ୍ତାକାଲିଠାରୁ ଲାଗୁ ହେବାକୁ ଯାଉଛି ନୂଆ ନିୟମ। ଏହି ନିୟମ ଅନୁଯାୟୀ, ଏଣିକି ୟୁପିଆଇରେ ଅର୍ଥ ନେଣଦେଣ କରୁଥିବା ୟୁଜର୍ସଙ୍କୁ ପେମେଣ୍ଟ କରିବା ପାଇଁ ଆଉ ପିନ୍ ଦେବାକୁ ପଡ଼ିବନାହିଁ। ଏହା ବଦଳରେ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟ ବା ଟିପଚିହ୍ନ ଦ୍ୱାରା ପେମେଣ୍ଟ କରିହେବ। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଜାରି କରିଥିବା ମାର୍ଗଦର୍ଶିକା ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି, ଯେଉଁଥିରେ ପେମେଣ୍ଟ ପାଇଁ ବିକଳ୍ପ ଅଥେଣ୍ଟିକେସନ ବା ଭେରିଫାଏ କଥା କୁହାଯାଇଥିଲା।




ଦେବାକୁ ପଡ଼ିବନି ପିନ୍

ଏହି ନୂତନ ପଦ୍ଧତି ୟୁପିଆଇ ପେମେଣ୍ଟକୁ ଅଧିକ ସୁବିଧାଜନକ, ସୁରକ୍ଷିତ ଏବଂ ବ୍ୟବହାରକାରୀ-ଅନୁକୂଳ କରିବ। ନୂତନ ବୈଶିଷ୍ଟ୍ୟଗୁଡ଼ିକ ୟୁପିଆଇ ପେମେଣ୍ଟ କରିବା ପାଇଁ ପିନ୍‌ର ଆବଶ୍ୟକତାକୁ ଇଚ୍ଛାଧୀନ କରିବ। ଏକ ରିପୋର୍ଟ ଅନୁସାରେ, ନୂଆ ସୁବିଧା ଦ୍ୱାରା ପେମେଣ୍ଟର ଅଥେଣ୍ଟିକେସନ ଭାରତ ସରକାରଙ୍କ ଆଧାର ସିଷ୍ଟମରେ ଥିବା ବାୟୋମେଟ୍ରିକ୍ସ ▶ପୃଷ୍ଠା-୭

## ବସ୍ ଉପରେ ଧସିଲା ପାହାଡ଼; ୧୮ ମୃତ, ଫସିଛନ୍ତି ୧୦

■ **ବିଳାସପୁର, ୭।୧୦ (ଏଜେନ୍ସି):** ହିମାଚଳ ପ୍ରଦେଶ ବିଳାସପୁର ଜିଲ୍ଲାର ଭାଲୁଘାଟ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ଧରଣର ଭୂସ୍ଖଳନରେ ଏକ ଘରୋଇ ବସ୍ ପୋତି ହୋଇଯାଇଛି। ଦୁର୍ଘଟଣାରେ ୧୮ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ୧୦ରୁ ଅଧିକ ଯାତ୍ରୀ ଭଗ୍ନାବଶେଷ ତଳେ ଫସି ରହିଛନ୍ତି। ୨ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ବସ୍‌ରେ ପ୍ରାୟ ୩୦ ଜଣ ଯାତ୍ରା କରୁଥିଲେ। ବସ୍‌ଟି ହରିୟାଣା ରୋହତକରୁ ବିଳାସପୁର ନିକଟସ୍ଥ ଘୁମରାୱନକୁ ଯାଉଥିବ ସମୟରେ ଏହା ଉପରେ ପାହାଡ ଧସି ଯାଇଥିଲା। ସୂଚନା ପାଇବା ପରେ ଏସ୍‌ଡିଆରଏଫ ଏବଂ ପୁଲିସ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଆଜି ପ୍ରବଳ ବର୍ଷା ଯୋଗୁଁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଉଛି।




# ସୀମା ଟପିଲାଣି ଅରାଜକତା

## ରାଜ୍ୟରେ ରେକର୍ଡ ଭାଙ୍ଗୁଛି ହତ୍ୟା, ଦୁଷ୍କର୍ମ

■ **ଭୁବନେଶ୍ୱର, ୭।୧୦ (ସମିସ):** ରାଜ୍ୟରେ ବିଗିଡ଼ି ଗଲାଣି ଆଇନଶୃଙ୍ଖଳା। ପୁଲିସକୁ ଅପରାଧୀଙ୍କ ଖାତିର ନାହିଁ। ଦିନ ଦିପହରେ ଅଣ୍ଟାରେ ବନ୍ଧୁକ ଖୋସି ଅପରାଧୀ ରାଜୁତି କରୁଛନ୍ତି। ଯେଉଁଠି ଯାହାକୁ ପାରିଲେ ମଉକା ପାଇ ଗୁଳି କରୁଛନ୍ତି। ପ୍ରତିଦିନ ରାଜ୍ୟର ସବୁ ଅଞ୍ଚଳରୁ ହତ୍ୟା, ରାହାଜାନୀ, ସାମ୍ପ୍ରଦାୟିକ ଗଣ୍ଡଗୋଳ ଘଟଣା ସାମନାକୁ ଆସିବାରେ ଲାଗିଛି। ଗତ ୧୫ ମାସ ମଧ୍ୟରେ ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ ଆଦି

**କଥା କଥାକେ ଫୁଟୁଛି ଗୁଳି, ବୁଲୁଛି ଖଣ୍ଡା**

**ଦିନକୁ ହାରାହାରି ୧୫ ଦୁଷ୍କର୍ମ, ୪ ହତ୍ୟା**

ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବ ଭଙ୍ଗ ହୋଇଛି। ପାଞ୍ଚଟି ସ୍ଥାନରେ କର୍ଫ୍ୟୁ ଲାଗିଛି। ଗତ ୩ ଦଶନ୍ଧିରେ ସମ୍ଭବତଃ ପ୍ରଥମଥର ପାଇଁ ଭାଇଚାରାର ସହର କୁହାଯାଉଥିବା କଟକ ସହରବାସୀ ପୁଣିଥରେ କର୍ଫ୍ୟୁର ସମ୍ମୁଖୀନ ହୋଇଛନ୍ତି।

ମୋଟାମୋଟି ଭାବରେ ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ କି ସରକାରଙ୍କ ଅଙ୍କୁଶ ନାହିଁ। କଟକ ଭସାଣିକୁ ନେଇ ଗଣ୍ଡଗୋଳ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ବେଳେ ବ୍ରହ୍ମପୁରରେ ଶାସକ ଦଳର ଜଣେ ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଏହା ପ୍ରଶ୍ନ ଉଠାଇଛି। କଟକ ଘଟଣା ପରେ ପୁଲିସ ଗୁଇନ୍ଦା ବ୍ୟବସ୍ଥା ନିଷ୍କ୍ରିୟ ହୋଇଥିବା ଭଳି ଲାଗୁଛି। ବ୍ରହ୍ମପୁରରେ ଆଇନଜୀବୀଙ୍କ ହତ୍ୟା ଘଟଣା ଅରାଜକତା ଉପରେ ମୋହର ମାରିଛି। ଦୁଷ୍କର୍ମ, ଗଣଦୁଷ୍କର୍ମରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଥିବା ଓଡ଼ିଶା ଏବେ ହତ୍ୟାରେ ନୂଆ ରେକର୍ଡ଼ କରିବାକୁ ଯାଉଛି। ଗତ କେଇଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୯ଟି ହତ୍ୟାକାଣ୍ଡ ପଞ୍ଜୀକୃତ ହୋଇଥିଲେ ହେଁ ଏହି ମାମଲାରେ ମାତ୍ର ୧୫ ଜଣଙ୍କୁ ପୁଲିସ ଗିରଫ କରିବାକୁ ସମର୍ଥ ହୋଇଛି।



ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାରେ ରାଜ୍ୟରେ ୩୦୫୪ଟି ବଳାତ୍କାର ଓ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଛି। ସେହିପରି ୩୫୬ ▶ପୃଷ୍ଠା-୭

## କ୍ଷୋଭ ପ୍ରକାଶ କଲେ ନବୀନ

**ଆଇନଶୃଙ୍ଖଳା ଦୃଢ଼ ରଖିବାରେ ସରକାର ସମ୍ପୂର୍ଣ୍ଣ ବିଫଳ**

**ଉତ୍ସବ ମଧ୍ୟରେ ରାଜ୍ୟରେ ସୃଷ୍ଟି ହୋଇଛି ଭୟର ବାତାବରଣ**

**ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ତତ୍ପର ହେବା ଜରୁରୀ**



■ **ଭୁବନେଶ୍ୱର, ୭।୧୦ (ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ବେଳେ ପ୍ରତିଦିନି ରାଜ୍ୟର କୋଣଅନୁକୋଣରେ ଅଘଟଣ ଘଟୁଛି। ମହିଳା ହିଂସା, ଦୁଷ୍କର୍ମ ପରି ଘଟଣାକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ବଦନାମ ହୋଇଥିବା ବେଳେ ଦଙ୍ଗା, ହତ୍ୟାକାଣ୍ଡ ପରି ଅପରାଧକୁ ନେଇ ମଧ୍ୟ ରାଜ୍ୟବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ରାଜ୍ୟରେ ଏପରି ସଂଗିନ ସ୍ଥିତିକୁ ନେଇ କ୍ଷୋଭ ଏବଂ ଚିନ୍ତା ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଜଭୁତ ରଖିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି; ଯାହା ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରୁଛି ବୋଲି ▶ପୃଷ୍ଠା-୭

### ବିହାରରେ ଏସ୍ଆଇଆର୍ ବିଭ୍ରାନ୍ତି

## ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ବିହାରରେ ଅନୁଷ୍ଠିତ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୩ ଲକ୍ଷ ୬୬ ହଜାର ଭୋଟରମାନଙ୍କ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ୯ ତାରିଖ ସୁଦ୍ଧା ଏସଂପର୍କରେ ବିସ୍ତୃତ ତଥ୍ୟ ଦାଖଲ କରିବା ନିମନ୍ତେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଚୂଡ଼ାନ୍ତ ଭୋଟର ତାଲିକାରେ ଯେଉଁମାନଙ୍କର ନାମ ଯୋଡ଼ା ଯାଇଛି, ସେମାନଙ୍କ ସଂପର୍କରେ ମଧ୍ୟ ତଥ୍ୟ ଦେବାକୁ କୁହାଯାଇଛି। ଚୂଡାନ୍ତ ତାଲିକାରେ ୨୧ ଲକ୍ଷ ଭୋଟରଙ୍କ ନାମ ଯୋଡ଼ାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନୂଆ ଭୋଟର ଏବଂ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା କହିଛନ୍ତି କୋର୍ଟ।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ବିହାର ଏସ୍ଆଇଆର୍ ମାମଲାର ଶୁଣାଣି କରିବା ସମୟରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଯେଉଁମାନଙ୍କ ନାମ ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡ଼ିଛି ସେମାନଙ୍କ ସଂପର୍କରେ ଯାହା ବି ତଥ୍ୟ ରହିଛି, ତାହା ଦେବାକୁ ପଡ଼ିବ। ଏଥିପାଇଁ କମିସନଙ୍କୁ ଆଉ ଦୁଇ ଦିନର



**ନାମ କଟିଥିବା ୩.୬୬ ଲକ୍ଷ ଭୋଟର ଓ ନୂଆ ମତଦାତାଙ୍କ ସୂଚନା ଦେବେ କମିସନ**

ସମୟ ଦିଆଯାଇଛି। ଆସନ୍ତା ୯ ତାରିଖରେ କମିସନ ଏହି ତଥ୍ୟ ଦେବେ। ସେହିଭଳି ମାନ୍ୟବର ଖଣ୍ଡପୀଠ ଉଦବେଗ ଜଣାଇଥିଲେ ଯେ ଚୂଡ଼ାନ୍ତ ତାଲିକାରେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ତାହାକୁ ନେଇ ବିଭ୍ରାନ୍ତି ରହିଛି। ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ନାମ ଚିଠା ଭୋଟର ତାଲିକା (ଡ୍ରାଫ୍ଟ ରୋଲ)ରୁ ବାଦ୍ ପଡ଼ିଥିଲା କି? ଖଣ୍ଡପୀଠଙ୍କର ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କମିସନଙ୍କ ଓକିଲ କହିଥିଲେ ଯେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନୂଆ ଭୋଟର। ▶ପୃଷ୍ଠା-୭

**ପୀତବାସ ପଣ୍ଡା ହତ୍ୟା ଘଟଣା**

## ପୁଲିସ ସ୍କାନରରେ ଶେଷ ୪ ଫୋନ୍‌କଲ୍

■ **ବ୍ରହ୍ମପୁର, ୭।୧୦ (ସମିସ):** ଶାସକ ଦଳର ଜଣେ ଆଗଧାଡ଼ିର ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣା ସମଗ୍ର ରାଜ୍ୟରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି କରିଛି। ଗତକାଲି ପବିତ୍ର କୁମାର ପୂର୍ଣ୍ଣିମା ରାତିରେ ବ୍ରହ୍ମପୁରର ସହରର ବୈଦ୍ୟନାଥପୁର ଥାନା ବୈକୁଣ୍ଠନଗର ସ୍ଥିତ ଘରଠାରୁ ମାତ୍ର ୫୦ ମିଟର ଦୂରରେ ବିଚ୍ ରାସ୍ତାରେ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିଲେ ଦୁର୍ବୃତ୍ତ। ଗୁଳିମାଡ଼ ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। କିନ୍ତୁ ୨୪ ଘଣ୍ଟା ପରେ ମଧ୍ୟ ପୁଲିସ ହାତ ଖାଲି ରହିଛି।

**ଗୁଳିକାଣ୍ଡ ପଛରେ ବୃତ୍ତିଗତ, ରାଜନୈତିକ, ବ୍ୟକ୍ତିଗତ ଶତ୍ରୁତା ନା ସୂଚନା ଅଧିକାର ଆକ୍ରୋଶ**

ସୋମବାର ରାତି ୯ଟା ୪୨ରେ ଗୋଟିଏ ଗ୍ଲାମର ବାଇକ୍‌ରେ ଦୁଇଜଣ ଯୁବକ ଗେଟ୍‌ବଜାର ଛକରୁ ପୀତବାସ ପଣ୍ଡାଙ୍କ ଘର ଗଳି ପର୍ଯ୍ୟନ୍ତ ଚକ୍କର ମାରିଥିଲେ। ଏହାପରେ ଯୋଜନା ମୁତାବକ ହତ୍ୟା କରିଥିଲେ। ଗୁଳିମାଡ଼ ପୂର୍ବରୁ ଅର୍ଥାତ ସୋମବାର ଆଇନଜୀବୀ ପୀତବାସ ପଣ୍ଡା କାହା କାହା ସହିତ ଫୋନ୍‌ରେ କଥା ହୋଇଥିଲେ ସେନେଇ ପୁଲିସ ଯାଞ୍ଚ କରୁଛି। ଘଟଣାର ▶ପୃଷ୍ଠା-୭

## ରାଜ୍ୟରେ ଆଇନଜୀବୀଙ୍କ କଲମ ଛାଡ଼ ଆଜି

**ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିସିଆଇର ଚିଠି**

■ **କଟକ,୭। ୧୦ (ସମିସ):** ବ୍ରହ୍ମପୁରର ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ଘଟଣାକୁ ରାଜ୍ୟ ବାର୍ କାଉନସିଲ୍ ତୀବ୍ର ନିନ୍ଦା କରିଛି। ଏହାର ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟରେ ଆଇନଜୀବୀମାନେ ସମ୍ପୂର୍ଣ୍ଣ କଲମଛାଡ଼ କରିବେ। ବାର୍ କାଉନସିଲର ଆଜି ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ, ମୃତ ଆଇନଜୀବୀଙ୍କ ପରିବାରକୁ ୧ କୋଟି ଟଙ୍କା ▶ପୃଷ୍ଠା-୭

### ଚାକିରି ବେପାର; ବ୍ରହ୍ମପୁର ଓ ଭୁବନେଶ୍ୱରରୁ ଆଉ ଦୁଇ ଅଟକ

## କ୍ରାଇମବ୍ରାଞ୍ଚର କାତ ପାଉନି

■ **ଭୁବନେଶ୍ୱର, ୭।୧୦ (ସମିସ):** ପୁଲିସ ଏସ୍ଆଇ ଚାକିରି ବେପାରକୁ ନେଇ ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ହୁଲସ୍ଥୁଲ ହେଉଛି। ମଧ୍ୟପ୍ରଦେଶର ବ୍ୟାପମ୍ ଓ ପଶ୍ଚିମବଙ୍ଗର ଶିକ୍ଷକ ନିଯୁକ୍ତି ଜାଲିଆତିଠାରୁ ଓଡ଼ିଶା ପୁଲିସ ଚାକିରି ବିକ୍ରି ଅଧିକ ଭୟଙ୍କର ବୋଲି କୁହାଯାଉଛି। ଗତ ୩୦ ତାରିଖ ରାତିରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ୩ ଦଲାଲ ଗିରଫ ହେବା ପରେ ଆଉ ୩ ଜଣଙ୍କୁ କ୍ରାଇମବ୍ରାଞ୍ଚ ଧରିଛି। ମାତ୍ର କୌଣସି ସୂତ୍ରରୁ କିଛି ଠୋସ୍ ଖବର ଓ ପ୍ରମାଣ କ୍ରାଇମବ୍ରାଞ୍ଚ ଯୋଗାଡ଼ କରିବାରେ ସକ୍ଷମ ହୋଇ ନ ଥିବା କୁହାଯାଉଛି। ପରୀକ୍ଷାର୍ଥୀଙ୍କ ବ୍ୟତୀତ ଏଯାଏ ୬ ଜଣ ଲୋକଙ୍କୁ କ୍ରାଇମବ୍ରାଞ୍ଚ ଧରିଛି ଓ ସେମାନଙ୍କୁ ଜେରା ଚଳାଇଛି। ମାତ୍ର ଷଡ଼ଯନ୍ତ୍ରର ପଶାପାଲିରେ ଏହି ସୈନିକମାନଙ୍କଠାରୁ ବିଶେଷ କିଛି ତଥ୍ୟ ମିଳି ପାରୁ ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ସମଗ୍ର ଘଟଣା ପଛରେ ଅନେକ ବଡବଡ଼ିଆଙ୍କ ଭୂମିକା ଥିବା ଜଳଜଳ ଦିଶୁଛି। ପଞ୍ଚ ସପ୍ଟର ଶଙ୍କର ପୃଷ୍ଟି, ମଧ୍ୟସ୍ଥି ମୁନା ମହାନ୍ତି ସହ ସିଲିକନ୍ ଟେକ୍‌ଲାବ୍‌ର ସମ୍ପୃକ୍ତି ଏକପ୍ରକାର ସ୍ପଷ୍ଟ ହୋଇଛି। ମାତ୍ର ତଦନ୍ତ ଆଗକୁ ବଢ଼ିପାରୁ ନାହିଁ। କେଉଁ ପରିସ୍ଥିତିରେ ଓପିଆର୍‌ବିଠାରୁ ପରୀକ୍ଷା ପରିଚାଳନା ଠିକା ନେଇଥିବା ଆଇଟିଆଇ ଲିମିଟେଡ୍ ଓଡ଼ିଶାର ସିଲିକନ୍ ଟେକ୍‌ଲାବକୁ ପରୀକ୍ଷା ଦାୟିତ୍ୱ ଦେଲା ତାହା ଏଯାଏ ଅସ୍ପଷ୍ଟ। ଅନୁରୂପ ଭାବରେ ସିଲିକନ୍ ଟେକ୍‌ଲାବ୍ କାହିଁକି ଓ କେଉଁ ଉଦ୍ଦେଶ୍ୟରେ କୁଖ୍ୟାତ ଶଙ୍କରର ଅଖ୍ୟାତ ସଂସ୍ଥା ପଞ୍ଚ ସପ୍ଟକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କଲା ତାହା ମଧ୍ୟ ରହସ୍ୟମୟ। ଓପିଆର୍‌ବି କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିବା ଅନେକ ଦିଗକୁ ଇଙ୍ଗିତ କରିଛି। ହୁଏତ ଓପିଆର୍‌ବି କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ଜ୍ଞାତସାରରେ ଏହି ସବଲେଟ୍ ▶ପୃଷ୍ଠା-୭



**ଘୋଟାଲାରେ ଓପିଆର୍‌ବି କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ**

**କାହା ମଧ୍ୟସ୍ଥତାରେ ହୋଇଥିଲା ସିଲିକନ୍ ଓ ପଞ୍ଚସପ୍ଟ ବୁଝାମଣା**

## ହଟିଲା କର୍ଫ୍ୟୁ; ଚାଲିଲା କଟକ

**ସ୍ୱାଭାବିକ ହେଲା ଇଣ୍ଟର୍‌ନେଟ୍ ସେବା**




■ **କଟକ, ୭।୧୦ (ସମିସ):** ଦୁର୍ଗାମେଢ଼ ଭସାଣ ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ ଜନିତ ଅଶାନ୍ତି ଯୋଗୁଁ ଲାଗୁ ହୋଇଥିବା ୩୬ ଘଣ୍ଟାର କର୍ଫ୍ୟୁ ଉଠିବା ପରେ ମଙ୍ଗଳବାର ସନ୍ଧ୍ୟାରୁ ଅତି ସନ୍ତର୍ପଣରେ ଚାଲିବା ଆରମ୍ଭ କରିଛି କଟକ। ଦୁଇ ଦିନର ବନ୍ଦୀ ଜୀବନ ପରେ ସହରବାସୀ ଘରୁ ବାହାରିଛନ୍ତି। ସହରର ସ୍ଥିତି ଧୀରେଧୀରେ ସ୍ୱାଭାବିକ ହୋଇ ଶାନ୍ତି ଫେରୁଛି। ଅନ୍ୟପକ୍ଷରେ ଶୋଭାଯାତ୍ରା ଗଣ୍ଡଗୋଳ ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ୯ ଜଣଙ୍କୁ ଗିରଫ କରିଛି। ବନ୍ଦ ରହିଥିବା ଇଣ୍ଟର୍‌ନେଟ୍ ସେବା ସ୍ୱାଭାବିକ ହୋଇଛି।

**ପାଟ୍ରୋଲିଂ କଡ଼ାକଡ଼ି; ଗିରଫ ହେଲେଣି ୯**

**ସୋସିଆଲ୍ ମିଡିଆ ଉପରେ ତୀକ୍ଷ୍ଣ ନଜର**

କର୍ଫ୍ୟୁ ହଟିବା ପରେ ଛତ୍ରବଜାର, ମାଲଗୋଦାମ ସମେତ ସାରା ସହରରେ ଭିଡ଼ ପରିଲକ୍ଷିତ ହୋଇଛି। ପୁଲିସ ପକ୍ଷରୁ ବକ୍ସିବଜାର ଅଞ୍ଚଳରେ ୪୦ ପ୍ରତିଶତ ଦୋକାନ ବନ୍ଦ ରଖାଯିବା ସହ ଦରଘାବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଦୋକାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଦୋକାନଗୁଡ଼ିକ ରାତି ୯ଟାରୁ ୧୦ଟା ମଧ୍ୟରେ ବନ୍ଦ କରିବାକୁ କୁହାଯାଇଛି। ଦରଘାବଜାର ଥାନା ସମେତ ସହରର ସମ୍ବେଦନଶୀଳ ସ୍ଥାନକୁ ପୁଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ▶ପୃଷ୍ଠା-୭

## ଘାସିରାମ କଂଗ୍ରେସର ନୂଆପଡ଼ା ପ୍ରାର୍ଥୀ

■ **ଭୁବନେଶ୍ୱର, ୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ତାରିଖ ଘୋଷଣା ହେବାର ଗୋଟିଏ ଦିନ ପରେ କଂଗ୍ରେସ ଦଳ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଗତ ନିର୍ବାଚନରେ ଏହି ଆସନରୁ ସ୍ୱାଧୀନ ଭାବେ ଲଢ଼ି ପ୍ରାୟ ୫୧ ହଜାର ଭୋଟ୍ ପାଇଥିବା ଘାସିରାମ ମାଝୀଙ୍କୁ ଦଳ ଏଠାରୁ ପ୍ରାର୍ଥୀ କରିଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଅନୁମୋଦନ ପରେ ରାଜ୍ୟ କଂଗ୍ରେସ ପକ୍ଷରୁ ଘାସିରାମଙ୍କ ▶ପୃଷ୍ଠା-୭



**ଚିନ୍ତା ବଢ଼ାଉଛି ଆର୍ଥିକ ପରିଚାଳନା**

## ସରକାରଙ୍କ ସିନ୍ଦୁକରେ ବଜେଟ ବରାଦ

### ୫ ମାସରେ ଖର୍ଚ୍ଚ ହୋଇଛି ମାତ୍ର ୨୭ ପ୍ରତିଶତ ଆବଣ୍ଟିତ ଅର୍ଥ

■ **ଭୁବନେଶ୍ୱର, ୭।୧୦ (ସମିସ):** ଏକ ସମୟରେ ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ସୁନାମ ଅର୍ଜନ କରିଥିଲା। କେନ୍ଦ୍ର ସରକାର ଏଥିପାଇଁ ଓଡ଼ିଶାକୁ ବାରମ୍ବାର ପ୍ରଶଂସା କରିଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ରାଜ୍ୟର ଆର୍ଥିକ ପରିଚାଳନା କ୍ରମଶଃ ଲଗାମହୀନ ହେବାରେ ଲାଗିଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚ ଏବଂ ଯୋଜନା କାର୍ଯ୍ୟାନ୍ୱୟନରେ କ୍ରମାଗତ ଭାବେ ନିରୁତ୍ସାହଜନକ ପ୍ରଦର୍ଶନ ଜାରି ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଇ ପାରିଛି। ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ ୯୦ ହଜାର କୋଟିର

**୨୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛନ୍ତି ୧୨ଟି ବିଭାଗ**

**୨ ବିଭାଗ ଖର୍ଚ୍ଚ କରି ପାରିନାହାନ୍ତି ୨ ପ୍ରତିଶତ ଅର୍ଥ**



ବଜେଟ ବିଭିନ୍ନ ବିଭାଗକୁ ଆବଣ୍ଟନ କରାଯାଇଥିବା ବେଳେ ସରକାରଙ୍କ ୪୪ଟି ବିଭାଗ ମାତ୍ର ୭୮୪୦୧ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ବିଡ଼ମ୍ବନା ହେଉଛି କେବଳ ଦରମା, ପେନସନ ଆଦି ଅଣଯୋଜନା ବ୍ୟୟରେ ଏହାର ଏକ ବଡ଼ ଅଂଶ ବ୍ୟୟ ହୋଇଛି। ଭିତ୍ତିଭୂମି ବିକାଶ, ବିଭିନ୍ନ ଯୋଜନା ପାଇଁ ଅର୍ଥ ଆବଣ୍ଟନ ସତ୍ତ୍ୱେ ବଜେଟ ଅର୍ଥ ଖର୍ଚ୍ଚରେ ମନ୍ଥରତା ରାଜ୍ୟ ସରକାରଙ୍କ ବିତ୍ତୀୟ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ ୪୪ଟି ବିଭାଗ ମଧ୍ୟରୁ ୧୨ଟି ବିଭାଗ ନିଜ ଆବଣ୍ଟିତ ଅର୍ଥର ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ବିଭାଗ ସର୍ବନିମ୍ନ ୧.୯୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରି ୪୪ଟି ବିଭାଗ ମଧ୍ୟରେ ସବୁଠୁ ତଳ ସ୍ଥାନରେ ରହିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ୧.୯୭ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। କ୍ରୀଡ଼ା ଓ ଯୁବସେବା ବିଭାଗ ୫.୭ ପ୍ରତିଶତ ଏବଂ ଶକ୍ତି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ▶ପୃଷ୍ଠା-୭



# ପଦାର୍ଥ ବିଜ୍ଞାନରେ ତିନି ଆମେରିକୀୟଙ୍କୁ ନୋବେଲ

**ଷ୍ଟକହୋମ, ୭।୧୦ (ଏଜେନ୍ସି):** ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ଆମେରିକାର ତିନି ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଛି। ବୈଜ୍ଞାନିକ ଜନ୍ କ୍ଲାର୍କ, ମିସେଲ ଏଚ. ଡେଭୋରେଟ ଏବଂ ଜନ୍ ଏମ. ମାର୍ଟିନିସଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ସ୍ୱିଡେନର 'ରୟାଲ ସ୍ୱିଡିସ ଏକାଡେମି ଅଫ୍ ସାଇନ୍ସ' ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଲେକ୍ଟ୍ରିକ ସର୍କିଟରେ ମାକ୍ରୋସ୍କୋପିକ କ୍ୱାଣ୍ଟମ ଟନଲିଂ ଏବଂ ଏନର୍ଜି କ୍ୱାଣ୍ଟିସେସନ (ଶକ୍ତିର ସ୍ତର) ର ସନ୍ଧାନ ପାଇଁ ତିନି ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଛି। କ୍ୱାଣ୍ଟମ ଟନେଲିଂ ପ୍ରକ୍ରିୟାରେ କୌଣସି କଣିକା ବ୍ୟାରିୟର ତଥା ବାଧାକୁ ଲଙ୍ଘିବା ପରିବର୍ତ୍ତେ, ତାହାର ଆଖପାଖ ଦେଇ ବାହାରି ଯାଇଥାନ୍ତି। କିନ୍ତୁ ସାଧାରଣ ଫିଜିକ୍ସ ହିସାବରେ ଏହା ଅସମ୍ଭବ। ସାଧାରଣ ଜୀବନରେ ଏହାର ଅନେକ ଉଦାହରଣ ରହିଛି। ସାଧାରଣତଃ ଏକ ବଲ୍ କାନ୍ଥରେ ମାଡ଼ ହୋଇ ଫେରି ଆସିଥାଏ। କିନ୍ତୁ କ୍ୱାଣ୍ଟମ ଦୁନିଆରେ କ୍ଷୁଦ୍ର କଣିକା ଗୁଡିକ ବେଳେବେଳେ କାନ୍ଥ ପାର ହୋଇ ଅନ୍ୟ ପାର୍ଶ୍ୱକୁ ଚାଲି ଯାଆନ୍ତି। ଏହାକୁ କ୍ୱାଣ୍ଟମ ଟନଲିଂ କୁହାଯାଇଥାଏ।

ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ମାନବିକ ସ୍ତରରେ ମଧ କ୍ୱାଣ୍ଟମର ପ୍ରଭାବ ପଡିପାରେ ବୋଲି ଏହି ବୈଜ୍ଞାନିକମାନେ ସାବ୍ୟସ୍ତ କରିଥିଲେ। ପରମାଣୁ ଏବଂ ଅଣୁ ସ୍ତରରେ ସୀମିତ ଥିବା କ୍ୱାଣ୍ଟମ ପ୍ରଭାବକୁ ବିପୁଳ ପରିମାଣରେ ଦେଖିହେବ କି ବୋଲି ଫିଜିକ୍ସରେ ଏକ ପ୍ରଶ୍ନ ହୋଇ ରହିଥିଲା। ୧୯୮୪ ଏବଂ ୧୯୮୫ରେ କ୍ଲାର୍କ, ଡେଭୋରେଟ ଏବଂ ମାର୍ଟିନିସ୍ କାଲିଫର୍ଣ୍ଣିଆ ୟୁନିଭର୍ସିଟିରେ ଏହା ଉପରେ ସ୍ୱତନ୍ତ୍ର ପରୀକ୍ଷଣ କରିଥିଲେ। ସେମାନେ ଦୁଇଟି ସୁପର କଣ୍ଡକ୍ଟରରୁ ଏକ ବିଦ୍ୟୁତ ସର୍କିଟ ନିର୍ମାଣ କରିଥିଲେ। ଏହି ଦୁଇ ସୁପର କଣ୍ଡକ୍ଟର ମଧ୍ୟରେ ଏକ ପତଳା ଆସ୍ତରଣ ଥିଲା। ଏହା ବିଦ୍ୟୁତ ପ୍ରବାହକୁ ରୋକି ଦେଉଥିଲା। ଏହା ସତ୍ତ୍ୱେ ବୈଜ୍ଞାନିକ ଦେଖିବାକୁ ପାଇଥିଲେ ଯେ ସର୍କିଟରେ ଥିବା ସବୁ ଚାର୍ଜ କରାଯାଇଥିବା କଣିକା ଗୁଡିକ ଏକାଠି ମିଶି ଗୋଟିଏ କଣିକା ପରି ବ୍ୟବହାର କରୁଛନ୍ତି। ଏହି କଣିକା ଗୁଡିକ ପତଳା ଆସ୍ତରଣକୁ ଲଙ୍ଘି ଅପରପାର୍ଶ୍ୱକୁ ଯାଇପାରନ୍ତି।

ଏହା କ୍ୱାଣ୍ଟମ ଟନଲିଂର ପ୍ରମାଣ ଥିଲା। ଏଥିରେ ବଡ଼ ସିଷ୍ଟମରେ କ୍ୱାଣ୍ଟମ ଟନେଲିଂକୁ କେମିତି ନିୟନ୍ତ୍ରଣ ଏବଂ ବୁଝି ହେବ ତାହା ଶିକ୍ଷା କରିଥିଲେ। ଏହି ଉଦ୍ଭାବନା କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ନୂଆ ଜ୍ଞାନକୌଶଳ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଥିଲା। ଭବିଷ୍ୟତରେ ଏହା ମାଧ୍ୟମରେ କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ନୂଆ ଜ୍ଞାନକୌଶଳର ବିକାଶ ଦିଗରେ ସହାୟତା ମିଳିବ। ସେମିକଣ୍ଡକ୍ଟର, କମ୍ପ୍ୟୁଟର ଏବଂ ମାଇକ୍ରୋ ଚିପ୍ସଗୁଡିକରେ କ୍ୱାଣ୍ଟମ ଟେକ୍ନୋଲଜି ବ୍ୟବହାର ହେଉଛି। ଏହା ଦ୍ୱାରା ଚିକିତ୍ସା, ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ମଧ ଲାଭ ମିଳିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ କମ୍ପ୍ୟୁଟରେ ବ୍ୟବହୃତ ଟ୍ରାନ୍ସିଷ୍ଟର କ୍ୱାଣ୍ଟମ ଟେକ୍ନୋଲୋଜିର ବଳିଷ୍ଠ ଉଦାହରଣ। ଏହି ନୋବେଲ ବିଜେତାଙ୍କ ଉଦ୍ଭାବନା ଦ୍ୱାରା ଭବିଷ୍ୟତରେ ସୁପର ସିକ୍ୟୋର କୋଡ (କ୍ୱାଣ୍ଟମ କ୍ରିପ୍ଟୋଗ୍ରାଫି), ହାଇ ସ୍ପିଡ କମ୍ପ୍ୟୁଟର( କ୍ୱାଣ୍ଟମ କମ୍ପ୍ୟୁଟର) ଏବଂ ସୁପର ଆକ୍ୟୁରେଟ ସେନ୍‌ସର (କ୍ୱାଣ୍ଟମ ସେନ୍‌ସର) ଭଳି ସାମଗ୍ରୀ ନିର୍ମାଣ ସରଳ ହୋଇଯିବ।

# ଥମୁନି କଫ୍ ସିରପ୍ ଜନିତ ମୃତ୍ୟୁ

## ଦୁଇ ରାଜ୍ୟରେ ନେଲାଣି ୨୩ ଶିଶୁଙ୍କ ଜୀବନ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ଜୀବନ ବଞ୍ଚାଇବାକୁ ଉଦ୍ଦିଷ୍ଟ କଫ ସିରପ ଏବେ ଜୀବନ ନେଉଛି। ଔଷଧ ପ୍ରସ୍ତୁତକାରୀ କମ୍ପାନୀଙ୍କ ପାଇଁ ନିରୀହ ଶିଶୁଙ୍କ ଜୀବନ ଯାଉଛି। ଅଧିକ ରାସାୟନିକ ମିଶାଇ ଏହି କମ୍ପାନୀଗୁଡିକ ଜୀବନ ବଦଳରେ ମୃତ୍ୟୁ ବିକୁଛନ୍ତି। ଏହି ବିଷାକ୍ତ କଫ ସିରପ ପିଇ ଏ ପର୍ଯ୍ୟନ୍ତ ମଧ ପ୍ରଦେଶ ଏବଂ ରାଜସ୍ଥାନରେ ୨୩ ଶିଶୁଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୧୯ ଶିଶୁ ଏବଂ ରାଜସ୍ଥାନର ୪ ଶିଶୁ ସାମିଲ ଅଛନ୍ତି। ଏହି ମାମଲା ସାମ୍ନାକୁ ଆସିବା ପରେ ମଧ୍ୟପ୍ରଦେଶ, ରାଜସ୍ଥାନ, କେରଳ, ତାମିଲନାଡୁ ଏବଂ ପଞ୍ଜାବ ସରକାର ଏହି କଫ ସିରପର ବିକ୍ରି ଏବଂ ବ୍ୟବହାର ଉପରେ କଟକଣା ଲଗାଇ ଦେଇଛନ୍ତି। ଏହି ମାମଲାକୁ ନେଇ ସୁପ୍ରିମକୋର୍ଟରେ ଆବେଦନ ମଧ ଦାଏର କରାଯାଇଛି। ସିବିଆଇ ତଦନ୍ତ ଏବଂ ସାରା ଦେଶରେ ଔଷଧର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଦାବି କରାଯାଇଛି। ଓକିଲ ବିଶାଳ ତିୱାରୀଙ୍କ ଦ୍ୱାରା ଦାଖଲ ଏହି ଆବେଦନରେ ରାଷ୍ଟ୍ରୀୟ ନ୍ୟାୟିକ କମିଶନ କିମ୍ବା ବିଶେଷଜ୍ଞ କମିଟି ଗଠନ ନିର୍ଦ୍ଦେଶ ଏବଂ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅନୁଧ୍ୟାନରେ ତଦନ୍ତ କରାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି।

- ୫ ରାଜ୍ୟରେ କୋଲ୍‌ଡ୍ରିଫ୍ କଫ ସିରଫ ନିଷିଦ୍ଧ
- ତାମିଲନାଡୁ ସରକାର ଧରିଲେ ୩୫୦ ତ୍ରୁଟି
- ଗୁଜରାଟର ଦୁଇ କମ୍ପାନୀର କଫ ସିରପରେ ବିଷ

ଅନ୍ୟପକ୍ଷରେ ଏହି ମାମଲାରେ ତାମିଲନାଡୁର 'ଡ୍ରଗ୍ସ କଣ୍ଟ୍ରୋଲ ଡିପାର୍ଟମେଣ୍ଟ' ସିରପ ପ୍ରସ୍ତୁତକାରୀ କମ୍ପାନୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। କାଞ୍ଚିପୁରମ ସ୍ଥିତ କମ୍ପାନୀ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଏହି କୋଲଡ୍ରିଫ କଫ ସିରପ ପ୍ରସ୍ତୁତ କରୁଛି। ପାଞ୍ଚ ଦିନ ମଧ୍ୟରେ ଜବାବ ଦେବା ପାଇଁ କମ୍ପାନୀକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଔଷଧରେ ପ୍ରସ୍ତୁତ କଞ୍ଚାମାଲର ବିଲ୍ ଏବଂ ଏହାର ଯାଞ୍ଚ ରିପୋର୍ଟ, ଔଷଧ ପ୍ୟାକିଂରେ ବ୍ୟବହୃତ ସାମଗ୍ରୀ ବିବରଣୀ, ଔଷଧରେ ବ୍ୟବହୃତ ପ୍ରୋପାଇଲିନ ଗ୍ଲାଇକୋଲ କ୍ରୟର ବିଲ୍, ମାଷ୍ଟର ଫର୍ମୁଲା ସଟ୍ ଏବଂ ରାସାୟନିକ ବିବରଣୀ ମଗାଯାଇଛି। ସେହିପରି ଗୁଜରାଟର ଦୁଇ କମ୍ପାନୀ ରିଲାଇଫ ସିରପ ଏବଂ ରେସ୍ପିଫ୍ରେସ ଟିଆରର କଫ ସିରପ ନମୁନାରୁ ବିଷାକ୍ତ ଡାଇଏଥିଲିନ ଗ୍ଲାୟକୋଲ (ଡିଇଜି) ଏବଂ ଏଥିଲି ଗ୍ଲାୟକୋଲ (ଇଜି) ମାତ୍ରା ଅଧିକ ଥିବା ଜଣାପଡ଼ିଛି। ଛିନ୍ଦୱାଡାରୁ ନିଆଯାଇଥିବା ୧୯ ଔଷଧରୁ ନମୁନା ପରୀକ୍ଷଣରୁ ଏହା ସାମ୍ନାକୁ ଆସିଛି। ମଧ୍ୟପ୍ରଦେଶରେ ଏହି ଦୁଇ ସିରପ ବିକ୍ରି ଏବଂ ମହଜୁଦ ଉପରେ କଟକଣା ଲଗାଇ ଦିଆଯାଇଛି। ଏହାର ତଦନ୍ତ ପାଇଁ ଗୁଜରାଟ ସରକାରଙ୍କୁ ମଧ ଚିଠି ଲେଖାଯାଇଛି।

ଏହା ପୂର୍ବରୁ ତାମିଲନାଡୁ ସରକାରଙ୍କ ଯାଞ୍ଚ କମିଟି କୋଲ୍‌ଡ୍ରିଫ ପ୍ରସ୍ତୁତକାରୀ ଶ୍ରୀସନ ଫାର୍ମାସ୍ୟୁଟିକାଲ୍ସର କାରଖାନାରେ ୩୫୦ରୁ ଅଧିକ ତ୍ରୁଟି ଧରିଛି। ଏହାକୁ କ୍ରିଟିକାଲ ଏବଂ ମେଜର ଶ୍ରେଣୀରେ ରଖାଯାଇଥିଲା। ରିପୋର୍ଟ ଅନୁଯାୟୀ ଏହି କମ୍ପାନୀରେ ଔଷଧ ପ୍ରସ୍ତୁତ କରିବା ପାଇଁ ଯୋଗ୍ୟ ଏବଂ ପ୍ରଶିକ୍ଷିତ କର୍ମଚାରୀ ନ ଥିଲେ। କାରଖାନାର ସ୍ଥିତି ବହୁତ ଖରାପ ଥିଲା। ସଫାସୁତୁରା କରାଯାଉ ନ ଥିଲା। ବାୟୁ ଚଳାଚଳର ସଠିକ ବ୍ୟବସ୍ଥା ମଧ ନ ଥିଲା। ଅନେକ ମେସିନ ଭାଙ୍ଗି ଯାଇ କଳଙ୍କି ଲାଗିଥିଲା। କାରଖାନାରେ ସୁରକ୍ଷା ପାଇଁ ଜରୁରୀ ଉପକରଣ ନ ଥିଲା। ଔଷଧ ପ୍ରସ୍ତୁତ ପାଇଁ ନିମ୍ନମାନର ଏବଂ ଅଣ-ଫାର୍ମା ମାନର ରାସାୟନିକ ବ୍ୟବହାର କରାଯାଉଥିଲା। କମ୍ପାନୀ ବିନା ବିଲ୍‌ରେ ୫୦ କେଜି ପ୍ରୋପାଇଲିନ ଗ୍ଲାଇକୋଲ କ୍ରୟ କରିଥିଲା। ଔଷଧରୁ ଡିଇଜି ଭଳି ବିଷାକ୍ତ କେମିକାଲ ମିଳିଥିଲା। ତରଳ ଔଷଧକୁ ପ୍ଲାଷ୍ଟିକ ପାଇପରେ ସ୍ଥାନାନ୍ତର କରାଯାଉଥିଲା। ଏହା ଦ୍ୱାରା ଔଷଧ ଖରାପ ହୋଇପାରେ।



କାରଖାନାରେ ଔଷଧ ଛାଣିବାକୁ ମଧ କୌଣସି ବ୍ୟବସ୍ଥା ନ ଥିଲା। କାରଖାନାର ଅପରିଷ୍କାର ପାଣିକୁ ସିଧା ନାଳକୁ ଛଡ଼ା ଯାଉଥିଲା। ଏହା ମଧ୍ୟରେ କଫ ସିରପ ମୃତ୍ୟୁକୁ ନେଇ ମଧ୍ୟପ୍ରଦେଶ ସରକାରଙ୍କୁ ବିରୋଧୀ ଦଳ ନେତା ଉମଙ୍ଗ ସିଙ୍ଘାର ତୀବ୍ର ସମାଲୋଚନା କରିଛନ୍ତି। ସେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ କଫ ସିରପ ପିଇବା ଯୋଗୁ କିଡନୀ ଫେଲ ହୋଇ ୧୯ ଶିଶୁଙ୍କ ମୃତ୍ୟୁ ହୋଇଛି। ପରାସିଆରେ ବିଧାୟକ ସୋହନ ବାଲ୍ମିକୀଙ୍କ ପ୍ରଥମ ଶିଶୁର ମୃତ୍ୟୁ ହେବା ପରେ ଜିଲ୍ଲାପାଳଙ୍କଠାରୁ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ଚିଠି ଲେଖିଥିଲେ। ବିକ୍ଷୋଭ କରିଥିବା ସତ୍ତ୍ୱେ ସରକାର ଚେଇଁ ନ ଥିଲେ। ଏହା ଦୁର୍ନୀତି ଏବଂ କମିଶନର ମାମଲା। ଏହି ମାମଲାର ନ୍ୟାୟିକ ତଦନ୍ତ ହେବା ଉଚିତ। ଛୋଟ ମୋଟ ଘଟଣାରେ ସରକାର ଲୋକଙ୍କ ଘର ଉପରେ ବୁଲ୍‌ଡୋଜର ଚଢ଼ାଇ ଦେଉଛନ୍ତି। ଏହି ମାମଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଲାଙ୍କ ଘର ଉପରେ ବୁଲ୍‌ଡୋଜର ଚଢ଼ାଯିବ କି ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି।

## ରାଏବରେଲିରେ ଯୁବକଙ୍କୁ ପିଟି ପିଟି ହତ୍ୟା

**ରାଏବରେଲି, ୭।୧୦ (ଏଜେନ୍ସି):** ଉତ୍ତର ପ୍ରଦେଶ ରାଏବରେଲିରେ ଈଶ୍ୱରଦାସପୁର ଗ୍ରାମରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାରେ ଏକ ଯୁବକଙ୍କୁ ପିଟି ପିଟି ଲୋକେ ହତ୍ୟା କରିଛନ୍ତି। ରେଳଧାରଣ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଯୁବକଙ୍କୁ ଅଧମରା କରି ଏଠାରେ ପକାଇ ଦିଆଯାଇଥିଲା। ତାଙ୍କ ଶରୀର ଏବଂ ଗୁପ୍ତାଙ୍ଗରେ କ୍ଷତ ଚିହ୍ନ ରହିଛି। ସାରା ଶରୀରରେ ନୀଳ ଏବଂ କଳା ଦାଗ ଦେଖାଯାଉଛି। ଗତ ୨ ତାରିଖରେ ପୀଡ଼ିତ ହରିଓମ୍ (୩୮) ଙ୍କ ହତ୍ୟା କରାଯାଇଥିଲା। ସୂଚନା ଅନୁଯାୟୀ ଗତ ୧ ତାରିଖରେ ରାତିରେ ପରବା ଗ୍ରାମର ବାସିନ୍ଦା ହରିଓମ ଈଶ୍ୱରଦାସପୁର ଯାଉଥିଲେ। ଏହି ସମୟରେ ତାଙ୍କୁ ୨୫ ଗ୍ରାମବାସୀ ଧରି ପକାଇ ଚୋର କହି ପିଟିବା ଆରମ୍ଭ କରିଥିଲେ। ମାତ୍ର ଚୋର ନୁହେଁ ବୋଲି କହିବା ସତ୍ତ୍ୱେ ଲୋକେ ତାକୁ ଛାଡ଼ି ନ ଥିଲେ। ଅନବରତ ଭାବେ ନୃଶଂସ ଭଳି ବେଲ୍ଟ, ବାଡି ମାଡ଼ ମାରିଥିଲେ। ଅର୍ଦ୍ଧନଗ୍ନ କରି ସାର୍ଟରେ ହାତ ବାନ୍ଧି ଦେଇଥିଲେ। ଏହାର ସୂଚନା ପାଇ ପୁଲିସ ପହଞ୍ଚି ଥିଲେ ମଧ କୌଣସି ପଦକ୍ଷେପ ନ ନେଇ ପଳାଇ ଆସିଥିଲା। ଏହା ପରେ ଲୋକେ ଅଧମରା କରି ରେଳଧାରଣା କଡ଼ରେ ଫୋପାଡ଼ି ଚାଲି ଯାଇଥିଲେ। ଏହି ମାମଲାକୁ ନେଇ କଂଗ୍ରେସର ରାଏବରେଲି ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଦଳିତ ଯୁବକ ହରିଓମଙ୍କ ହତ୍ୟା କେବଳ ଜଣେ ମନୁଷ୍ୟର ନୁହେଁ, ବରଂ ମାନବିକତା, ସମ୍ବିଧାନ ଏବଂ ନ୍ୟାୟକୁ ମାରି ଦିଆଯାଇଛି। ଦେଶରେ ଘୃଣା, ହିଂସା ଏବଂ ଉପଦ୍ରବୀଙ୍କୁ ସରକାରୀ ସଂରକ୍ଷଣ ମିଳୁଛି। ସମ୍ବିଧାନର ସ୍ଥାନ ବୁଲ୍‌ଡୋଜର ଏବଂ ନ୍ୟାୟର ବଦଳରେ ଭୟ ସୃଷ୍ଟି ହେଉଛି। କିନ୍ତୁ ଏହି ଦେଶ ସମ୍ବିଧାନରେ ଚାଲିବ, ଉପଦ୍ରବୀଙ୍କ ଦ୍ୱାରା ନୁହେଁ। ଭାରତର ଭବିଷ୍ୟତ ସମାନତା ଏବଂ ମାନବିକତା ଉପରେ ତିଷ୍ଠିଛି। ଏହା ସହିତ ରାହୁଲ ହରିଓମଙ୍କ ପରିବାର ସହ ଫୋନ କରି କଥା ହୋଇଛନ୍ତି। ତାଙ୍କୁ ନ୍ୟାୟର ଆଶ୍ୱାସନା ଦେଇଛନ୍ତି।

## ୪୦ ହଜାର ଆଇଫୋନ୍ ଚୋରାଇ ପଠାଇ ଥିଲେ ଚୀନ୍

**ଲଣ୍ଡନ, ୭।୧୦ (ଏଜେନ୍ସି):** ବ୍ରିଟେନ ପୁଲିସ ଏକ ଅନ୍ତର୍ଜାତୀୟ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଏହାର ସଦସ୍ୟ ଦେଶରୁ ଆଇଫୋନ ଚୋରି କରି ବିଦେଶକୁ ଚାଲାଣ କରୁଥିଲେ। ବର୍ଷରେ ମଧ୍ୟରେ ଏହି ଅପରାଧି ଗୋଷ୍ଠୀ ୪୦ ହଜାରରୁ ଅଧିକ ଆଇଫୋନ ଚୋରି କରି ଚୀନ୍ ପଠାଇ ଥିଲେ। ଫୋନ୍ ଚୋରଙ୍କ ବିରୋଧରେ ଦେଶର ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରି ପୁଲିସ ୧୮ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଜଣେ ଭାରତୀୟ ଏବଂ ଦୁଇ ଜଣ ଆଫଗନ ନାଗରିକ ସାମିଲ ଅଛନ୍ତି। ଏହି ଚୋରଙ୍କ ନିକଟରୁ ୨ ହଜାରରୁ ଅଧିକ ଫୋନ ମଧ ଜବତ କରାଯାଇଛି। ଲଣ୍ଡନରୁ ଚୋରି କରିଥିବା ମୋଟ୍ ଫୋନ୍‌ର ୫୦ ପ୍ରତିଶତକୁ ବିଦେଶ ପଠାଇ ଥିଲେ ବୋଲି ପୁଲିସ ଦାବି କରିଛି। ଗତ ବର୍ଷ କ୍ରିସମାସରେ ପ୍ରଥମେ ଏହି ଘଟଣା ସାମ୍ନାକୁ ଆସିଥିଲା। ଆଇଫୋନ ଚୋରି ହେବାରୁ ଜଣେ ବ୍ୟକ୍ତି ମେଟ୍ରୋପଲିଟାନ ପୁଲିସକୁ ଅଭିଯୋଗ କରିଥିଲେ। ଯାଞ୍ଚ ପରେ ହିଥ୍ରୋ ବିମାନବନ୍ଦର ନିକଟରେ ଥିବା ଏକ ଗୋଦାମରୁ ଏହାର ଲୋକେସନ ମିଳିଥିଲା। ଏଠାରେ ଚଢ଼ଉ କରି ଏକ ଡବାରେ ଥିବା ୮୯୪ ଫୋନ ଜବତ କରିଥିଲା। ତଦନ୍ତ ପରିସର ବଢ଼ିବାରୁ ସମ୍ପୂର୍ଣ୍ଣ ର୍‍ୟାକେଟର ପର୍ଦ୍ଦାଫାସ ହୋଇଥିଲା। ଚୋରଙ୍କୁ ଆଇଫୋନ ପିଛା ୩୦୦ ପାଉଣ୍ଡ ମିଳୁଥିଲା। ଚୀନ୍‌ରେ ଏହାକୁ ୪ ହଜାର ପାଉଣ୍ଡରେ ବିକ୍ରି କରାଯାଉଥିଲା।

## ୬୦ କୋଟିର ଠକେଇ ମାମଲାରେ ଶିଳ୍ପାଙ୍କୁ ଜେରା କଲା ଇଓଡବ୍ଲ୍ୟୁ

**ମୁମ୍ବଇ, ୭।୧୦ (ଏଜେନ୍ସି):** ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ମୁମ୍ବାଇର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜେରା କରିଛି। ୬୦ କୋଟି ଟଙ୍କାର ଠକେଇ ମାମଲାରେ ସୋମବାର ମୁମ୍ବଇ ସ୍ଥିତ ବାସଭବନରେ ଶିଳ୍ପାଙ୍କୁ ସାଢେ ଚାରି ଘଣ୍ଟା ପର୍ଯ୍ୟନ୍ତ ପଚରାଉଚୁରା କରାଯାଇଛି। ଏହି ମାମଲାରେ ଅଭିନେତ୍ରୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରାଜ କୁନ୍ଦ୍ରା ମଧ ଅଭିଯୁକ୍ତ ଅଛନ୍ତି। ଏହାକୁ ନେଇ ତାଙ୍କ ସହିତ ୫ ଜଣଙ୍କ ବୟାନ ରେକର୍ଡ କରାଗଲାଣି। ସୂଚନା ଅନୁଯାୟୀ ଗତ ଅଗଷ୍ଟରେ ଶିଳ୍ପା ଏବଂ ରାଜଙ୍କ ବିରୋଧରେ ୬୦ କୋଟିର ଠକେଇ ମାମଲା ରୁଜୁ କରିଥିଲେ। ଏଥିରେ ସେ କହିଥିଲେ ଯେ ଏଜେଣ୍ଟ ରାଜେଶ ଆର୍ଯ୍ୟାଙ୍କ ମାଧ୍ୟମରେ ସେ ଶିଳ୍ପା ଏବଂ କୁନ୍ଦ୍ରାଙ୍କୁ ଭେଟିଥିଲେ। ସେ ସମୟରେ ଉଭୟେ ବେଷ୍ଟ ଡିଲ୍ ଟିଭିର ନିର୍ଦ୍ଦେଶକ ଥିଲେ। ଶିଳ୍ପାଙ୍କ ପାଖରେ କମ୍ପାନୀର ୮୭ ପ୍ରତିଶତ ସେୟାର ଥିଲା। ଏକ ବୈଠକ ପରେ ଏହି ଦମ୍ପତିଙ୍କ କମ୍ପାନୀଙ୍କୁ ଦୀପକ ଋଣ ଦେବେ ବୋଲି ଧାର୍ଯ୍ୟ ହୋଇଥିଲା। ବାର୍ଷିକ ୧୨ ପ୍ରତିଶତ ସୁଧରେ ୭୫ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ଟିକସ ସମସ୍ୟାକୁ ଦେଖି ଏହାକୁ ନିବେଶ ଭାବେ ଦେଖାଇବା ପାଇଁ ଶିଳ୍ପା କୋଠାରିଙ୍କୁ ଅନୁରୋଧ କରିଥିଲେ। ପ୍ରତି ମାସରେ ରିଟର୍ଣ୍ଣ ଦେବେ ବୋଲି କହିଥିଲେ। ମାତ୍ର ୨୦୧୫ ଏବଂ ୨୦୧୬ରେ ଟଙ୍କା ପାଇବା ପରେ ଶିଳ୍ପା ଅର୍ଥ ଫେରାଇ ନ ଥିଲେ।

## ସଡ଼କ ସୁରକ୍ଷା ପାଇଁ ରାଜ୍ୟଙ୍କୁ ୬ ମାସ କଣ୍ଟଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** 'ମୋଟର ଯାନ ଆଇନ' ଅଧିନରେ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ ପାଇଁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ୬ ମାସ ସମୟ ଦେଇଛନ୍ତି। ଏହି ଅବଧି ଭିତରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ନିୟମ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଜାତୀୟ ରାଜପଥ ବ୍ୟତୀତ ଅନ୍ୟ ରାସ୍ତାର ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରିବାକୁ ସବୁ ରାଜ୍ୟଙ୍କୁ ଜଷ୍ଟିସ ଜେପି ପାରଦିୱାଲା ଏବଂ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି। ଜାତୀୟ ରାଜପଥ ଏବଂ ଅନ୍ୟ ସାର୍ବଜନୀନ ସ୍ଥାନରେ ପଦଯାତ୍ରୀ ଏବଂ ଅଣ-ମୋଟର ଚାଳିତ ଯାନବାହନ ସୁରକ୍ଷାକୁ ନେଇ ପର୍ଯ୍ୟାପ୍ତ ବ୍ୟବସ୍ଥା ନିମନ୍ତେ ମଙ୍ଗଳବାର ବିସ୍ତୃତ ନିର୍ଦ୍ଦେଶ ଜାରି କରିଛନ୍ତି। ହେଲମେଟ ନ ପିନ୍ଧିବା, ଭୁଲ ଲେନରେ ଗାଡି ଚଲାଇବା ଏବଂ ଗାଡିରେ ଅନଧିକୃତ ହର୍ଣ୍ଣ ବଜାଇବା ଭଳି ସଡ଼କ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ଦିଗ ଉପରେ କଠୋର ନିୟମ ଆଣିବା ପାଇଁ କହିଛନ୍ତି।

# ନିଜକୁ ଗୁଳି ମାରି ଆଇପିଏସ୍‌ଙ୍କ ଆତ୍ମହତ୍ୟା



**ଚଣ୍ଡିଗଡ଼, ୭।୧୦ (ଏଜେନ୍ସି):** ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୂରନ କୁମାର ମଙ୍ଗଳବାର ଦ୍ୱିପହରେ ଆତ୍ମହତ୍ୟା କରିଛନ୍ତି। ସେ ଚଣ୍ଡିଗଡ଼ର ସେକ୍ଟର-୧୧ ସ୍ଥିତ ବାସଭବନରୁ ନିଜ ସର୍ଭିସ ରାଇଫଲରୁ ନିଜକୁ ଗୁଳି ମାରିଛନ୍ତି। ଏହାର ସୂଚନା ମିଳିବା ପରେ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲାଞ୍ଚ ମାଗିବା ମାମଲାରେ ତାଙ୍କ ବ୍ୟକ୍ତିଗତ ଗାର୍ଡ ଗିରଫ ହେବା ପରେ ସେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ଜେରା ସମୟରେ ପୁରନ୍‌ଙ୍କ ପାଇଁ ସେ ଲାଞ୍ଚ ମାଗୁଥିବା କହିଥିଲେ। ଆଇଏଏସ ଅଧିକାରୀ ମହମ୍ମଦ ସାଇନ ଏବଂ ବିଜୟ ଦହିଆ ଘଟଣାସ୍ଥଳରେ ପହଞ୍ଚି କୋଠାରେ ଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଚଣ୍ଡିଗଡ଼ ଏସଏସପି କଓ୍ୱଁରଦୀପ କୌର କହିଛନ୍ତି ଯେ ୨୦୦୧ ବ୍ୟାଚ୍‌ର ଆଇପିଏସ ପୁରନ କୁମାରଙ୍କ ମୁଣ୍ଡରେ କ୍ଷତ ଚିହ୍ନ ରହିଛି। ଏବେ ଏ ବିଷୟରେ କିଛି କହିହେବ ନାହିଁ।

ସୂଚନା ଅନୁଯାୟୀ ଗତ ୨୯ ତାରିଖରେ ରୋହତକର ସୁନାରିଆ ସ୍ଥିତ ପୁଲିସ ଟ୍ରେନିଂ କଲେଜ (ପିଟିସି)ରେ ଆଇଜି ଭାବେ ପୁରନଙ୍କୁ ମୁତୟନ କରାଯାଇଥିଲା। ସେ ୭ ତାରିଖ ପର୍ଯ୍ୟନ୍ତ ଛୁଟିରେ ଥିଲେ ବୋଲି କୁହାଯାଉଛି। ମାତ୍ର ହରିୟାଣା ପୁଲିସ ପାଖରେ ଏ ସମ୍ବନ୍ଧିତ କୌଣସି ସୂଚନା ନାହିଁ। ପୁରନଙ୍କ ପତ୍ନୀ ଅମନୀତ ପି. କୁମାର ଜଣେ ବରିଷ୍ଠ ଆଇଏଏସ ଅଧିକାରୀ। ସେ ଏବେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ପ୍ରତିନିଧିମଣ୍ଡଳରେ ଜାପାନ ଗସ୍ତରେ ଯାଇଛନ୍ତି। ଏହି ପ୍ରତିନିଧିମଣ୍ଡଳ ମଙ୍ଗଳବାର ସନ୍ଧ୍ୟାରେ ଭାରତ ଫେରିବ। ଅମନୀତ ଏବେ ବେସାମରିକ ବିମାନ ଚଳାଚଳ ବିଭାଗର ସଚିବ ଅଛନ୍ତି। ଚଣ୍ଡିଗଡ଼ ସେକ୍ଟର-୧୬ ସ୍ଥିତ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପୁରନଙ୍କ ବ୍ୟବଚ୍ଛେଦ ହେବ। ସେ ୨୦୩୩ ମେ' ୩୧ରେ ଅବସରଗ୍ରହଣ କରିଥାନ୍ତେ। ପୁରନ ଏବଂ ଅମନୀତଙ୍କ ଦୁଇ ଝିଅ ଅଛନ୍ତି। ଜଣେ ଚଣ୍ଡିଗଡ଼ରେ ଏବଂ ଅନ୍ୟ ଜଣେ ବିଦେଶରେ ପାଠ ପଢୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ସହ ଜାପାନ ଗସ୍ତରେ ଯାଇଛନ୍ତି ଆଇଏଏସ ପତ୍ନୀ**

ସୂଚନା ଅନୁଯାୟୀ ପୁରନ ତିନି ମହଲା କୋଠାର ବେସମେଣ୍ଟ (ତଳ ମହଲା)ରେ ଆତ୍ମହତ୍ୟା କରିଛନ୍ତି। ସେ ଝିଅ ସହ ସକାଳେ ପ୍ରଥମ ମହଲାରେ ଥିଲେ। ପରେ ତଳ ମହଲାକୁ ଯାଇ ଚୌକିରେ ବସି ଆତ୍ମହତ୍ୟା କରିଥିଲେ। କିଛି ସମୟ ପରେ ଝିଅ ତଳକୁ ଯିବା ପରେ ବାପାଙ୍କ ରକ୍ତ ଜୁଡୁବୁଡ଼ ମୃତଦେହ ଦେଖିବାକୁ ପାଇ ପୁଲିସକୁ ସୂଚନା ଦେଇଥିଲେ। ଏହି କୋଠାର ବାହାରେ ଜଣେ ସିକ୍ୟୁରିଟି ଗାର୍ଡ ମୁତୟନ ଥିଲେ। ତେବେ ସେ ପିସ୍ତଲ ଶବ୍ଦ ଶୁଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଏହି ଆଇପିଏସ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ଥିଲେ। ସେ ୨୦୨୦ରେ ଛୁଟି ଦିନରେ ମନ୍ଦିର ଯିବାକୁ ନେଇ ବିବାଦ ହେବାରୁ ପୂର୍ବତନ ଡିଜିପିଙ୍କ ବିରୋଧରେ ଅମ୍ବାଲା ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଏହା ସହିତ ଅନୁସୂଚିତ ଜାତିର ଅଧିକାରୀଙ୍କ ଫିଲ୍ଡ ପୋଷ୍ଟିଂରେ ଭେଦଭାବ ପ୍ରସଙ୍ଗ ଉଠାଇ ଥିଲେ। ସେ ୨୦୨୪ରେ ହରିୟାଣା ବିଧାନସଭା ନିର୍ବାଚନ ସମୟରେ ଆଇପିଏସ ଅଧିକାରୀଙ୍କ ପୋଷ୍ଟିଂକୁ ନେଇ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଥିଲେ। ଅଧିକାଂଶ କ୍ଷମତାସୀନ ଦଳର ଘନିଷ୍ଠ ଥିବାରୁ ବଦଳି ହେବା ଉଚିତ ବୋଲି କହିଥିଲେ। ସେହିପରି ଗତ ବର୍ଷ ନୂଆ ଇନୋଭା କାର୍ ନ ମିଳିବାରୁ ନିଜର ପୁରୁଣା ହୋଣ୍ଡା ସିଟି କାର୍ ଫେରାଇ ଦେଇଥିଲେ। ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଅଧିକାରୀଙ୍କୁ ଗାଡ଼ି ପ୍ରଦାନର ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଥିଲେ।

## ରୁଷ୍ ପକ୍ଷରୁ ଯୁଦ୍ଧ ଲଢୁଥିବା ଭାରତୀୟ ଛାତ୍ରଙ୍କ ଆତ୍ମସମର୍ପଣ

**କିଭ, ୭।୧୦ (ଏଜେନ୍ସି):** ରୁଷ ପକ୍ଷରୁ ଯୁଦ୍ଧ ଲଢୁଥିବା ଭାରତୀୟ ଛାତ୍ର ମୋଜିବ ସାହିଲ ମହମ୍ମଦ ହୁସୈନ ୟୁକ୍ରେନ ସେନା ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଗୁଜରାଟ ମୋରବି ସହରର ବାସିନ୍ଦା। ପାଠପଢ଼ିବାକୁ ସେ ରୁଷ ଯାଇଥିଲେ। ୟୁକ୍ରେନ ପକ୍ଷରୁ କୁହାଯାଇଛି ଯେ ମୋଜିତଙ୍କୁ ନିଶା ସେବନ ମାମଲାରେ ୭ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ଜେଲ୍‌ରୁ ବର୍ତ୍ତିବା ଲାଗି ତାଙ୍କୁ ଯୁଦ୍ଧ ଲଢିବାକୁ କୁହାଯାଇଥିଲା। ୧୬ ଦିନର ପ୍ରଶିକ୍ଷଣ ପରେ ସେ ଗତ ୧ ତାରିଖରେ ଯୁଦ୍ଧରେ ସାମିଲ ହୋଇ ତିନି ଦିନ ପରେ ଆତ୍ମସମର୍ପଣ କରିଥିଲେ।

**ଗାଜା ଯୁଦ୍ଧକୁ ଦୁଇ ବର୍ଷ**

# ୬୭ ହଜାରରୁ ଊର୍ଦ୍ଧ୍ୱ ମୃତ, ୯୦% ସ୍କୁଲ ଧ୍ୱଂସ

**ଗାଜା, ୭।୧୦ (ଏଜେନ୍ସି):** ହମାସ ଆକ୍ରମଣରୁ ଆରମ୍ଭ ହୋଇଥିବା ଗାଜା ଯୁଦ୍ଧକୁ ମଙ୍ଗଳବାରୁ ଦୁଇ ବର୍ଷ ପୂରଣ ହୋଇଛି। କ୍ରମାଗତ ବୋମା ମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗାଜା ଷ୍ଟ୍ରିପ୍ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ମିଳିତ ଜାତିସଂଘ (ୟୁଏନ)ର ସାଟେଲାଇଟ ରିପୋର୍ଟ ଅନୁଯାୟୀ ଯୁଦ୍ଧ ପାଇଁ ଗାଜାର ୮୦ ପ୍ରତିଶତ କୋଠା କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୯୦ ପ୍ରତିଶତ ସ୍କୁଲ ଭୂତକୋଠିରେ ପରିଣତ ହୋଇଯାଇଛି। ୧୮ ହଜାର ଶିଶୁଙ୍କ ସମେତ ୬୭ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ୩୯, ୩୮୪ ଶିଶୁ ନିଜ ମାତାପିତାଙ୍କ ମଧ୍ୟରୁ ଜଣକୁ ହରଇଛନ୍ତି। ୧୭ ହଜାର ଶିଶୁ ମାତାପିତା ଉଭୟଙ୍କୁ ହରାଇଛନ୍ତି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ୯୮.୫ ପ୍ରତିଶତ କ୍ଷେତ ନଷ୍ଟ ହୋଇଯାଇଛି। ଲକ୍ଷାଧିକ ପାଲେଷ୍ଟିନୀୟ ଟେଣ୍ଟରେ ରହିବାକୁ ବାଧ ହେଉଛନ୍ତି। ଏଠାରେ ଖାଦ୍ୟ, ପାନୀୟ, ବିଦ୍ୟୁତ ଏବଂ ଚିକିତ୍ସା ବିନା କାଳତିପାତ କରୁଛନ୍ତି। ଭୋକ ଉପାସରେ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ଗାଜା ଅସହାୟଙ୍କ ସହର ପାଲଟି ଯାଇଛି। ଚାରିଆଡେ ଯୁଦ୍ଧ ବିଭୀଷିକା ଦେଖିବାକୁ ମିଳୁଛି। ୮୦ ପ୍ରତିଶତ ଅଞ୍ଚଳ ମିଲିଟାରୀ ଜୋନ୍ ହୋଇଯାଇଛି। ଏଠାରେ ସାଧାରଣ ନାଗରିକଙ୍କ ପ୍ରବେଶ ନିଷିଦ୍ଧ ରହିଛି। ଏହା ସହର ନୁହେଁ, ବରଂ ଜୀବିତ ଲୋକଙ୍କ କ୍ୟାମ୍ପ ହୋଇ ରହିଛି ବୋଲି ଉଦ୍ଧାରକାରୀ ଏଜେନ୍ସିଙ୍କ ପକ୍ଷରୁ କୁହାଯାଇଛି।

୨୦୨୩ ଅକ୍ଟୋବର ୭ରେ ଆତଙ୍କବାଦୀ ସଂଗଠନ ହମାସ ଅନୁପ୍ରବେଶ କରି ଅନେକ ଇସ୍ରାନ ନାଗରିକଙ୍କୁ ହତ୍ୟା କରିଥିଲା। ୨୫୧ ଜଣଙ୍କୁ ପଣବନ୍ଦୀ କରି ରଖିଥିଲା। ଏହାକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ତୁରନ୍ତ ଯୁଦ୍ଧ ଘୋଷଣା କରି ହମାସ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଏହି ଯୁଦ୍ଧ ଯୋଗୁଁ ଗାଜାର ୨୩ ଲକ୍ଷ ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ବାସ ହରାଇ ଥିଲେ। ଯୁଦ୍ଧରେ ଅଧାରୁ ଅଧିକ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହା ଦ୍ୱାରା ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଗାଜାରେ ୫୪ ନିୟୁତ ଟନ୍‌ରୁ ଅଧିକ ଅବଶେଷ ଗଦା ହୋଇ ରହିଛି। ଏହାକୁ ସଫା କରିବା ପାଇଁ ୧୦ ବର୍ଷ ଏବଂ ୧.୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଇସ୍ରାଏଲ ଏକ କିମିର ବଫର ଜୋନ ଏବଂ ୪ ସୈନ୍ୟ କରିଡର ଗଠନ କରିଛି। ମୋରାଗ କରିଡର ଗାଜାକୁ ଦୁଇ ଭାଗରେ ବିଭାଜିତ କରିଦେଇଛି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବକୁ ଇସ୍ରାଏଲ ସମ୍ପୂର୍ଣ୍ଣ ଏବଂ ହମାସ ଆଂଶିକା ଭାବେ ସ୍ୱୀକାର କରିଥିବାରୁ ଯୁଦ୍ଧ ବନ୍ଦ ହେବାର ଆଶା ପ୍ରକାଶ ପାଇଛି।



# ୧୧ ଯାଏଁ ଲାଗିରହିବ ବର୍ଷା

ଭୁବନେଶ୍ୱର, ୭।୧୦(ସମିସ): ରାଜ୍ୟ ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ସ୍ଥିତି ଆହୁରି ୪ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓ ଉପକୂଳରେ ବର୍ଷାର ପରିମାଣ ଅଧିକ ହେବାକୁ ଥିବା ବେଳେ ଏହି ସମୟରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ନେଇ ମଧ୍ୟ ଆଶଙ୍କା କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସୋମବାର ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବ ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅନ୍ୟପଟେ ବୁଧବାର କେନ୍ଦ୍ରୀୟ-ପଶ୍ଚିମ ବଙ୍ଗୋପସାଗରର ଆନ୍ଧ୍ର ଉପକୂଳ ଦୂରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହି ଦୁଇଟିଯାକ ଘୂର୍ଣ୍ଣିବଳୟ ସମ୍ଭବତଃ ୧୦ କିମ୍ବା ୧୧ ତାରିଖରେ ମିଶି ଏକ ବିସ୍ତୃତ ଘୂର୍ଣ୍ଣିବଳୟରେ ପରିଣତ ହେବ। ଏହା ପ୍ରଭାବରେ ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ଦିନ ସ୍ୱଳ୍ପ (୧୫ ମିମି) ଓ ସ୍ଥାନେସ୍ଥାନେ ମଧ୍ୟମଧରଣର ବର୍ଷା ହୋଇପାରେ। ତା'ପର ଦୁଇଦିନ ୧୦ ଓ ୧୧ରେ ଦକ୍ଷିଣ ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଏବଂ ୧୨ ଓ ୧୩ରେ ସମୁଦ୍ର ସଂଲଗ୍ନ ଅଞ୍ଚଳ ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତିରେ ସ୍ୱଳ୍ପ ବର୍ଷାର ସମ୍ଭାବନା ରହିଛି। ୭ରୁ ୧୧ତାରିଖ ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ୧୪ରୁ ସମ୍ଭବତଃ ରାଜ୍ୟରେ ପାଗ ଶୁଖିଲା ରହିବା ନେଇ ଆକଳନ କରାଯାଇଛି।

ଗତ ୩୬ ଘଣ୍ଟା ମଧ୍ୟରେ ପାରାଦୀପରେ ୭୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୫୨, ତାଳଚେର ୩୮, ସମ୍ବଲପୁର ୫୩ ଓ ଦାରିଙ୍ଗବାଡ଼ିରେ ୫୧ ମିମି ବର୍ଷା ରେକର୍ଡ ହୋଇଛି। ବୁଧବାର ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

**ଗଞ୍ଜାମରେ ବିଜେପି ନେତାଙ୍କ ହତ୍ୟା ଘଟଣାରେ ବିଜେଡିର ପ୍ରତିକ୍ରିୟା**

# ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଅଣାୟତ୍ତ: ବିଜେଡି

ଭୁବନେଶ୍ୱର, ୭।୧୦ (ସମିସ): ଗତ ଏକ ସପ୍ତାହରେ ଧାରାବାହିକ ଭାବେ ଘଟିଥିବା ଅପରାଧଗୁଡ଼ିକ ଉପରେ ତର୍ଜମା କଲେ, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସ୍ପଷ୍ଟ ହେଉଛି। ମାତ୍ର ରାଜ୍ୟ ବିଜେପି ସରକାର ନିଦାବିଷ୍ଟୁ ସାଜିବା ସହ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି।




ଆଇନଶୃଙ୍ଖଳାର ସଂଗୀନ ସ୍ଥିତିକୁ ନେଇ ବିରୋଧୀ ଦଳର ଚିତ୍କାର ତାଙ୍କର କର୍ଣ୍ଣପାତ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର। ଗତ ସପ୍ତାହକ ମଧ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଛି ବୋଲି ସେ କହିଛନ୍ତି।

ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ସୋମବାର ବ୍ରହ୍ମପୁରରେ ବିଜେପିର ଆଗଧାଡ଼ିର ଜଣେ ନେତା

**■ ଗତ ଏକ ସପ୍ତାହରେ ଆଇନଶୃଙ୍ଖଳା ସ୍ଥିତି ସାଂଘାତିକ**
**■ ମୋହନ ସରକାର ଆସିବା ପରେ ଗଞ୍ଜାମରେ ୧୨୮ ହତ୍ୟା**

ତଥା ରାଜ୍ୟ ବାର୍ କାଉନସିଲର୍ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁଇଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳି କରି ହତ୍ୟା କରିଛନ୍ତି। ଏହାକୁ ୨୦ଘଣ୍ଟାରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୁଲିସ ଅପରାଧୀଙ୍କ କୌଣସି ଟେର୍ ପାଇନାହିଁ। ଗତ ୨୪ଘଣ୍ଟାରେ ଗଞ୍ଜାମ ଜିଲ୍ଲାରେ ୩ଟି ହତ୍ୟାକାଣ୍ଡ ଘଟିଛି। ମୋହନ ସରକାର ଆସିବା ପରଠାରୁ କେବଳ ଗଞ୍ଜାମ ଜିଲ୍ଲାରେ ୧୨୮ଟି ହତ୍ୟାକାଣ୍ଡ ଘଟିଲାଣି। ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଇତ୍ୟାଦିର ଚୋରି, ଲୁଟତରାଜ ଅହେତୁକ ବୃଦ୍ଧି ପାଇଛି। ଏଥିଯୋଗୁଁ ଅପରାଧ ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି। ରାଜ୍ୟ ବିଜେପି ସରକାରଙ୍କ ପ୍ରୟୋଜନରେ ଏହି ଲୁଟତ୍‌ରାଜ ଚାଲିଛି ଓ ଏଥିଯୋଗୁଁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ପୂର୍ବରୁ ନବୀନ ସରକାରଙ୍କ ସମୟରେ ଗଞ୍ଜାମରେ ଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ବେଳେ ବିଜେପି ସରକାରଙ୍କ ସମୟରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିଗଲାଣି।

ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ ଯେ ରାଜ୍ୟରେ ଏବେ ବହୁଚର୍ଚ୍ଚିତ ଘଟଣା ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ବ୍ରହ୍ମପୁର ସହରରୁ ଲୋକଲୋଚନକୁ ଆସିଥିଲା। ଏହି ଘଟଣାରେ ସରକାରଙ୍କ ସମ୍ପୃକ୍ତି ଜଳଜଳ ହୋଇ ଦିଶୁଛି। ସେହିପରି ଚୌଦ୍ୱାରରେ ଥିବା ହାଇସିକ୍ୟୁରିଟି ଜେଲରୁ ଦୁଇ କୁଖ୍ୟାତ ଅପରାଧୀ ଜେଲରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ଭାଇଚାରା ସହର କଟକରେ ସାମ୍ପ୍ରଦାୟିକ ଦଙ୍ଗା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଲଗାଇବାକୁ ପଡୁଛି। ଆଜି ସକାଳେ ପୁରୀ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଭିତରେ ପଶି ଜଣେ ଦୁର୍ବୃତ୍ତ କଟୁରୀରେ ଯାତ୍ରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିବା ଯୋଗୁଁ ଅନ୍ୟୁନ ୭ଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଦୁଷ୍କର୍ମ, ଅସଦାଚରଣ, ନାରୀ ନିର୍ଯାତନା, ହତ୍ୟା ଇତ୍ୟାଦି ଘଟଣା ପ୍ରତିଦିନ ଖବରକାଗଜଗୁଡ଼ିକରେ ଶିରୋନାମା ପାଲଟୁଛି। କିନ୍ତୁ ସରକାର ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ଡବଲ୍ ଇଞ୍ଜିନ୍ ସରକାର ଗୋଟିଏ ସମ୍ବେଦନହୀନ ସରକାର ବୋଲି ରାଜ୍ୟବାସୀ ଜାଣିଲେଣି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ; ୩୦ ଆହତ

ଦକ୍ଷିଣ ବାଲେଶ୍ୱର, ୭।୧୦ (ସମିସ): ୧୬ନମ୍ବର ଜାତୀୟ ରାଜପଥର ସିମୁଳିଆ ଥାନା ଅନ୍ତର୍ଗତ ତାରିଣୀ ଛକ ନିକଟରେ ଆଜି ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ସିମୁଳିଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଯାତ୍ରୀମାନେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ପଶ୍ଚିମବଙ୍ଗ ଫେରିବା ବେଳେ ଏହି ଅଘଟଣ ଘଟିଛି। ଚାଳକଙ୍କ ଆଖି ଲାଗି ଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସୂଚନାନୁଯାୟୀ, ପଶ୍ଚିମବଙ୍ଗ ମୋହନପୁର ଥାନା ବୋଇତା ଅଞ୍ଚଳର ୬୫ ଜଣ ତୀର୍ଥଯାତ୍ରୀ ପୁରୀ ଜଗନ୍ନାଥ ଦର୍ଶନ କରିବା ପାଇଁ ଯାଇଥିଲେ। ସେଠାରୁ ଫେରିବା ବେଳେ ରାତି ପ୍ରାୟ ୨ଟାରେ ଚାଳକଙ୍କୁ ନିଦ ହୋଇଯିବାରୁ ବସ୍‌ଟି ଡିଭାଇଡର ଉପରକୁ ଚଢ଼ିଯାଇ ରାଜପଥ ଉପରେ ଓଲଟି ପଡ଼ିଥିଲା। ଖବର ପାଇ ସିମୁଳିଆ ଆଇଆଇସି ଶ୍ରବଣ କୁମାର ମହାରଣା ସଦଳବଳେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଗାଡ଼ିର କାଚ ଭାଙ୍ଗି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା।

## ରାଇରଙ୍ଗପୁରରେ ଖୋଲିବ ଇଗ୍ନୋର ନୂତନ ଆଞ୍ଚଳିକ କେନ୍ଦ୍ର

ଭୁବନେଶ୍ୱର, ୭।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ନୂତନ ଆଞ୍ଚଳିକ କେନ୍ଦ୍ର ଖୋଲିବ। ମୟୂରଭଞ୍ଜ ସମେତ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାର ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ଏଥିରେ ଉପକୃତ ହେବେ। ପୂର୍ବରୁ ଭୁବନେଶ୍ୱର, କୋରାପୁଟ ଓ ଅନୁଗୋଳରେ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ରହିଥିଲା। ଏହି ନୂତନ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ରାଜ୍ୟରେ ସମସ୍ତ ପ୍ରାନ୍ତରେ ଦୂର ନିରନ୍ତର ଶିକ୍ଷା ପହଞ୍ଚିପାରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ କହିଛନ୍ତି।

## ଚୋରା ମୋବାଇଲରୁ ୯୫ ହଜାର ଲୁଟିନେଲେ

ବାରିପଦା, ୭।୧୦ (ସମିସ): ଚୋରି ହୋଇଥିବା ଏକ ମୋବାଇଲ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ୯୫ହଜାର ଟଙ୍କା ଗାଏବ ହୋଇଯାଇଛି। ଏନେଇ ମଧୁବନ ଅଞ୍ଚଳର ଲକ୍ଷ୍ମୀଧର ମହାନ୍ତ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ତାଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରେ ସେ ପାସବୁକ୍ ଯାଞ୍ଚ କରିବାରୁ ତାଙ୍କ ଆକାଉଣ୍ଟରୁ ୯୫ ହଜାର ଟଙ୍କା ଗାଏବ ହେବା ନେଇ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ୬ଟି ପର୍ଯ୍ୟାୟରେ ଏହି ଟଙ୍କା ଉଠାଣ କରିନେଇଛନ୍ତି। ଏ ସଂପର୍କରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

**ଯୁବକଙ୍କ ଉନ୍ମତ୍ତ କାଣ୍ଡ**

# ବସ୍‌ରେ ପଶି ମନଇଚ୍ଛା ଯାତ୍ରୀଙ୍କୁ ହାଣିଲା







କଣାସ, ୭।୧୦ (ସମିସ): ବସ୍‌ରେ ମନଇଚ୍ଛା ଯାତ୍ରୀଙ୍କୁ ହାଣିଲା। ଚିହ୍ନା-ଅଚିହ୍ନା, ପୁରୁଷ-ମହିଳା, ଛୁଆ-ବୁଢ଼ା କାହାକୁ ବି ଛାଡ଼ିଲାନି। ଆଖି ସାମ୍ନାରେ ଯିଏ ପଡ଼ିଲା, ତାକୁ କଟୁରି ଚୋଟ ପକାଇଲା। ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ମଙ୍ଗଳବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗଡ଼ଖାରଦାରୁ ଯାତ୍ରୀଙ୍କୁ ନେଇ କଣାସ ଫେରୁଥିବା ଲକ୍ଷ୍ମୀ ବସ୍‌ରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛି। ଏଥିରେ ଦୁଇ ପୁଲିସ ଅଧିକାରୀଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁବକଜଣଙ୍କ ହେଲା, ସତ୍ୟବାଦୀ ଥାନା ଶୁକଳ ବ୍ରାହ୍ମଣପଡ଼ା ଗ୍ରାମର ତୋଫାନ ଭୋଇ (୪୦)। ଅପରପକ୍ଷେ, ଉତ୍ୟକ୍ତ ଲୋକେ ତାକୁ କାବୁ କରି ନିର୍ଘୁମ୍ ମାଡ଼ ମାରିଛନ୍ତି। ତାକୁ ମଧ୍ୟ ଗୁରୁତର ଅବସ୍ଥାରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ପ୍ରତିଦିନ ପରି ମଙ୍ଗଳବାର କଣାସଠାରୁ ଲକ୍ଷ୍ମୀ ବସ୍ (ଓଡ଼ି୧୩ ଭି ୬୩୧୯) ସକାଳେ ଗଡ଼ଖାରଦା ଯାଇ ଫେରୁଥିବା ସମୟରେ ଖଣ୍ଡାହତାଠାରୁ ତୋଫାନ ବସ୍‌ରେ ଚଢ଼ିଥିଲା। ବିନ୍ଧଣ ଗ୍ରାମ ନିକଟରେ ବସ୍‌ରେ ବସିଥିବା ଅନ୍ୟ ଜଣେ ଯାତ୍ରୀ ତା' ଦେହରେ ବାଜିଯିବାରୁ ସେ ତାଙ୍କୁ

**କଟୁରି ଚୋଟରେ ୮ ଆହତ; ପୁଲିସ୍ ବି ଛାଡ଼ ପାଇଲାନି**

ଗାଳିଗୁଲଜ କରିବା ସହ ପାଖରେ ରଖିଥିବା କଟୁରିରେ ଆକ୍ରମଣ କରିଥିଲା। ଏହାକୁ ନେଇ ବସ୍‌ରେ ଭୟର ବାତାବରଣ ଖେଳି ଯାଇଥିଲା। କିଛି ଯାତ୍ରୀ ବସ୍‌ରୁ ପଳାଇ ଯାଇଥିବା ବେଳେ ଆଉ କିଛି ତାକୁ ବିରୋଧ କରିଥିଲେ। ଏଥିରେ ତୋଫାନ ଆହୁରି ରାଗିଯାଇ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଖବର ପାଇ କଣାସ ଥାନା ଏଏସ୍‌ଆଇ ସନ୍ତୋଷ କୁମାର ଉଦୟସିଂହ ଏବଂ ଏସ୍‌ଆଇ ଦେବୀପ୍ରସାଦ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ତାକୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ, ତୋଫାନ ସେମାନଙ୍କୁ ବି ଆକ୍ରମଣ କରିଥିଲା। ଦୁଇ ପୁଲିସ ଅଧିକାରୀ ଆହତ ହୋଇ ମଧ୍ୟ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତୋଫାନର ଉନ୍ମତ୍ତ କାଣ୍ଡ ଦେଖି ସ୍ଥାନୀୟ ଲୋକମାନେ ତାକୁ ମାରପିଟ୍ କରିବାରୁ ସେ ମଧ୍ୟ ଆହତ ହୋଇଥିଲା। ଚିକିତ୍ସା ପାଇଁ ଆହତମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ଓ ପୁରୀ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

କଣାସ ପୁଲିସ ଏହି ମାମଲାକୁ ଗଡ଼ିଶାଗୋଦା ଥାନାକୁ ହସ୍ତାନ୍ତର କରିଛି। ତେବେ ଏପରି କାଣ୍ଡ ଭିଆଇବା ପଛରେ କାରଣ କ'ଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଗଡ଼ିଶାଗୋଦା ଥାନାଧିକାରୀ ସୁଧୀର ଦାସ କହିଛନ୍ତି। ବସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ: ୩ମୃତ

ପାରଳାଖେମୁଣ୍ଡି/ଗୋଷାଣି, ୭।୧୦ (ସମିସ): ଗଜପତି ଜିଲ୍ଲା ସୀମାନ୍ତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ମିଳିଆପୁଟି ମଣ୍ଡଳମ୍ ଅନ୍ତର୍ଗତ ଗଙ୍ଗାରାଜପୁରମ୍ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗଙ୍ଗାରାଜପୁରମ୍‌ସ୍ଥିତ ଏକ ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ ଘଟି ୩ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିମାନେ ହେଲେ, ବିହାର ରାଜ୍ୟର ଶ୍ରବଣ କୁମାର(୪୫), ରାଜସ୍ଥାନର ହେମରାଜ(୨୫) ଏବଂ ମଧ୍ୟପ୍ରଦେଶର ପିଣ୍ଟୁ ସିଂ। ଏମାନଙ୍କ ସହ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ଗଜପତି ଜିଲ୍ଲା ଆର୍. ଉଦୟଗିରି ଟଙ୍କିୟସାହି ଗ୍ରାମର ଜାନ ବଳିଆରସିଂ (୪୨), ଆନ୍ଧ୍ରପ୍ରଦେଶ ଟେକିଲି ଗ୍ରାମର କେ. ଜନାର୍ଦ୍ଦନ (୨୫), ମିଳିଆପୁଟି ମଣ୍ଡଳମର କେ.ବାଲାରାଜୁ (୬୩) ଏବଂ ପେଦାଲକ୍ଷ୍ମୀପୁରମ୍ ଗ୍ରାମର ବି. ହରି ପ୍ରସାଦ (୨୪)। ସେମାନଙ୍କୁ ଟେକିଲି ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଏହି ଅଘଟଣକୁ ଆନ୍ଧ୍ରପ୍ରଦେଶ ପୁଲିସ ବଜ୍ରପାତ ଜନିତ ଅଘଟଣ କହି ମାମଲାକୁ ଚାପିଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି।

ପୁଲିସ୍ ସୂଚନା ମୁତାବକ, ମୃତାହତମାନେ ଉକ୍ତ ଗ୍ରାନାଇଟ୍ ଖଣିରେ ବିଭିନ୍ନ ପ୍ରକାରର କାର୍ଯ୍ୟରେ ନିୟୋଜିତ ଥିଲେ। ଆଜି ସନ୍ଧ୍ୟାରେ ହଠାତ୍ ଖଣିରେ ପ୍ରଚଣ୍ଡ ବିସ୍ଫୋରଣ

**ବଜ୍ରପାତଜନିତ ଅଘଟଣ କହି ମାମଲା ଚାପିବାକୁ ପୁଲିସର ଉଦ୍ୟମ**

ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଥିଲେ। ଉକ୍ତ ଖଣିଟି ଗୋଷାଣି ବ୍ଲକ୍ ଜଙ୍ଗଲପାଡୁ ଗ୍ରାମକୁ ଲାଗି ରହିଛି।

ଟେକିଲି ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି ପ୍ରାଥମିକ ତଦନ୍ତରୁ ଏହା ଏକ ବଜ୍ରପାତଜନିତ ଅଘଟଣ ବୋଲି ଜଣାପଡ଼ିଥିବା ବେଳେ ଆଗକୁ ଅନ୍ୟ ଦିଗଗୁଡ଼ିକୁ ନେଇ ତଦନ୍ତ କରାଯିବ। କୌଣସି ବିସ୍ଫୋରଣ କାରଣରୁ ଏହି ଘଟଣା ଘଟିଛି କି ନାହିଁ, ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

**ଭୋଟ୍ ଚୋରି, ଚାକିରି ବିକ୍ରି**

# ୯ରେ ଯୁବ କଂଗ୍ରେସର ପ୍ରତାରଣା ସମାବେଶ

ଭୁବନେଶ୍ୱର, ୭।୧୦ (ସମିସ): ଭୋଟ୍ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ସରକାରଙ୍କୁ ଘେରିବାକୁ ଅଣ୍ଟା ଭିଡ଼ିଛି ଯୁବ କଂଗ୍ରେସ। ଏଥିପାଇଁ ଅକ୍ଟୋବର ୯ ତାରିଖରେ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଓଡ଼ିଶା ଗସ୍ତରେ ଆସିବେ। ୯ରେ ଦଳ ପକ୍ଷରୁ ଆୟୋଜନ ହେବାକୁ ଥିବା "ପ୍ରତାରଣା ପ୍ରତିବାଦ ସମାବେଶ"ରେ ସେ ଯୋଗଦେବେ ବୋଲି ମଙ୍ଗଳବାର ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଯୁବକଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏହି ସମାବେଶ ଆୟୋଜନ କରାଯିବ। ପରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ଲୋୟର ପିଏମ୍‌ଜି ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବ। ଲୋୟର ପିଏମଜିଠାରେ ଚାକିରି ବିକ୍ରି ପ୍ରତିବାଦରେ ବିକ୍ଷୋଭ ମଧ୍ୟ କରାଯିବ। ଏହି ସମଗ୍ର କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷଙ୍କ ସମେତ ପିସିସି ସଭାପତି ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗ ଦେବେ ବୋଲି ସେ କହିଛନ୍ତି।

ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟ ଏବଂ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଚାଲିନାହିଁ। ଦୁଇଟି କ୍ଷେତ୍ରରେ ଭୋଟ ଚୋରିରୁ ଗଠିତ ସରକାର ଚାଲିଛି। ସନ୍ଧ୍ୟା ୫ଟାଠାରୁ ରାତି ୯ ଭିତରେ ୪୨ ଲକ୍ଷ ଭୋଟ ଯୋଡ଼ି ହୋଇଯିବାରୁ ଓଡ଼ିଶାରେ ବିଜେପି ସରକାର ଗଠନ ହୋଇଛି।



ଅନ୍ୟପକ୍ଷରେ ବିଜେପି ସରକାର ସମସ୍ତ ସରକାରୀ ଚାକିରିକୁ ନିଲାମ କରିବାର ବ୍ୟବସ୍ଥା କରିଛନ୍ତି। ଏବେ ଯେଉଁ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଲୋକଲୋଚନକୁ ଆସିଛି, ତାହା ଓଡ଼ିଶାର ବେକାର ଯୁବକ ଯୁବତୀ ମାନଙ୍କୁ ହତାଶ କରିଛି। ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ କରଜ କରି, ଜମି, ଜାଗା, ସୁନା ବନ୍ଧା ପକାଇ ଅର୍ଥ ଯୋଗାଡ଼ କରୁଛନ୍ତି। ହେଲେ ମୋହନ ସରକାର ପରୀକ୍ଷା ପୂର୍ବରୁ ସମସ୍ତ ସରକାରୀ ଚାକିରି ବିକ୍ରି କରିଦେବାରେ ବ୍ୟବସ୍ଥା କରିଛନ୍ତି।

ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ପରେ ଗତ ମାର୍ଚ୍ଚରେ ପୁଲିସ ଏସ୍‌ଆଇ ପରୀକ୍ଷାର ପୂର୍ବଦିନ ବାତିଲ କରାଯାଇଥିଲା। ଯେଉଁ ବେସରକାରୀ ସଂସ୍ଥାକୁ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସେହି ସଂସ୍ଥା ବିରୋଧରେ ସରକାର କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ସେତେବେଳେ ଆରଆଇ, ଅମିନ, ଏଏସ୍‌ଓ, ସବ ଜେଲର ଓ ଓଟିଇଟି ପରୀକ୍ଷାର୍ଥୀମାନେ ମଧ୍ୟ ଚାକିରି ବିକ୍ରି ଯୋଜନାର ସେ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଅଭିଜିତ୍ ଜେନା, ଜାଭେଦ ଅକ୍ତର, ମହମ୍ମଦ ଗୁଲଫାମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମାଓ ନେତା ମାଣ୍ଡା ରୁବେନ୍‌ର ଆତ୍ମସମର୍ପଣ

ମାଲକାନଗିରି, ୭।୧୦(ସମିସ): ୪୪ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟରତ ଦକ୍ଷିଣ ବସ୍ତର୍ ମାଓ-ଡିଭିଜନ୍ କମିଟି ସମ୍ପାଦକ ମାଣ୍ଡା ରୁବେନ୍ ଓରଫ୍ ମଙ୍ଗନ୍ନା ଆଜି ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ତେଲେଙ୍ଗାନାର



ୱାରାଙ୍ଗଲର ପୁଲିସ କମିଶନରଙ୍କ ଉପସ୍ଥିତିରେ ସେ ମୁଖ୍ୟସ୍ରୋତକୁ ଫେରିଛି। ମଙ୍ଗନ୍ନା ଛତିଶଗଡ଼, ଆନ୍ଧ୍ର, ଓଡ଼ିଶା ଓ ତେଲେଙ୍ଗାନାର ବହୁ ବଡ଼ବଡ଼ ମାଓ ହିଂସାକାଣ୍ଡରେ ଜଡ଼ିତ ଥିଲା। ତା'ର ଆତ୍ମସମର୍ପଣ, ମାଓ ସଂଗଠନ ପାଇଁ ଏକ ଶକ୍ତଧକ୍କା ଓ ପୁଲିସ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ପ୍ରାୟ ବର୍ଷେ ପୂର୍ବେ ସେ ଗିରଫ ହୋଇ ଛତିଶଗଡ଼ର ଜଗଦଲପୁର ଜେଲ୍‌ରେ ଥିଲା। ପରେ ସେଠାରୁ ଫେରାର୍ ହୋଇଯାଇଥିଲା। ଆତ୍ମସମର୍ପଣ ନୀତି ଅନୁଯାୟୀ ତାଙ୍କୁ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ୩ ମାଓବାଦୀ ଗିରଫ

ମାଲକାନଗିରି,୭।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ାରେ ସୁରକ୍ଷା ବାହିନୀ ଆଜି ମାଓବାଦୀଙ୍କ ଏକ ବଡ଼ ଯୋଜନାକୁ ପଣ୍ଡ କରିଦେଇଛନ୍ତି। ମାଲେୱାହି ରାସ୍ତାରେ ନକ୍ସଲମାନେ ଖଞ୍ଜୁଥିବା ୫କେଜିର ଏକ ପ୍ରେସରକୁକର ବୋମାକୁ ଜବତ କରିବା ସହ ୩ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ, ସନ୍ତୁ ମଣ୍ଡାଭି, ମଣିରାମ ଏବଂ ସୁଖମାନ ମଣ୍ଡାଭି। ସୂଚନାନୁଯାୟୀ, ସିଆରପିଏଫ୍‌ର



୧୯୫ତମ ବାଟାଲିୟନର ଯବାନ, ବାରସୁର ଏବଂ ମାଲେୱାହି ପୁଲିସ୍ ପକ୍ଷରୁ ମିଳିତ ଭାବେ ମାଲେୱାହି ଶିବିରରୁ ସତଧାର ଅଭିମୁଖେ ତଲାସି ଅଭିଯାନ କରାଯାଉଥିଲା। ଏହି ସମୟରେ ପୁଲିସକୁ ଦେଖି ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ଲୁଚିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯବାନମାନେ ସେମାନଙ୍କୁ ଘେରିଯାଇ କାବୁ କରି ପଚରାଉଚରା କରିବା ପରେ ସେମାନେ ମାଓବାଦୀ ବୋଲି ଜଣାପଡ଼ିଥିଲା। ସତଧାର ସେତୁ ନିକଟରେ ହୋଇଥିବା ବୋମା ବିସ୍ଫୋରଣରେ ସେମାନଙ୍କ ସମ୍ପୃକ୍ତି ଥିବା ମଧ୍ୟ ସ୍ୱୀକାର କରିଥିଲେ। ତୁରନ୍ତ ଯବାନମାନେ ସମସ୍ତଙ୍କୁ ଗିରଫ କରି ଉକ୍ତ ପାଞ୍ଚ କିଲୋଗ୍ରାମର ଆଇଇଡିକୁ ଉଦ୍ଧାର କରିଥିଲେ। ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ସରକାରଙ୍କୁ ପରୀକ୍ଷା ପୀଡ଼ା

**୧୫ ମାସର ସବୁ ପରୀକ୍ଷାରେ ଅସଙ୍ଗତି**

ଭୁବନେଶ୍ୱର, ୭।୧୦ (ସମିସ): ଗତ ୧୫ ମାସ ମଧ୍ୟରେ ପୂର୍ବ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ଅନେକ ବିଭାଗରେ ନିଯୁକ୍ତି ଏବର ସରକାର ପ୍ରଦାନ କରିଛନ୍ତି। ଇତି ମଧ୍ୟରେ କିଛି ନୂଆ ସରକାରୀ ଚାକିରି ବାହାରୁନାହିଁ। ପାଠପଢ଼ି ବେକାର ବସିଥିବା ସାଧାରଣ ସ୍ନାତକଙ୍କ ପାଇଁ ଏଯାଏ ଗୋଟିଏ ବି ପଦ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ମାତ୍ର ପୂର୍ବ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ନିମନ୍ତେ ପରୀକ୍ଷା ପରିଚାଳନା କରିବାରେ ଏବେ ସରକାର ଅସମର୍ଥ ହୋଇଛନ୍ତି। କେତେବେଳେ ପ୍ରଶ୍ନପତ୍ର ଲିକ୍ ହେଉଛି ତ ଆଉ କେତେବେଳେ ଚାକିରି ବିକ୍ରି ହେଉଛି। ପୂର୍ବରୁ ଆର୍‌ଆଇ-ଅମିନ, ଫରେଷ୍ଟର-ଫରେଷ୍ଟଗାର୍ଡ, ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ବ୍ୟପକ ଅସଙ୍ଗତି ଦେଖାଦେଇଥିଲା। ସମ୍ପ୍ରତି ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଉଦ୍ୟମ କରୁଥିବା ଏକ ବଡ଼ ରାକେଟ୍ ଧରାପଡ଼ିବା ପରେ ମେଧାବୀ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଇଛି। ଯେତେ ମେଧାବୀ ହେଲେ ମଧ୍ୟ ପକେଟରେ ଟଙ୍କା ନ ଥିଲେ ଓଡ଼ିଶାରେ ଚାକିରି ମିଳିବ ନାହିଁ ବୋଲି ଆଶାୟୀଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହୋଇଛି।

**ମାନସିକ ଚାପରେ କଲବଲ ମେଧାବୀ ପରୀକ୍ଷାର୍ଥୀ**

ଗତ ଜାନୁଆରୀ ମାସରେ ପୁଲିସ୍ ଏସ୍‌ଆଇ ପରୀକ୍ଷା ପାଇଁ ବିଜ୍ଞପ୍ତି ବାହାରିଥିଲା। ମାର୍ଚ୍ଚ ୮ ଓ ୯ରେ ପରୀକ୍ଷା କରିବା ପାଇଁ ସ୍ଥିର ହୋଇଥିଲେ ମଧ୍ୟ ପରୀକ୍ଷାର ମାତ୍ର ଦିନକ ପୂର୍ବରୁ ପରୀକ୍ଷାକୁ ବାତିଲ୍ କରାଯାଇଥିଲା। ଏହାର ୭ମାସ ପରେ ଅର୍ଥାତ୍ ଚଳିତମାସରେ ପରୀକ୍ଷା ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଚାକିରି ବିକ୍ରି ହେବା ଘବର ପଦାକୁ ଆସିଛି। ଫଳରେ ଅନ୍ୟ ସମସ୍ତ ପରୀକ୍ଷାକୁ ଛାଡ଼ି ଦୀର୍ଘ ୧୦ ମାସ ହେବ ଏସ୍‌ଆଇ ପରୀକ୍ଷା ପ୍ରସ୍ତୁତି କରୁଥିବା ଆଶୟୀ ନିରାଶ ହୋଇଛନ୍ତି। ପୁଣି ଚାକିରି ବିକ୍ରି ହେଉଥିବା ଖବର ସେମାନଙ୍କ ଆଖିରୁ ନିଦ ହଜେଇଦେଇଛି। ଭାତ ଆଳୁସିଝା ଖାଇ ପାଠ ପଢୁଥିବା ବହୁ ଗରିବ ମେଧାବୀ କେବଳ ଭଗବାନଙ୍କୁ ଡ଼ାକୁଛନ୍ତି।

ସେହିପରି ଆସନ୍ତାକାଲିଠାରୁ ପୁଣିଥରେ ଆରମ୍ଭ ହେଉଥିବା ଆର୍‌ଆଇ-ଅମିନ ପରୀକ୍ଷା ମଧ୍ୟ ମୂଳରୁ ବିବାଦୀୟ ହୋଇସାରିଛି। ପ୍ରଥମ ଥର ଅନୁଷ୍ଠିତ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ କମ୍ପ୍ୟୁଟର ସ୍ୱତଃପ୍ରବୃତ୍ତ ଭାବେ ଚାଲିବାଠାରୁ ଆରମ୍ଭ କରି ସାଇବର୍ କାଫେ ଓ କଲ୍ୟାଣମଣ୍ଡପରେ ପରୀକ୍ଷା ହେବା ଅବ୍ୟବସ୍ଥାକୁ ପଦାରେ ପକାଇଥିଲା। ପିଲାଙ୍କ ଆନ୍ଦୋଳନ ମଧ୍ୟରେ ପରୀକ୍ଷା ହୋଇଥିଲା। ପରବର୍ତ୍ତୀ ସମୟରେ ଅନିୟମିତତାକୁ ସରକାର ସ୍ୱୀକାର ମଧ୍ୟ କରିଥିଲେ। ମାମଲା କୋର୍ଟରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରାଯାଇଥିଲା। ଏବେ ପୁଣି ଆଉଥରେ ପରୀକ୍ଷା ହେଉଛି । ଏହି ନିଯୁକ୍ତି ସରିପାରୁ ନ ଥିବାରୁ ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି କି ଛାଡ଼ି ମଧ୍ୟ ପାରୁ ନାହାନ୍ତି ଓ ମାନସିକ ଚାପରେ ପେଶି ହେଉଛନ୍ତି।

ଫରେଷ୍ଟର-ଫରେଷ୍ଟଗାର୍ଡ ପରୀକ୍ଷାରେ ମଧ୍ୟ ବ୍ୟାପକ ଅନିୟମିତତା ଓ ଚାକିରି ବିକ୍ରି ହୋଇଥିବା ପରି ଅଭିଯୋଗ ଆସିଥିଲା। ସରକାର ମଧ୍ୟ ପରୋକ୍ଷରେ ଏହାକୁ ସ୍ୱୀକାର କରିବା ସହ କିଛି ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)ର ବ୍ୟାପକ ତ୍ରୁଟି ସାମ୍ନାକୁ ଆସିଲା। ଏହା ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ପ୍ରାୟ ୨ବର୍ଷ ବିତିଥିଲେ ମଧ୍ୟ ଆଶାୟୀମାନେ ନିଯୁକ୍ତି ପାଇପାରି ନାହାନ୍ତି। ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ମଧ୍ୟ ବିଭ୍ରାଟ ଦେଖାଦେଇଥିଲା। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରିଚାଳିତ ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପାର୍ଟନ ହିଁ ଭୁଲ୍ ପକାଇଥିଲା। ଓଏସ୍‌ଏସ୍‌ସିର ଏତେ ବଡ଼ ତ୍ରୁଟି ପାଇଁ ଲକ୍ଷାଧିକ ପରୀକ୍ଷାର୍ଥୀ ହଇରାଣ ହେବା ସହ ବିପୁଳ ରାଜସ୍ୱ ହାନି ହୋଇଥିଲେ ମଧ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏଲ୍‌ଟିଆର୍ ପରୀକ୍ଷା ପ୍ରଶ୍ନପତ୍ରରେ ମଧ୍ୟ ତ୍ରୁଟି ପାଇଁ ଏଯାଏଁ ନିଯୁକ୍ତି ପ୍ରକ୍ରିୟା ସରିପାରୁନାହିଁ। ଗୋଟିଏ ପରେ ଆଉ ଗୋଟିଏ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳିଯାଉଛି। ଅସନ୍ତୋଷ ବଢ଼ିବା ସହ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର ନ କଲେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଆଶାୟୀମାନେ ସାମାଜିକ ଗଣମାଧମ ଏକ୍ସରେ ସରକାରଙ୍କୁ ଚେତାବନୀ ଦେଉଛନ୍ତି।

# ବୌଦ୍ଧ ସହରର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା





ବୌଦ୍ଧ,୭ ।୧୦(ସମିସ)

ବୌଦ୍ଧ ସହରର ବାଘଗୁଡା ଛକରେ ଲକ୍ଷ୍ମୀବଜାର ପୂଜା କମିଟି ତରଫରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି । ମହାନଦୀରୁ କଳସରେ ଜଳ ଆଣି ପୂଜା ସ୍ଥାନରେ ସ୍ଥାପନା କରାଯାଇ ମା' ଗଜଲକ୍ଷ୍ମୀଙ୍କ ଆରାଧନା ଓ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା । ପୂଜାରେ କର୍ତ୍ତା ଭାବେ ପ୍ରମୋଦ ପରିଡା ବସିଥିବାବେଳେ ପୂଜକ ଭାବେ ମାନସ ରଞ୍ଜନ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ । ମଙ୍ଗଳବାର ସକାଳୁ ପୂଜା ମଣ୍ଡପରେ ମା ଗଜଲକ୍ଷ୍ମୀଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି । ଆକର୍ଷଣୀୟ ତୋରଣ ଓ ରଙ୍ଗୀନ ଆଲୋକମାଳାରେ ମା'ଙ୍କ ପୂଜା ମଣ୍ଡପ ଝଲସି ଉଠୁଛି । ମା'ଙ୍କ ଦର୍ଶନ ପାଇଁ ବୌଦ୍ଧ ସହର ତଥା ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । କମିଟିର ସଂପାଦକ ନୀଳମାଧବ ଦାସ ଓ ସଭାପତି ପ୍ରମିଳ ଦଲାଲ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି । ୭ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ । ଚଳିତବର୍ଷ ଲକ୍ଷ୍ମୀବଜାର ଗଜଲକ୍ଷ୍ମୀଙ୍କୁ ୨୮ ବର୍ଷ ହେଉଛି । ଏହି ୭ଦିନ ମା'ଅନ୍ନପୂର୍ଣ୍ଣାଙ୍କ ନିକଟରେ ଅନ୍ନଭୋଗ ହେବାସହ ଭକ୍ତଙ୍କୁ ମଧ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି ।

ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଙ୍କଠାରେ କାନିକା, କାକରା, ମିଠା, କ୍ଷୀରି ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ । ଏହି ଅବସରରେ ଗୋଟିଏଦିନ ସନ୍ଧ୍ୟାରେ ୧୦୦୮ ଦୀପ ଯଜ୍ଞ ଅନୁଷ୍ଠିତ ହେବ । ସେହିଭଳି ବୌଦ୍ଧସହରର ବୁଟୁପାଲିଠାରେ ମଧ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ମା'ଙ୍କ ପୂଜାପାଇଁ ମହାନଦୀରୁ କଳସରେ ଜଳ ଅଣାଯାଇ ପୂଜା ସ୍ଥାନରେ ସ୍ଥାପନା କରାଯାଇଥିଲା । ସେହିପରି ବାପୁଜୀନଗରଠାରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଯାଇଛି ସୁନ୍ଦର ଆଲୋକମାଳା, ଆକର୍ଷଣୀୟ ତୋରଣ ଓ ମା'ଙ୍କ ପ୍ରତିମୂର୍ତ୍ତିକୁ ଦର୍ଶନ କରି ଶ୍ରଦ୍ଧାଳୁ ବିମୋହିତ ହୋଇଯାଇଛନ୍ତି ।

## ମାହେଶ୍ୱରୀଙ୍କ ଆଶ୍ୱିନ ପୂର୍ଣ୍ଣିମା ଯାତ୍ରା ଓ ମହାଖଳା ପୂଜା



ମନମୁଣ୍ଡା,୭ ।୧୦(ସମିସ): ଡୁମାଳ ପରିଷଦ ଓଡିଶା ମନମୁଣ୍ଡା ପଞ୍ଚାୟତ ଭାଲିଆପଦର ଏବଂ ବିଲାସପୁର କେନ୍ଦ୍ରରେ ମା' ମାହେଶ୍ୱରୀଙ୍କ ଆଶ୍ୱିନ ପୂର୍ଣ୍ଣିମା ଯାତ୍ରା ଏବଂ ମହାଖଳା ପୂଜା ସମ୍ପନ୍ନ ହୋଇଯାଇଛି । ଭାଲିଆପଦର କେନ୍ଦ୍ରରେ ମନ୍ଦିର ଦେହୁରୀ ଡୋଳାମଣି ପ୍ରଧାନ ଏବଂ ବିଲାସପୁର କେନ୍ଦ୍ରରେ କୃଷ୍ଣଚନ୍ଦ୍ର ମା ମାହେଶ୍ୱରୀଙ୍କ ନୀତିକାନ୍ତି କରିଥିଲେ । ବ୍ରାହ୍ମଣଙ୍କ ଦ୍ୱାରା ମା'ଙ୍କ ସ୍ୱତନ୍ତ୍ର ଆଶ୍ୱିନ ମହାଖଳା ପୂଜା ଏବଂ ହୋମଯଜ୍ଞ ହୋଇଥିଲା । ଉଭୟ କେନ୍ଦ୍ରରେ ଡୁମାଳ ସମାଜର ହଜାର ଶ୍ରଦ୍ଧାଳୁ ଭୋଗରାଗ ଧରି ଯାତ୍ରାରେ ସାମିଲ ହୋଇଥିଲେ । ଉଭୟ କେନ୍ଦ୍ରର ମା'ଙ୍କ ଖଣ୍ଡା, ଛତ୍ର ସହ ନିଜ ନିଜ ଗ୍ରାମରେ ଘଣ୍ଟ, ଶଙ୍ଖ ଏବଂ ବାଦ୍ୟ ବଜାଇ ଶୋଭାଯାତ୍ରା କରାଯାଇଥିଲା । ଭକ୍ତମାନେ ନିଜ ନିଜ ଘର ସାମନାରେ କଳସ ବସାଇ ମା'ଙ୍କ ସ୍ୱାଗତ କରିବା ସହ ଆଶିଷ ଭିକ୍ଷା କରିଥିଲେ । ଉଭୟ କେନ୍ଦ୍ରରେ ଦିନ ବେଳା ପତର ସଉରା ନୃତ୍ୟ ଏବଂ ରାତିରେ ଦଣ୍ଡ ନୃତ୍ୟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାଲିଆପଦର କେନ୍ଦ୍ରର ସଭାପତି ରବିଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସୁଧୀର ମହାକୁଡ ମୁଖ୍ୟ ଅତିଥି ଏବଂ ଘିକୁଣ୍ଡି ସରପଞ୍ଚ ସମରେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସମାଜର ବିକାଶ, ଉନ୍ନତି ଓ ପର୍ବପର୍ବାଣୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପସଭାପତି ତପନ କର୍ମୀ, ସଭ୍ୟ ଖଗେଶ୍ୱର ଡ଼ାଙ୍ଗ, ଖଗେଶ୍ୱର ବସ୍ତିଆ, ଗୌର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ବିଲାସପୁର କେନ୍ଦ୍ରରେ ସଭାପତି ବିଦ୍ୟାଧର ମହାକୁଡଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସୁଧୀର ମହାକୁଡ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ପାଦକ ସତ୍ୟନାରାୟଣ ବଘାର ବାର୍ଷିକ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ସୁଦାମ ଚରଣ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କାମ କରିଥିବା ବ୍ୟକ୍ତିଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଲାସପୁର କେନ୍ଦ୍ରର ସଭ୍ୟ ଜ୍ଞାନେନ୍ଦ୍ର ମେଣ୍ଡିଲି, ଧନମାଲି ଦେହୁରୀ, ବିକ୍ରମ କର୍ମୀ, ନୀଳାମ୍ବର ଖମାରୀ, ବିଶ୍ୱାବସୁ ଖମାରୀ, ବୁଦ୍ଧଦେବ ଖମାରୀ, ମାଧବ ପ୍ରଧାନ, ବେଲାର୍ସେନ୍ ପ୍ରଧାନ, ବଂଶୀଧର ମହାକୁଡ, ସନ୍ତୋଷ କର୍ଣ୍ଣ, ବସନ୍ତ ମହାକୁଡ, ସୋନୁ ଖେତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମନମୁଣ୍ଡା କୈବର୍ତ୍ତ ସମାଜର ମାଣିକେଶ୍ୱରୀ ଯାତ୍ରା



ମନମୁଣ୍ଡା, ୭ ।୧୦(ସମିସ): ମନମୁଣ୍ଡାରେ କୈବର୍ତ୍ତ ସମାଜ ପକ୍ଷରୁ ମା' ମାଣିକେଶ୍ୱରୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମା' ମାଣିକେଶ୍ୱରୀଙ୍କ ଖଣ୍ଡାକୁ ସ୍ଥାନୀୟ ଦୁର୍ଗାଦେବୀ ମନ୍ଦିରରୁ ବାଦ୍ୟ ବଜାଇ ଏକ ବିରାଟ ଶୋଭାଯାତ୍ରାରେ ମାଣିକେଶ୍ୱରୀ ପୀଠକୁ ନିଆ ଯାଇଥିଲା । କୈବର୍ତ୍ତ ସମାଜର ସଭାପତି ସୁଦାମ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କୈବର୍ତ୍ତ

### ବନ୍ଦହେଲା ବଳି ପ୍ରଥା

ସମାଜର ଆବାଳ ବୃଦ୍ଧ, ବୃଦ୍ଧା ଭୋଗରାଗ ଧରି ଶୋଭାଯାତ୍ରାରେ ଯାଇଥିଲେ । ମା'ଙ୍କ ପୀଠରେ କୁନା ମିଶ୍ର ପୂଜା କରିଥିଲେ । ତେବେ ଚଳିତ ବର୍ଷଠାରୁ ମା'ଙ୍କଠାରେ ବଳି ପ୍ରଥାକୁ ବନ୍ଦ କରାଯାଇଛି । ଏହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ଏହି ଅବସରରେ ସୁଦାମ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏବଂ ରାଜେନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଗଣେଶ ଲୋଇ ବାର୍ଷିକ ବିବରଣୀ ପଠନ କରିଥିଲେ । ଏଥିରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, କୈବର୍ତ୍ତ ସମାଜ ଜିଲ୍ଲା ସଭାପତି ଏକାଦଶୀ ବାଘ, ପଶ୍ଚିମ ଓଡ଼ିଶା କେଉଟ କୁଟୁମ୍ବ ସଭାପତି ଦାମୋଦର ନାୟକ, ଯୁଗ୍ମ ସମ୍ପାଦକ ଦାଶରଥି ନାଏକ, ଅଧ୍ୟାପକ ପ୍ରକାଶ ସେଠ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସମ୍ପାଦକ ରାଘବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।


## ଘଣ୍ଟାପଡ଼ାରେ ମାଁ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା

ଶଗଡା,୭ ।୧୦(ସମିସ): ମାଁ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ଗ୍ରାମ ଚଳଚଞ୍ଚଳ ହୋଇଛି । ମଙ୍ଗଳବାର ସକାଳୁ ରଘୁନାଥ ପୂଜା କମିଟି ସଦସ୍ୟ ଓ ଶ୍ରଦ୍ଧାଳୁ ମିଶି ପୂଜା ମଣ୍ଡପରୁ ଏକ କଳସ ଶୋଭାଯାତ୍ରାରେ ବାହାରିଥିଲେ । ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ତେଲ ନଦୀ ଘାଟରେ ମାଁ ଗଙ୍ଗାଙ୍କୁ ପୂଜାର୍ଚ୍ଚନା କରି ଜଳପୂର୍ଣ୍ଣ କଳସରେ ଗ୍ରାମ ଅଭିମୁଖେ ବାହାରିଥିଲେ । ଗାଁ ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ । ଜିତେନ୍ଦ୍ର ପାଣିଗ୍ରାହୀ ମାଁଙ୍କୁ ପୂଜାର୍ଚ୍ଚନା କରିଥିଲେ । ସୁଜିତ ସାହୁ ଓ ତାଙ୍କ ପତ୍ନୀ ଶୁଭଶ୍ରୀ ସାହୁ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ଏହା ୩ ଦିନ ଧରି ଚାଲିବ । ମାଁଙ୍କଠାରେ ପୂଜାର୍ଚ୍ଚନା ସହ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ନେଇ ସଦସ୍ୟ ରାଜେନ୍ଦ୍ର ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

## ମାଣିକେଶ୍ୱରୀ ମନ୍ଦିରରେ ଜୁଗାର ଯାତ୍ରା

ଶଗଡା,୭ ।୧୦(ସମିସ): କଣ୍ଟାମାଳ ବ୍ଲକ ମନମୁଣ୍ଡା କୈବର୍ତ୍ତ ସମାଜ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ମାଣିକେଶ୍ୱରୀ ମନ୍ଦିର ପରିସରରେ ପ୍ରଥମ ବାର୍ଷିକ ଉତ୍ସବ ସହ ଜୁଗାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କୈବର୍ତ୍ତ ସମାଜର ଶହ ଶହ ଲୋକ ସାମିଲ ହୋଇଥିଲେ ।

## ହୋ ଭାଷା ରେ ପ୍ରଥମ AI ଗବେଷଣାରେ ଐତିହାସିକ ସଫଳତା ସହିତ ବିକ୍ରମଙ୍କ ଡକ୍ଟରେଟ ଲାଭ



ସ୍କୁଲ ଅଫ୍ ଇଣ୍ଡିଜେନୋଓସ ନଲେଜ, ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଶ୍ରୀ ବିକ୍ରମ ବିରୁଲି କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ କିସ୍ ବିଶ୍ୱବିଦ୍ୟାଳୟର ଡ଼.ଯଶୋବନ୍ତ ଦାସ ଓ କିଟ୍ ବିଶ୍ୱବିଦ୍ୟାଳୟର ଡ. ସତ୍ୟ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ବିରୁଲିଙ୍କ ସନ୍ଦର୍ଭଟି "APPLICATION OF ARTIFICIAL INTELLIGENCE (AI) RECOGNITION FOR LANGUAGE MAINTENANCE IN HO LANGUAGE". ବିହାର ସ୍ଥିତ IIT PATNA ର କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗର Profesor ଡ. ଶ୍ରିପର୍ନା ସାହା ଏବଂ ଶାର୍ଯାହ UAE ସ୍ଥିତ ଉନିଭର୍ଶିଟୀ ସିଟି ଓଫ୍ ଶାର୍ଯାହ୍ ର ଡ. ମାନସ ରଂଜନ ପ୍ରଧାନ (School of Information Technology)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ଼. ବିକ୍ରମ ବିରୁଲି ମୟୂରଭଞ୍ଜ ଜିଲା ମାଟକାମ ସାହି ଗ୍ରାମର ପୁରୁଷୋତ୍ତମ ବିରୁଲି ଏବଂ ବିରେଙ୍ଗ ଦେଇଙ୍କ ମଝିଆ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ କିଟ୍ ଓ କିସ୍ ର ପ୍ରତିଷ୍ଠାତା ପ୍ର.(ଡ଼.) ଅଚ୍ୟୁତ ସାମନ୍ତ ଙ୍କୁ ଅର୍ପଣ କରିବା ସହିତ ନିଜ ପିତାମାତା, ସମସ୍ତ ପରିବାର ବର୍ଗ, ସମସ୍ତ ସହକର୍ମୀ ଏବଂ ଶୁଭେଚ୍ଛୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

## କମଳପୁରରେ ମା' ଗଜଲକ୍ଷ୍ମୀଙ୍କ ପୂଜା



ବିରମହାରାଜପୁର, ୭ ।୧୦(ସମିସ): ବିରମହାରାଜପୁର ବ୍ଲକ୍ କମଳପୁରରେ ଧନାଦାତ୍ରୀ ମା'ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି । ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ରୋହିତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସୋମବାର ବିଶାଳ ଶୋଭାଯାତ୍ରାରେ ଶଙ୍ଖ, ଘଣ୍ଟ, କୀର୍ତ୍ତନ୍ୟ, ହରିବୋଲ ହୁଳହୁଳି ନାଦରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମହାନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ପରେ ରୀତି ନୀତି ଅନୁସାରେ ପୂଜା ଆରମ୍ଭ ହୋଇ ଚକ୍ଷୁ ଦାନ ଓ ଜୀବନ୍ୟାସ ପରେ ମା'ଙ୍କ ମୁଖ ଦର୍ଶନ କରାଇଥିଲେ ଭକ୍ତ । ପୂଜକ ଭାବେ ବଳରାମ ପଣ୍ଡା ନିୟୋଜିତ ଥିବା ବେଳେ କର୍ତ୍ତା ଭାବେ ନୀଳାଦ୍ରି ନାଏକ ଓ ତାଙ୍କ ପତ୍ନୀ ଦାୟିତ୍ୱ ନିର୍ବାହ କରୁଛନ୍ତି । ରଙ୍ଗ ବେରଙ୍ଗର ଆଲୋକମାଳରେ ଗାଆଁ ଦଣ୍ଡ ଝଲସି ଉଠୁଛି । କାର୍ଯ୍ୟକ୍ରମକୁ କମିଟିର ସଭାପତି ରୋହିତ ବିଶ୍ୱାଳ, ସମ୍ପାଦକ ସୌମିତ୍ରୀ ସାହୁଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି ।

## ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ରାମାୟଣ ପରାୟଣ



ବୌଦ୍ଧ,୭ ।୧୦(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ମଧୁପୁର ବସଷ୍ଟାଣ୍ଡରେ ଗଜଲକ୍ଷ୍ମୀ ପୂଜା କମିଟି ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଏହି ଅବସରରେ ସକାଳେ ଗ୍ରାମ ପୋଖରୀରୁ ମହିଳାମାନେ କଳସରେ ଜଳ ପୂର୍ଣ୍ଣ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଏଥିରେ କର୍ତ୍ତା ଭାବେ ଗଜରାଜ ମହାନ୍ତି ଓ ରୀନା ମହାନ୍ତି ଦାୟିତ୍ୱ ତୁଲାଇଥିବା ବେଳେ ଭାସ୍କର ପ୍ରସାଦ ପାଢ଼ୀ ପୂଜା କାର୍ଯ୍ୟ ତୁଲାଇଥିଲେ । ମଙ୍ଗଳବାର ଏହି ଅବସରରେ ରାମାୟଣ ପରାୟଣ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ୟାସ ଭାବେ ଅଟଳ ବିହାରୀ ମିଶ୍ର ରାମାୟଣ ପାଠ କରିଥିଲେ । ବୁଧବାର "ବଞ୍ଚିବାକୁ ଏଠି ଡର ଲାଗୁଛି' ନାଟକ ମଞ୍ଚସ୍ଥ ହେବ । ଏହାକୁ ମୁନା ଉତ୍ତର କବାଟ ନିର୍ଦ୍ଦେଶନା ଦେଇଛନ୍ତି । ବିଭିନ୍ନ ଭୂମିକାରେ ମାନସ ପ୍ରଧାନ, ଶ୍ରୀହରି ପାଣିଗ୍ରାହୀ, ସଞ୍ଜୟ ଭୋକ୍ତା, ମୁରଲୀ ପ୍ରଧାନ, ପ୍ରମୋଦ କଲତା, ତପୁ ସାହୁ, ଫକୀର ସାହୁ, ଗୌରହରି ପାଣିଗ୍ରାହୀ, ସୁଧୀର ସାହୁ, ଦୁର୍ଯ୍ୟୋଧନ ଭୋକ୍ତା, ମନୋଜ ପ୍ରଧାନ, ଗୌତମ ପ୍ରଧାନ, ସହଦେବ ପ୍ରଧାନ, ମୁରଲୀ ଭୋକ୍ତା ପ୍ରମୁଖ ଅଭିନୟ କରୁଛନ୍ତି । କମିଟିର ସଭାପତି ଗିରିଧାରୀ ପ୍ରଧାନ, ସମ୍ପାଦକ ଅନିଲ ନାଏକ, ମ୍ୟାନେଜର ପ୍ରକାଶ ଚନ୍ଦ୍ର ସାହୁ ଓ ସମସ୍ତ ସଭ୍ୟ ସହଯୋଗ କରୁଛନ୍ତି । ପୂଜା କମିଟି ସଭାପତି, ଗିରିଧାରୀ ପ୍ରଧାନ ସମ୍ପାଦକ, ଅନିଲ କୁମାର ନାଏକ, ମ୍ୟାନେଜର ପ୍ରକାଶ ଚନ୍ଦ୍ର ସାହୁ ଓ କମିଟିର ସମସ୍ତ ସଭ୍ୟ ଏଥିରେ ସହଯୋଗ କରୁଛନ୍ତି ।

## ସର୍ବଭାରତୀୟ ନକ୍ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବୀରମହାରାଜପୁର ଚାମ୍ପିଅନ

ବିନିକା,୭ ।୧୦(ସମିସ)



ବିନିକା ବ୍ଲକ୍ କୁହିବାହାଲ ପଞ୍ଚାୟତ ପଧାନପାଲି ଖେଳପଡିଆରେ ପ୍ରଜାମଙ୍ଗଳ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ନକ୍ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ଝାରଖଣ୍ଡ ଧନବାଦ ଇଲେଭେନକୁ ୩-୦ଗୋଲରେ ହରାଇ ବୀରମହାରାଜପୁର ଚଳିତ ବର୍ଷର ଚାମ୍ପିଅନ ହୋଇଛି । ପ୍ରଥମ କ୍ୱାଟର ମ୍ୟାଚରେ ବୀରମହାରାଜପୁର ଦଳ ୨-୧ ଗୋଲରେ ସୁନ୍ଦରଗଡକୁ ପରାସ୍ତ କରିଥିଲା । ଦ୍ୱିତୀୟ କ୍ୱାଟର ମ୍ୟାଚ୍‌ରେ ଝାରଖଣ୍ଡ ଏକ୍ସ ଆଇ ଦଳ ପେନାଲଟିକ ସୁଟ ଜରିଆରେ ୩-୧ ଗୋଲରେ ରାଉରକେଲାକୁ ପରାସ୍ତ କରିଥିଲା । ତୃତୀୟ ମ୍ୟାଚ୍ ଅର୍ଥାତ ଫାଇନାଲ ମ୍ୟାଚ୍ ବୀରମହାରାଜପୁର ବନାମ ଝାଡ଼ଖଣ୍ଡ ମଧ୍ୟରେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା । ବୀରମହାରାଜପୁର ଖେଳାଳି ମାନେ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ପ୍ରତିପକ୍ଷ ଝାରଖଣ୍ଡ ଦଳକୁ ୩-୦ଗୋଲ ଦେଇ ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ଜିତେନ୍ଦ୍ରିୟଥନାପତି, ସୁବ୍ରତ ପୁରୋହିତ, ସହିଲ ବେହେରା, ଜିତୁ ପାତ୍ର, ଶଶିକାନ୍ତ ଦାସିଆ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ୍ ଧାରା ବିବରଣୀ ସଞ୍ଜୀବ ମିଶ୍ର ପ୍ରଦାନ କରିଥିଲେ । କୁହିବାହାଲ ସରପଞ୍ଚ ତଥା ପ୍ରଜାମଙ୍ଗଳ କ୍ଲବ୍ ସଭାପତି ସୁଦାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରନୀ ଉତ୍ସବରେ ସୋନପୁର ବିଧାୟକ ନିରଞ୍ଜନ ପୁଝାରୀ ମୁଖ୍ୟ ଅତିଥି, ପୂର୍ବତନ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଡୁଙ୍ଗୁରିପାଲି ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ବୀରମହାରାଜପୁର ଦଳକୁ ଟ୍ରଫି ସହ ନଗଦ ୧ଲକ୍ଷ ଟଙ୍କା, ଉପବିଜେତା ଝାରଖଣ୍ଡ ଦଳକୁ ଟ୍ରଫି ସହ ନଗଦ ୭୦ହଜାର ଟଙ୍କା ଏବଂ ପ୍ରତିଯୋଗିତାରେ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିଥିବା ବୀରମହାରାଜପୁର ଦଳର ଚିନ୍ମୟ କିଶାନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ, ଝାରଖଣ୍ଡର ବାପିକୁ ବେଷ୍ଟ ଗୋଲ କିପର ଆଦିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଜଗତିରେ ମାହେଶ୍ୱରୀଙ୍କ ବାର୍ଷିକ ପୂଜା ଓ ସାଧାରଣ ସଭା

ବୌଦ୍ଧ,୭ ।୧୦(ସମିସ): ବୌଦ୍ଧ ସଦର ବ୍ଲକ ଜଗତିଠାରେ ଡୁମାଳ ପରିଷଦର ଜଗତି ଶାଖା ଆୟୋଜନ କ୍ରମେ ଡୁମାଳ ଜାତିର ଇଷ୍ଟଦେବୀ ମାହେଶ୍ୱରୀଙ୍କ ବାର୍ଷିକପୂଜା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ମା ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଦେହେରୀ ଭାବେ ଶିଶିର କଳତା ଓ ବିକ୍ରମ ମହାକୁଡ଼ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଜଗତି ଶାଖାର ସଭାପତି ବିଶିକେସନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ଶମ୍ଭୁ ଗିରି ସମ୍ପାଦକୀୟ ବିବରଣୀ ପଠନ କରିଥିବାବେଳେ କୋଷାଧ୍ୟକ୍ଷ ନିରଞ୍ଜନ ଗିରି ଆୟ ବ୍ୟୟ ହିସାବ ଦେଇଥିଲେ । ମାହେଶ୍ୱରୀ ସଂସ୍କୃତି ଭବନ ଓ ମାହେଶ୍ୱରୀ ମନ୍ଦିର ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ମାଣ କମିଟିକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା ।

ଡିସେମ୍ବର ୨୦ତାରିଖରେ ଜାତୀୟ ଡୁମାଳ ଦିବସରେ ପୁରୀଠାରେ ଯୋଗଦାନ କରିବା ପାଇଁ ପୂର୍ବତନ ରାଜ୍ୟ ସମ୍ପାଦକ କୃତ୍ତିବାସ ପଲିଆ ସଭାରେ ଅନୁରୋଧ କରିଥିଲେ । ଆଲୋଚନାରେ ଅଗସ୍ତି କର୍ମୀ, ଦୀନବନ୍ଧୁ ପ୍ରଧାନ, ଚକ୍ରଧର ଖେତୀ, ସୁବୋଧ କଳତା, ସୁଶାନ୍ତ ବାଘ, ଲୋଚନ ଅମାତ, ମନରଞ୍ଜନ ମହାକୁଡ଼, ଶେଷଦେବ କର୍ଣ୍ଣ, ସୁରମଣୀ ଥାଟି, ହାଡିବନ୍ଧୁ ଗିରି, ପଦ୍ମଚରଣ କର୍ଣ୍ଣ, ଚକ୍ରଧର ନାଏକ, ରଙ୍ଗୀନା ଖେତୀ, ସଞ୍ଜୟ କର୍ଣ୍ଣ, କମଳ ମହାକୁଡ଼, ଶ୍ରୀଧର ପ୍ରଧାନ, ପ୍ରମିଳା ମହାକୁଡ଼, ପ୍ରୋମଦିନୀ ଛନ୍ଦ, ମନ୍ଦାକିନୀ ପ୍ରଧାନ ପ୍ରମୁଖ ଭାଗ ନେଇଥଲେ । ଶିକ୍ଷକ ସୌମିତ୍ରୀ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଣିଗୁମାରେ ଖଣ୍ଡୁଆଳ ମହୋତ୍ସବ



**ଥୁଆମୂଳରାମପୁର,୭ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ କାଣିଗୁମା ପଞ୍ଚାୟତର ଖଣ୍ଡୁଆଳ ମଞ୍ଚ ଠାରେ ଖଣ୍ଡୁଆଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଖଣ୍ଡୁଆଳ ଦେବଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା । ମାନସିକଧାରୀମାନେ ନିଜ ନିଜ ମାନସିକ ଅନୁସାରେ ଖଣ୍ଡୁଆଳ ଦେବଙ୍କୁ ଭୋଗ ଅର୍ପଣ କରିଥିଲେ । ଆଖପାଖ ଅଞ୍ଚଳର ଶହଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଏହି ଅବସରରେ ସଂଧ୍ୟାରେ ସ୍ଥାନୀୟ ଖଣ୍ଡୁଆଳ ଦେବ ସାଂସ୍କୃତିକ ମଞ୍ଚରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ମୁଖ୍ୟବକ୍ତା ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ମାଣିକ୍ୟଚନ୍ଦ୍ର ନାଏକ, କୃଷ୍ଣଚନ୍ଦ୍ର ନାଏକ, ଆଶୁତୋଷ ପୁରୋହିତ, ମିଟୁ ପାତ୍ର, ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି କୈଳାସ ପରିଛା, କାଣିଗୁମା ସରପଞ୍ଚ ଧ୍ରୁବ ଚରଣ ମାଝୀ, ପୂର୍ବତନ ସରପଞ୍ଚ କାହ୍ନୁ ଚରଣ ମାଝୀ, ରାମଚନ୍ଦ୍ର ପ୍ରଧାନୀ, ସାମ୍ବାଦିକ କୈଳାସ ଚନ୍ଦ୍ର ଛତ୍ରିଆ, ଭାନୁପ୍ରତାପ ମୁଣ୍ଡ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏକକ ନୃତ୍ୟରେ ଭବାନୀପାଟଣାର ଶିବା ଚଣ୍ଡୀ ପ୍ରଥମ, ଟେବାମହୁଲର ଅନୁଷ୍କା ମାଝୀ ଦ୍ୱିତୀୟ ଓ ଭବାନୀପାଟଣାର ମେଘା ଧଙ୍ଗଡାମାଝୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିଭଳି ଗ୍ରୁପଡ୍ୟାନ୍ସ ରେ ମୁଖୀଗୁଡା ଏମଏମଡିଜି ଗ୍ରୁପ ପ୍ରଥମ, ରଣପୁରର ସୀମା ଡ୍ୟାନ୍ସ ଗ୍ରୁପ ଦ୍ୱିତୀୟ, ଜୁନାଗଡ଼ର ମାଁ ବଣ୍ଡେଲ ମାଇଲି ଗ୍ରୁପ ତୃତୀୟ, କେନ୍ଦୁଗୁଡାର ବିଜୟ ଦୁର୍ଗା ଗ୍ରୁପ ଚତୁର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିଭଳି ଝୋଟି ପ୍ରତିଯୋଗିତାରେ ସ୍ୱିଟି ପ୍ରଧାନୀ ପ୍ରଥମ, ଆଦ୍ୟାଶା ପ୍ରଧାନୀ ଦ୍ୱିତୀୟ, ବର୍ଷା ଦିଶାରୀ ତୃତୀୟ ବବିତା ଧଙ୍ଗଡାମାଝୀ ଚତୁର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସରୋଜ କୁମାର ମୁଣ୍ଡଛିନା କାର୍ଯ୍ୟକ୍ରମ ପରିଚଳନା କରିଥିଲେ । ସଭାପରେ ରାତିରେ ନାଟକ ପରିବେଷଣ ହୋଇଥିଲା ।

# ଭୂଅଳଙ୍କରଣ କର୍ମଶାଳା ଓ ପ୍ରଦର୍ଶନୀ

## ଯୋଗଦେଲେ ୫୦ଜଣ ଶିକ୍ଷାର୍ଥୀ

ଭବାନୀପାଟଣା,୭ ।୧୦(ସମିସ)



କଳା ଓ ସାହିତ୍ୟ ପ୍ରତି ସମର୍ପିତ ଅଖିଳ ଭାରତୀୟ ସଂଗଠନ ସଂସ୍କାର ଭାରତୀର ଉତ୍କଳ ପଶ୍ଚିମପ୍ରାନ୍ତ ତରଫରୁ ଭବାନୀପାଟଣା ଠାରେ ୬ ଓ ୭ ତାରିଖ ଦୁଇଦିନିଆ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ କଳାହାଣ୍ଡି ଲେଖକ କଳା ପରିଷଦ ଠାରେ ୫୦ ଜଣ ଶିକ୍ଷାର୍ଥୀ ଭୂଅଳଙ୍କରଣର ବିଭିନ୍ନ କୌଶଳ ସମ୍ବନ୍ଧରେ ଶିକ୍ଷା ପ୍ରାପ୍ତ କରିଥିଲେ । ଦ୍ୱିତୀୟ ଦିନ ଜେଲ ଛକଠାରୁ ଜିଲ୍ଲା କୋଷାଗାର ପର୍ଯ୍ୟନ୍ତ ଏକ ଚିତ୍ତାକର୍ଷକ ପଥ ପ୍ରାନ୍ତ ଭୂଅଳଙ୍କରଣ (ରଙ୍ଗୋଲି) ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟଶାଳାରେ ସଂସ୍କାର ଭାରତୀର ଅଖିଳ ଭାରତୀୟ ରଙ୍ଗୋଲି ସଂଯୋଜକ ରଘୁନାଥ ଦେଶପାଣ୍ଡେ (ପୁନେ) ଓ ଭୁଅଳଙ୍କରଣ କଳାକାର ଉମେଶ ପାଞ୍ଚାଲ (ମୁମ୍ବାଇ) ଶିକ୍ଷାଦାନ ସହ ମାର୍ଗଦର୍ଶନ କରିଥିଲେ । ପଥପ୍ରାନ୍ତ ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବରେ କଳାହାଣ୍ଡି ଜିଲ୍ଲାପାଳଙ୍କ ସହଧର୍ମିଣୀ ପ୍ରିୟଙ୍କା ଭାଉ କରାଣ୍ଡେ ମୁଖ୍ୟଅତିଥି ଭାବେ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆକର୍ଷଣୀୟ ରଙ୍ଗୋଲିର ଭୂୟସୀ ପ୍ରଶଂଶା କରିଥିଲେ । କାର୍ଯ୍ୟକ୍ରମ ପ୍ରାନ୍ତ ଭୁଅଳଙ୍କରଣ ସଂଯୋଜିକା ସଂଯୁକ୍ତା ସାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ସ୍ଥଳେ ପ୍ରାନ୍ତ ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ କଳାକାର ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରାନ୍ତ ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ସହ ମହାମନ୍ତ୍ରୀ ଦିଲ୍ଲୀପ କୁମାର ସା, ଜିଲ୍ଲା ଭୁଅଳଙ୍କରଣ ସଂଯୋଜିକା ଭାରତୀ ସାହୁ, ପ୍ରାନ୍ତ ସମ୍ପାଦକ ଜ୍ୟୋତିରାଣୀ ଦାସ, ନମିତା ମିଶ୍ର, ପ୍ରାନ୍ତ କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନେଗୀ, ଜିଲ୍ଲା ସଭାପତି ଭାଗିରଥି ବେହେରା, ପ୍ରାନ୍ତଚିତ୍ର କଳା ସଂଯୋଜକ କ୍ଷୀରସିନ୍ଧୁ ଭୋଇ, ଜିଲ୍ଲା କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ, ମାନସ ରଞ୍ଜନ ପଣ୍ଡା, ପ୍ରାନ୍ତମଞ୍ଚ କଳା ପ୍ରମୁଖ ସୌରଭ ମହାପାତ୍ର, ଜ୍ୟୋତିର୍ମୟ ହରପାଲ, ପ୍ରୀତି ପଟ୍ଟନାୟକ ଓ ଓମ୍ ପ୍ରକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ତୈଳିକ ବୈଶ୍ୟ ସାହୁ ସମାଜ ପକ୍ଷରୁ ରକ୍ତଦାନ ଶିବିର



**ଜୟପାଟଣା,୭ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ତୈଳିକ ସାହୁ ସମାଜ ପକ୍ଷରୁ ଗାନ୍ଧୀଗ୍ରାମପଡା ତୃପ୍ତି ଏଣ୍ଡ କ୍ଲାବ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଥିଲା । ଏଥିରେ ୩୧ ୟୁନିଟ୍ ରକ୍ତ ସଂଗହ ହୋଇଛି । ମୁଖ୍ୟଅତିଥି ଭାବେ ଆଦିବାସୀ ନେତା ଗଙ୍ଗାଧର ମାଝୀ, ସମାଜସେବୀ ଶେଷଦେବ ବେହେରା ଯୋଗ ଦେଇଥିବା ବେଳେ ମେଡ଼ିକାଲ କର୍ମଚାରୀ ଡମ୍ବୁରୁଧର ସାହୁ, କୃଷ୍ଣଚନ୍ଦ୍ର ସାହୁ ଓ ଜତିନ୍ଦ୍ର ପ୍ରସାଦ ବାଗ ରକ୍ତ ସଂଗହ କରିଥିଲେ । କାର୍ଯ୍ୟକ୍ରମକୁ ଜୟପାଟଣା ତୈଳିକ ସାହୁ ସମାଜର ସଭାପତି ଗୌରଚନ୍ଦ୍ର ସାହୁ, ସମ୍ପାଦକ ଭାସ୍କରଚନ୍ଦ୍ର ସାହୁ, କୋଷାଦକ୍ଷ ଭାଗିରଥି ସାହୁ ପରିଚାଳନା କରିଥିବା ବେଳେ ନରେଶଚନ୍ଦ୍ର ସାହୁ, ଅନୀଲ ସାହୁ, ସନ୍ତୋଷ ସାହୁ, ପ୍ରସାଦ ସାହୁ, ରାମପ୍ରସାଦ ସାହୁ, ବିକାଶ ସାହୁ, ଅଭିମନ୍ୟୁ ସାହୁ ତଥା କଳମପୁର ବ୍ଲକ୍ ତୈଳିକ ସମାଜ ସଭାପତି କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥିଲେ ।

## ଅଞ୍ଚଳବାସୀଙ୍କୁ ମିଳୁନି ଜିଏସ୍‌ଟି ଲାଭ

# ବ୍ୟବସାୟୀ କହୁଛନ୍ତି ପୁରୁଣା ମାଲ୍ ସରିନି

**କେସିଙ୍ଗା,୭ ।୧୦(ସମିସ):** ୧୫ ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଏସ୍‌ଟିରେ ହୋଇଥିବା ସୁଧାର ଓ ସୁଧାର ଯୋଗୁଁ ଭାରତବାସୀଙ୍କ କଣ ଲାଭ ହେବ ଓ କେତେ ଲାଭ ହେବ ସେ ବିଷୟରେ ଦେଶବାସୀଙ୍କୁ ସମ୍ବୋଧନ କରି ଜିଏସ୍‌ଟି ବଚତ ଉତ୍ସବ ପାଳନ ପାଇଁ ଲୋକଙ୍କୁ କହିଲେ । ଜିଏସ୍‌ଟିରେ ସଂଶୋଧନ ନିହାତି ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ । ଗାଡ଼ି ମଟର ଠାରୁ ଆରମ୍ଭ କରି ତେଲ ଲୁଣ ପର୍ଯ୍ୟନ୍ତ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ କିଛି ସାମଗ୍ରୀ ଉପରେ ଟ୍ୟାକ୍ସ ଛାଡ଼ ହୋଇଛି ତ କିଛି ସାମଗ୍ରୀ ଉପରେ ଜିଏସ୍‌ଟି କମ ହୋଇଛି । ଗରିବ ଓ ମଧ୍ୟବିତ୍ତ ପରିବାରର ଆର୍ଥିକ ପରିସ୍ଥିତି ନିଶ୍ଚିତ ଭାବରେ ଉନ୍ନତି ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଉକ୍ତ ଲାଭ ଅଞ୍ଚଳବାସୀ କେବେ ପାଇବେ । କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ତେଲ ଚିନି ଓ ଅନ୍ୟ ରୋଷେଇ ଘର ସାମଗ୍ରୀରୁ ଜିଏସ୍‌ଟି ଲାଭ ପାଇବା ପାଇଁ ଆଉ ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ ତାହା କାହାପାଖରେ ଜବାବ ନାହିଁ । ବ୍ୟବସାୟୀ କହୁଛନ୍ତି ଆମ ପାଖରେ ପୁରୁଣା ମାଲ ଅଛି ପୁରୁଣା ମାଲ ସରିବ ନୂଆ ମାଲ ଆସିବ ତାପରେ ଲୋକେ ଜିଏସଟି ଲାଭ ପାଇବେ । ତେଣୁ ଅଞ୍ଚଳବାସୀଙ୍କୁ କେତେଦିନ ପରେ ଘୋଷଣା ହୋଇଥିବା ଜିଏସଟି ଲାଭ ମିଳିବ ଦେଖିବାକୁ ବାକି ରହିଲା । ଅନ୍ୟପଟେ ସଚେତନତା ଅଭାବରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଞ୍ଚଳବାସୀ ଜାଣି ନାହାନ୍ତି ଯେ ଜିଏସଟିରେ କୋଉ କୋଉ ଅତ୍ୟାବଶ୍ୟକ ସାମଗ୍ରୀ ର ରେଟ୍ କମିଛି ଓ ସେ କେତେ ଟଙ୍କାର ଲାଭ ପାଇବ । କେବଳ ଏତିକି ଜାଣିଛି ଯେ ଗାଡ଼ି ମଟର ଓ ଅନେକ ସୌଖିନ ଜିନିଷ ଯଥା ଟିଭି, ଏସି , କପଡ଼ା ଧୁଆ ମେସିନର ରେଟ କମିଛି । ଆଗକୁ ଦେଖିବାକୁ ବାକି ରହିଲା ସରକାର ଲୋକଙ୍କୁ କେବେ ଜିଏସଟି ବିଷୟରେ ସଚେତନ କରାଇବେ । କେବେଠୁଁ ବ୍ୟବସାୟୀମାନେ ଦୋକାନ ସମ୍ମୁଖରେ ଜିଏସଟିର ଅନ୍ତର ମୂଲ୍ୟର ସୁଚନାଫଳକ ଲଗାଇବେ ୧୫ ଦିନ ପରେ ମଧ୍ୟ ଲୋକେ ଲାଭ ପାଇ ନାହାଁନ୍ତି ଆଉ କେତେଦିନ ଅପେକ୍ଷା କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଏନ୍‌ଏସି ଘୋଷଣା ପରେ ସିନାପାଲିରେ ଖୁସିର ଲହରୀ

**ସିନାପାଲି,୭ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସହରକୁ ଏନ୍‌ଏସି ଘୋଷଣା ପରେ ସିନାପାଲି ରେ ଖୁସିର ଲହରୀ ଖେଳିଯାଇଛି । ଗତ ସୋମବାର ଦିନ ନୂଆପଡ଼ା ଗସ୍ତରେ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧିବଦ୍ଧ ଭାବେ ସିନାପାଲିକୁ ଏନ୍‌ଏସି ମାନ୍ୟତା ଦିଆଗଲା ବୋଲି ଘୋଷଣା କରିଥିଲେ । ଏହାକୁ ନେଇ ମଙ୍ଗଳବାର ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଧନ୍ୟବାଦ ଅର୍ପଣ ପର୍ବ ସିନାପାଲି ନାଗରିକ କମିଟି ଓ ଏନ୍‌ଏସି କ୍ରୀୟାନ୍ୱୟନ୍ କମିଟି ତରଫରୁ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସାଂସଦ ମାଳବିକା ଦେବୀ, ପୂର୍ବତନ ଖଡିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତିଙ୍କୁ ଧନ୍ୟବାଦ ଜଣାଇବା ସହ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି । ପରେ ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ ।

ବାଣ ଓ ରୋଷଣୀରେ ସିନାପାଲି ସହର କମ୍ପି ଉଠିଥିବା ବେଳେ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ଖୁଆଇ ଖୁସି ମନାଇ ଥିଲେ । ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର, କ୍ରିୟାନ୍ୱୟନ କମିଟି ସଭାପତି ଅରି ଗଞ୍ଜନ ଯୋଷୀ, ସୁବ୍ରତ ଠାକୁର, ପ୍ରିୟରଞ୍ଜନ ମେହେର, ଜିଲ୍ଲାପରିଷଦ ସଦସ୍ୟା ଆଶା ଜୈନ, ସୁବ୍ରତ ମେହେର, ତ୍ରିନାଥ ମେହେର, ମନୀଷ ପଟେଲ, ଅମିତ ଜୈନ, ଗଲାମଣି ସା ସମେତ ଅନେକ ବ୍ୟକ୍ତି ବିଶେଷ ସାମିଲ ଥିଲେ ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭବାନୀପାଟଣା,୭ ।୧୦(ସମିସ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଏସ.କୁଣ୍ଡାମାଲସ୍ଥିତ ଗଣପତି ଏଗ୍ରୋ ରାଇସ ମିଲରେ କାର୍ଯ୍ୟରତ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତ ଯୁବକଙ୍କ ନାମ ଦୁଃଖହରି ମେହେର (୪୦) ଓ ସେ ବଳଦିଆମାଲ ନେହେରୁ ନଗର ପଡାର ବୋଲି ଜଣାପଡିଛି । ମିଳିଥିବା



ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଦୁଖଃହରି ରାଇସ ମିଲକୁ କାମ କରିବାକୁ ଯାଇଥିଲେ । ହେଲେ ଅପରାହ୍ନରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଜୁନାଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ସ୍ତ୍ରୀ ଗୀତାଞ୍ଜଳୀ ମେହେର ସ୍ୱାମୀଙ୍କ ମୃତ୍ୟୁକୁ ସନ୍ଦେହ ପ୍ରକାଶ କରି ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଛନ୍ତି । ଜୁନାଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ଜୁନାଗଡ଼ ଥାନାରେ ଅପମୃତ୍ୟୁ ମାମଲା ନଂ୨୪/୨୦୨୫ ରୁଜୁ ହୋଇଛି । ମୃତ ଯୁବକଙ୍କ ଶରୀରରେ କୌଣସି ଆଘାତ ଚିହ୍ନ ନଥିବା ପୁଲିସ କହିଛି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯୁବକଙ୍କ ମୃତ୍ୟୁ କେଉଁ କାରଣରୁ ହୋଇଛି ଜଣାପଡ଼ିବ ବୋଲି ପୁଲିସ କହିଛି ।

# ଲିଟିଗୁଡ଼ାରେ ଗଜଲକ୍ଷ୍ମୀ ପୂଜା



**ସିନାପାଲି,୭ ।୧୦(ସମିସ):** ସିନାପାଲି ବ୍ଲକ୍ ଲିଟିଗୁଡ଼ା ଠାରେ ୧୯ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ସୋମବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି ନିକଟସ୍ଥ ନଦୀରେ ପୂଜା ଅର୍ଚ୍ଚନା କରି କଳସରେ ପବିତ୍ର ଜଳ ସଂଗ୍ରହ କରିଥିଲେ । ପରେ ପାରମ୍ପରିକ ସଙ୍କୀର୍ତ୍ତନ ସହିତ ହରିବୋଲ ହୁଳହୁଳିର ତାଳେ ତାଳେ ନଗର ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ ପରେ ପୂଜନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପ୍ରତ୍ୟହ ପୂଜାର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ରାତ୍ରି କାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବିଭିନ୍ନ ଦିନମାନଙ୍କରେ ଭିନ୍ନ ଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି । ନୃତ୍ୟ ପ୍ରତିଯୋଗିତା ପାରମ୍ପରିକ ନାଟକର ଆୟୋଜନ ଥିବା ଜଣାପଡିଛି । ଚଳିତ ବର୍ଷ ପୂଜା ପାଳନ ୧୯ ବର୍ଷରେ ପଦାର୍ପଣ କରିଛି । ପୂଜା କର୍ତ୍ତା ଭାବରେ ଦାଶରଥି ମେହେର ଓ ପତ୍ନୀ ଶ୍ରୀୟା ମେହେର ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜକ ଭାବରେ ଜଗଦାନନ୍ଦ ଦାସ ଓ ସାଥୀ ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜା ପରିଚାଳନା କମିଟି ସଭାପତି ଭାବରେ ବ୍ରଜସୁନ୍ଦର ନାଏକ, ଉପ ସଭାପତି ଅନିରୁଦ୍ଧ ନାଗ, ସମ୍ପାଦକ ନରେନ୍ଦ୍ର ମାଝୀ, ଯୁଗ୍ମ ସମ୍ପାଦକ ଲଳିତ ମୋହନ ମାଝୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରୁଛନ୍ତି । ଆସନ୍ତା ୧୦ ତାରିଖ ଦିନ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ ଜଣାପଡିଛି ।

## ନୂଆପଡ଼ା ବିଧାନସଭା ଉପନିର୍ବାଚନ

# ରାଜନୈତିକଦଳ ପ୍ରତିନିଧିଙ୍କ ସହ ଆଦର୍ଶ ଆଚରଣବିଧି ସମ୍ପର୍କରେ ଆଲୋଚନା



**ନୂଆପଡା,୭ ।୧୦(ସମିସ):** ଭାରତ ନିର୍ବାଚନ କମିଶନ୍ ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଏହି ସମ୍ବନ୍ଧରେ ଜିଲ୍ଲାର ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରିବା ପାଇଁ ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ନିର୍ଦ୍ଦେଶରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ବୈଠକ ଆୟୋଜନ ହୋଇଥିଲା । ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ପ୍ରଫୁଲ୍ଲ କୁଜୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଆଡିସନାଲ ଏସ୍‌ପି ରଣଜିତ୍ ନାୟକ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ତହସିଲଦାର ପ୍ରଣବ ରଞ୍ଜନ ସାହୁ , ଡିସି ନିର୍ବାଚନ ଶେଖ୍ ନସିମ୍, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ନିର୍ବାଚନ କମିଶନ୍‌ଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ଗେଜେଟ୍ ନୋଟିଫିକେଶନ ୧୩ ଅକ୍ଟୋବରରେ ହେବ । ଏହି ମାସରେ ନାମାଙ୍କନ ପତ୍ର ଦାଖଲ ର ଶେଷ ତାରିଖ ୨୦ , ନାମାଙ୍କନ ସ୍କୃଟିନୀ ୨୨ ତାରିଖ, ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ୨୪ ଅଛି । ନିର୍ବାଚନ ୧୧ ନଭେମ୍ବର ଏବଂ ଗଣତି ୧୪ ନଭେମ୍ବର ତାରିଖରେ ହେବ । ନିର୍ବାଚନ ଘୋଷଣା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହାର ବିଭିନ୍ନ ଦିଗ ଉପରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ମତଦାନ ଦିନ ସକାଳ ୭ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଏବଂ ସମ୍ବେଦନଶୀଳ ବୁଥମାନଙ୍କରେ ଅପରାହ୍ନ ୪ଟା ଯାଏଁ ମତଦାନ ହେବ । ଡେପୁଟି କଲେକ୍ଟର ନସିମ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ସମସ୍ତ ଗାଡ଼ି ମଟର, ଟେଣ୍ଟ, ବ୍ୟାନର, ପ୍ରଚାର ସାମଗ୍ରୀ, ଖାଦ୍ୟ ପେୟ ଇତ୍ୟାଦିର ମୂଲ୍ୟ ନିର୍ଦ୍ଧାରଣ ଉପରେ ସୂଚନା ଦେଇଥିଲେ । ଜିଲ୍ଲାପାଳ କହିଲେ ଯେ ନିର୍ବାଚନ ପ୍ରଚାରରେ ଡି ଜେ ଗାଡ଼ି ଜମାରୁ ବ୍ୟବହାର ହେବ ନାହିଁ । ଅନ୍ୟ ସମସ୍ତ ଡ଼ାକବାଜି ଯନ୍ତ୍ର ଶବ୍ଦ ପ୍ରଦୂଷଣ ସୀମା ମଧ୍ୟରେ ରହିବ । ନୂଆପଡା ଜିଲ୍ଲା ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ହିସାବରେ ଘୋଷିତ ହୋଇଥିବାରୁ ପ୍ରଚାର ସାମଗ୍ରୀ ସବୁ କନାରେ କିମ୍ବା ପଚନଶିଳ ବସ୍ତୁରେ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ରାତି ୧୦ ଟାରୁ ସକାଳ ୦୬ ଟା ପର୍ଯ୍ୟନ୍ତ ସମସ୍ତ ପ୍ରଚାର ପ୍ରସାର ସଭା ବନ୍ଦ ରହିବ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ କହିଲେ ଯେ ସମଗ୍ର ଜିଲ୍ଲାରେ ଶାନ୍ତି ପୂର୍ଣ୍ଣ, ସ୍ୱାଧୀନ ଓ ନିରପେକ୍ଷ ଭାବରେ ନିର୍ବାଚନ ହେବା ପାଇଁ ପୁଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ । ଆଦର୍ଶ ଆଚରଣ ବିଧି ସମଗ୍ର ଜିଲ୍ଲାରେ କଡାକଡି ଭାବରେ ଲଗୁହେବ । ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହିତ ଶତ ପ୍ରତିଶତ ମତଦାନ ସୁନିଶ୍ଚିତ କରିବା ପାଇଁ ସେ ସମସ୍ତ ରାଜନୈତିକ ଦଳମାନଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲା ବିଜେପି ସଭାପତି କମଲେଶ କୁମାର୍ ଦୀକ୍ଷିତ, ଆଇଏନସିରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ସିଂ କ୍ଷତ୍ରି, ଆପ୍‌ରୁ ଲକ୍ଷ୍ମିକାନ୍ତ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।



# ୯୦ ପ୍ରତିଶତ ଦିବ୍ୟାଙ୍ଗ ସତ୍ତ୍ୱେ ମିଳୁନି ୩୫୦୦ଟଙ୍କା

**ମ.ରାମପୁର,୭ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ମାଣିକେରା ପଞ୍ଚାୟତର ଆରସକୁପା ଗ୍ରାମରେ ଜନ୍ମରୁ ୯୦ ପ୍ରତିଶତ ଥିବା ଦିବ୍ୟାଙ୍ଗ ଧରୁଆ ପାଇ ପାରୁନାହାନ୍ତି ୩୫ଶହ ଟଙ୍କା ଭତ୍ତା । ଯାହାକି ପ୍ରଶାସନିକ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସରକାରଙ୍କ ନୂଆ ନିୟମରେ ୮୦ପ୍ରତିଶତ ଭିନ୍ନକ୍ଷମଙ୍କୁ ୩୫୦୦ ଘୋଷଣା କରିଛନ୍ତି ହେଲେ ତାଙ୍କର ୯୦ ପ୍ରତିଶତ ସାର୍ଟିଫିକେଟରେ ଉଲ୍ଲେଖ ରହି ମଧ୍ୟ ୧୫୦୦ ଟଙ୍କା ଭତ୍ତା ପାଉ ଛନ୍ତି । କେଉଁ ତ୍ରୁଟି ପାଇଁ ଧରୁଆ ୩୫୦୦ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ବହୁ କଷ୍ଟରେ ଜୀବନ ବିତାଉଥିବା ଧରୁଆଙ୍କ କାଗଜପତ୍ର ଠିକ ଅଛି ବୋଲି ସେ କହୁଛନ୍ତି । ସେ ଯେଉଁଆଡେ ଗଲେ ଆଣ୍ଠେଇ ଆଣ୍ଠେଇ ଯିବାକୁ ପଡେ । ପରିତାପ ବିଷୟ ଅଜି ପର୍ଯ୍ୟନ୍ତ ତାଙ୍କୁ ହୁଇଲଚେୟାର କିମ୍ବା ଟ୍ରାଇସାଇକଲ ଟେ ମଧ୍ୟ ମିଳିନାହିଁ । ସେ ଯଦି କୌଣସି ସ୍ଥାନକୁ ଯିବାକୁ ହେଲେ ଅନ୍ୟର ସାହାରରେ ଯିବାକୁ ପଡେ । ସରପଞ୍ଚଠୁ ନେଇ ବ୍ଲକ୍ ଅଧିକାରୀଙ୍କୁ ବହୁବାର ଜଣାଇଲା ପରେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି । ଜଣେ ଶତପ୍ରତିଶତ ଅସହାୟ ଭିନ୍ନକ୍ଷମ ଦେହରେ ବଳନାହିଁ, ଖାଇବାକୁ ପଇସା ନାହିଁ ଅନ୍ୟର ସାହାରା ବଞ୍ଚୁଥିବା ମଣିଷକୁ ସରକାର ଅଣଦେଖା କରିବା କେତେ ଦୂର ଠିକ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଜାତୀୟ ରାଜପଥ ପୋଲରେ ଫାଟ



**କୋକସରା,୭ ।୧୦(ସମିସ):** କଳାହାଣ୍ଡି ଜିଲ୍ଲାରୁ ନବରଙ୍ଗପୁର ଜିଲ୍ଲାକୁ ସଂଯୋଗ କରୁଥିବା ଜାତୀୟ ରାଜପଥର କୋକସରା ବ୍ଲକ୍ ବଙ୍ଗୋମୁଣ୍ଡା କେନାଲ ଛକ ନିକଟସ୍ଥ ପୋଲ ଉପରେ ପୁଣି ଫାଟ ସୃଷ୍ଟି ହୋଇଛି । ଯାହା ଫଳରେ ଏହି ରାସ୍ତାରେ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ରାସ୍ତା ଉପରେ ଥିବା ପୋଲରୁ କଂକ୍ରିଟ ଛାଡ଼ିଯାଇ ରଡ଼ ବାହାରି ଯାଇଥିଲା । ଯାହାକୁ ଗତ କିଛିଦିନ ତଳେ ଜାତୀୟ ରାଜପଥ ବିଭାଗ ମରାମତି କରାଇଥିଲେ ମଧ୍ୟ ପୁଣି ଏଠାରେ ଫାଟ ସୃଷ୍ଟି ହେଲାଣି ।

ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବାରୁ ଧିରେଧିରେ ପୋଲ ଉପରର ଛୋଟିଆ ଫାଟ ଗର୍ତ୍ତରେ ପରିଣତ ହେବାକୁ ବସିଲାଣି । ତେଣୁ ଏନ୍‌ଏଚ୍ ବିଭାଗ ଦୃଷ୍ଟି ଦେଇ ଶିଘ୍ର ମରାମତି କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି ।

ସକାଳ
THE SAKALA

# ସମ୍ପାଦକୀୟ



କ୍ଷଣିକ ନିରାପତ୍ତା ପାଇଁ ଯେଉଁମାନେ ବ୍ୟକ୍ତି ସ୍ୱାଧୀନତାକୁ ଉତ୍ସର୍ଗ କରନ୍ତି, ସେମାନେ ସ୍ୱାଧୀନତା ଓ ନିରାପତ୍ତା ମଧ୍ୟରୁ କୌଣସିଟିକୁ ନ୍ୟାୟ ଦେଇପାରନ୍ତି ନାହିଁ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ପ୍ରସ୍ତୁତି ଓ ପ୍ରଘଟ

ସମଗ୍ର ଦେଶରେ ଦିନକୁ ଦିନ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଯୁବବର୍ଗଙ୍କ ମଧ୍ୟରେ ମୁଣ୍ଡ ଟେକିଥିବା ଅସନ୍ତୋଷ ବିସ୍ଫୋରଣର ରୂପ ନେବାକୁ ଯାଉଛି। ତେଣିକି ତାହା ଜେନ-ଜେଡ୍ ହେଉ କି ଆଉ କିଛି। ଅପରପକ୍ଷରେ ନିଯୁକ୍ତିକୁ ନେଇ ନାନା ସମସ୍ୟା ମୁଣ୍ଡ ଟେକିଛି। ବିଭିନ୍ନ ସମୟରେ ନିଯୁକ୍ତି ପରୀକ୍ଷା ପାଇଁ ସରକାର ବିଜ୍ଞପ୍ତି ଜାରି କରୁଛନ୍ତି। କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ କିମ୍ବା ଅନ୍ୟାନ୍ୟ ଦୁର୍ନୀତି ସକାଶେ ସେସବୁ ସ୍ଥଗିତ ରହୁଛି। ଶେଷ ମୁହୂର୍ତ୍ତରେ ପରୀକ୍ଷା ବାତିଲ୍ ଏବଂ ବାରମ୍ବାର ପରୀକ୍ଷା ଘୁଞ୍ଚୁଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହେଉଛି। ନିକଟରେ ଉତ୍ତରାଖଣ୍ଡର ଯୁବବର୍ଗ ସରକାରଙ୍କ ଏପ୍ରକାର କାର୍ଯ୍ୟକଳାପ ବିରୋଧରେ ସମ୍ମିଳିତ. ଧାରଣା ଓ ଆନ୍ଦୋଳନ କରିଥିଲେ। ଉତ୍ତରପ୍ରଦେଶ ଓ ବିହାରରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏହି ପରିସ୍ଥିତିକୁ ଅନୁଶୀଳନ କରୁଥିବା କିଛି ପର୍ଯ୍ୟବେକ୍ଷକଙ୍କ ମତ ହେଉଛି, ସରକାର ନିୟମିତ ନିଯୁକ୍ତି ଦେବାକୁ ଆଗ୍ରହୀ ଥିବା ଭଳି ମନେ ହେଉନାହିଁ। ବରଂ ଅତ୍ୟାବଶ୍ୟକ କ୍ଷେତ୍ରରେ ଠିକାରେ ନିଯୁକ୍ତି ଦେଇ କାମ ଚଳାଇନେବାକୁ ଅଧିକ ପସନ୍ଦ କରୁଛନ୍ତି। ନହେଲେ କ୍ରମାଗତ ପ୍ରଶ୍ନପତ୍ର ପ୍ରଘଟ ଭଳି ନିନ୍ଦିତ ଘଟଣାକୁ ରୋକିବାରେ ସରକାରଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଉଥିଲେ ମଧ୍ୟ ଅବିଚାରିତ ଭାବେ ସେଥିପ୍ରତି ଉଦାସୀନ ହେଉ ନଥା'ନ୍ତେ।

ଆଜିକାଲି ସରକାରୀ ନିଯୁକ୍ତି ପ୍ରତି ସର୍ବାଧିକ ଆକର୍ଷଣ। ଅଭିଭାବକମାନେ ସବୁକିଛି ବିନିମୟରେ ତାଙ୍କ ପିଲା କିଭଳି ସରକାରୀ ଚାକିରିଟିଏ ପାଇଯିବେ ସେ ନେଇ ବ୍ୟସ୍ତ ଓ ବିବ୍ରତ। ଲିଖିତ ପରୀକ୍ଷା ପ୍ରସ୍ତୁତି ପାଇଁ ସହରରେ ଖୋଲିଥିବା କୋଚିଂ ସେଣ୍ଟରରେ ପିଲାଙ୍କୁ ପଢ଼ାଇବାରେ ସେମାନେ ହାତଖୋଲା ଖର୍ଚ୍ଚ କରି ଚାଲିଛନ୍ତି। ସ୍ୱାଭାବିକ ଭାବେ ଏକ୍ଷେତ୍ରରେ ନିଶ୍ଚିତ ନିଯୁକ୍ତି ସୁଯୋଗ ହାସଲ ପାଇଁ ଅର୍ଥକୁ ଆଉ ବାଧକ ରୂପେ ଗ୍ରହଣ କରିହେଉନି। ନିଜର ସମ୍ପତ୍ତିବାଡ଼ି ବିକ୍ରି କରି ଅଭିଭାବକ ଅର୍ଥ ଯୋଗାଡ଼ କରି ତଥାକଥିତ ଦଲାଲଙ୍କ ହାତରେ ଧରାଇ ଦେଉଛନ୍ତି। କିନ୍ତୁ କିନ୍ତୁ ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲେ କିମ୍ବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା କାରଣରୁ ପରୀକ୍ଷା ବାତିଲ୍ ହୋଇଗଲେ ପରୀକ୍ଷାର୍ଥୀଙ୍କ ପରିଶ୍ରମ ଓ ପ୍ରସ୍ତୁତି ପାଣିରେ ପଡ଼ିବା ସହ ଖର୍ଚ୍ଚାନ୍ତ ଅଭିଭାବକ ମୁଣ୍ଡରେ ହାତଦେଇ ବସୁଛନ୍ତି। ଏଭଳି ଘଟଣାର ସଦ୍ୟତମ ଉଦାହରଣ ଆମ ରାଜ୍ୟର ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କ୍ଷେତ୍ରରେ ପରିଦୃଷ୍ଟ ହୋଇଛି।

ପ୍ରଶ୍ନପତ୍ର ପ୍ରଘଟ ଜନିତ ବିଳମ୍ବ ପାଇଁ ଅଯଥାରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ- ଏହି ଉଦ୍ଦେଶ୍ୟରେ ପରୀକ୍ଷା ଓ ନିଯୁକ୍ତି ଦୁର୍ନୀତିର ଏକ ନୂଆ ଫନ୍ଦି କରାଯାଇଥିଲା। କିନ୍ତୁ ଏହି କେଳେଙ୍କାରୀ ପଦାରେ ପଡ଼ିଯିବା ପରେ ଅର୍ଥ ବିନିମୟରେ ନିଯୁକ୍ତି ଆଶାକରିଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଛି। ଏହାଥିଲା ସେମାନଙ୍କ ପାଇଁ ଶେଷ ଭରସା। ଏହି ତଦନ୍ତର ଘଟଣାକ୍ରମ କେଉଁଆଡ଼କୁ ଯିବ ତାହା ଏବେ ଠାରୁ କହିବା କଷ୍ଟକର। କାରଣ ପଦପଦବୀରେ ଥିବାଅସଲ ଅଭିଯୁକ୍ତ ତଦନ୍ତ ପରିସର ବାହାରେ ଅଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେକି ଏହି ନିଯୁକ୍ତି ପରୀକ୍ଷାରେ ଦୁର୍ନୀତିର ଗନ୍ଧ ବାରି ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ( ଓପିଆରବି)ର ଅଧ୍ୟକ୍ଷ ପଦରୁ ଜଣେ ଅଧିକାରୀ ଓହରି ଯାଇଥିବା ଘଟଣା ଦୃଷ୍ଟିକୁ ଆସିଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ପରୀକ୍ଷା ପରିଚାଳନା ଭାର କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜରାଟର ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଥିଲା। ସେ ଅନ୍ୟଏକ ସଂସ୍ଥା ରିଡ୍‌ମାଇନ୍ସ ଡିଜିଟାଲକୁ ଦାୟିତ୍ୱ ହସ୍ତାନ୍ତର କଲା। ତାହା ପରେ ଭୁବନେଶ୍ୱରର ସିଲିକନ ଟେକ୍‌ଲାବ୍ ସଂସ୍ଥାକୁ ସବକଣ୍ଟ୍ରାକ୍ଟ ଦିଆଗଲା। କାର୍ଯ୍ୟପରିଚାଳନା ସକାଶେ ସେ ସଂସ୍ଥା ମଧ୍ୟ ପଞ୍ଚସଫ୍ଟ ଟେକ୍ନୋଲୋଜି ହାତକୁ ଦାୟିତ୍ୱ ଟେକିଦେଲା। ବିଚିତ୍ର ବ୍ୟବସ୍ଥା ଓ ବିଚିତ୍ର ଘଟଣା। ଏଥିପ୍ରତି ସରକାରୀ କଳର କାହାର ନିଘା ନାହିଁ। ସମଗ୍ର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମନେ ହେଉଛି ଏବେ ଚାଲିଥିବା ତଦନ୍ତ କେବଳ ଧର୍ମକୁ ଆଖିଠାର।

୨୦୨୪ ଜୁନ ପରଠାରୁ କ୍ରମାଗତ ଭାବେ ୧୫ ମାସରେ ୧୬ଟି ବିଭିନ୍ନ ନିଯୁକ୍ତି ପରୀକ୍ଷା ବାତିଲ ହେବା ପରେ ନିକଟରେ ସରକାରଙ୍କ ନିଦ ଭାଙ୍ଗିଛି। ପରୀକ୍ଷା ବାତିଲ୍ ହେବାର କାରଣ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗ ଓ ସଂସ୍ଥାର ଅଧିକାରୀଙ୍କ ଠାରୁ ରିପୋର୍ଟ ମଗାଯାଇଛି। ରାଜ୍ୟର ଯେଉଁ ଯୋଗ୍ୟ ଓ ମେଧାବୀ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପ୍ରଘଟ ଓ ଅନ୍ୟାନ୍ୟ କାରଣରୁ ସାକ୍ଷାତକାର ସ୍ଥଗିତ ଜନିତ ଭୟଙ୍କର ମାନସିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ସରକାରୀ କଳ କସରତରୁ ସେମାନଙ୍କୁ କ'ଣ ମିଳିବ? ●

# ପାଲେଷ୍ଟାଇନ ସାର୍ବଭୌମତ୍ୱକୁ ସ୍ୱୀକୃତିର ପ୍ରାସଙ୍ଗିକତା

ଡ. ପ୍ରଦୀପ କୁମାର ନାୟକ



ଗତ ସେପ୍ଟେମ୍ବର ମାସ ପ୍ରାରମ୍ଭରେ ମିଳିତ ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରୁ ୧୫୭ଟି ରାଷ୍ଟ୍ର ପାଲେଷ୍ଟାଇନକୁ ଏକ ସାର୍ବଭୌମ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇଛନ୍ତି। ଏକ ସ୍ୱାଧୀନ, ସାର୍ବଭୌମ ଓ ଅଖଣ୍ଡ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ୧୯୪୮ ସାଲରୁ ନିରନ୍ତର ଜନଆନ୍ଦୋଳନ କରି ଆସୁଥିବା ଅଗଣିତ ପାଲେଷ୍ଟିନୀୟଙ୍କ ସ୍ୱପ୍ନ ସାକାର ହୋଇଛି। ମିଳିତ ଜାତିସଂଘର ସଂକଳ୍ପ ସଂଖ୍ୟା- ୧୮୧(୨), ଯାହାକି ୧୯୪୭ ସାଲ ନଭେମ୍ବର ୨୯ ତାରିଖରେ ଜାତିସଂଘର ସଧାରଣ ପରିଷଦ ଦ୍ୱାରା ଗୃହୀତ ହୋଇଥିଲା, ତାହା ଅନୁଯାୟୀ ପାଲେଷ୍ଟାଇନ ଅଞ୍ଚଳରୁ ଇହୁଦୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଇସ୍ରାଏଲ ୧୯୪୮ ମସିହା ମେ' ମାସ ୧୪ ତାରିଖରେ ସୃଷ୍ଟି କରା ଯାଇଥିଲା। ଉପରୋକ୍ତ ସଂକଳ୍ପରେ ପାଲେଷ୍ଟାଇନ ଅଞ୍ଚଳରେ ଦୁଇଟି ରାଷ୍ଟ୍ର, ଅର୍ଥାତ ଗୋଟିଏ ଇହୁଦୀ ରାଷ୍ଟ୍ର ଏବଂ ଆଉଗୋଟିଏ ଆରବୀୟ ମୁସଲିମ ରାଷ୍ଟ୍ର ସ୍ଥାପନ କରି ଜେରୁଜେଲମକୁ ଆନ୍ତର୍ଜାତିକ ପ୍ରଶାସନ ଦ୍ୱାରା ପରିଚାଳିତ ହେଉ ବୋଲି ଉଲ୍ଲେଖ ରହିଥିଲା। କିନ୍ତୁ ଆରବୀୟ ମୁସଲମାନ ଓ ପାଲେଷ୍ଟିନୀୟମାନେ ଇହୁଦୀ ରାଷ୍ଟ୍ର ଇସ୍ରାଏଲର ସ୍ଥାପନାକୁ ପ୍ରବଳ ବିରୋଧ କରି ମିଳିତ ଜାତିସଂଘର ଦୁଇ-ରାଷ୍ଟ୍ର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେହିଦିନଠାରୁ ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ପାଲେଷ୍ଟାଇନର ସୃଷ୍ଟି ପାଇଁ ପାଲେଷ୍ଟିନୀୟମାନଙ୍କର 'ପାଲେଷ୍ଟାଇନ ଜାତୀୟତାବାଦୀ ଆନ୍ଦୋଳନ' ଆରମ୍ଭ ହୋଇଥିଲା।

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ (ପାଲେଷ୍ଟାଇନ ୧୯୩୬-୧୯୩୯ ମସିହା ପର୍ଯ୍ୟନ୍ତ) ବ୍ରିଟେନ ଅଧୀନରେ ଏକ ଆଦେଶଭିତ୍ତିକ ଅଞ୍ଚଳ(ମାଣ୍ଡେଟ୍ ଟେରିଟୋରି) ଥିଲା। ତେଣୁ ଏହି ଅଞ୍ଚଳରୁ ବ୍ରିଟେନ ଇସ୍ରାଏଲ ସୃଷ୍ଟି କରିଥିଲା। କିନ୍ତୁ ତତ୍କାଳୀନ ଆରବୀୟ ତୁଙ୍ଗ ନେତୃବୃନ୍ଦ ଯଥା- ମକ୍କାର ଅମୀର ସାରିଫ ହୁସେନ ବିନ ଅଲି ଏବଂ ଜେରୁଜେଲମର ଗ୍ରାଣ୍ଡ ମୁଫତି ମହମ୍ମଦ ଅମିନ ଅଲ ହୁସେନି ଇସ୍ରାଏଲର ସ୍ଥାପନା ବିରୁଦ୍ଧରେ କଡ଼ା ବିରୋଧ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ଆରବୀୟ ରାଷ୍ଟ୍ର ପାଲେଷ୍ଟାଇନ ସ୍ଥାପନ ପାଇଁ ଦୃଢ଼ ଦାବି କରିଥିଲେ। ବିଭିନ୍ନ ଦେଶ, ବିଶେଷତଃ ୟୁରୋପରେ ବାସ କରୁଥିବା ପ୍ରବାସୀ ଇହୁଦୀମାନେ, ବ୍ୟାକୁଳ ହୋଇଥିଲେ ନିଜର ଏକ ମାତୃଭୂମି ପାଇଁ। ଥିଓଡର ହେରଜଲ ନାମକ ଜଣେ ହଙ୍ଗେରୀୟ ସାମ୍ବାଦିକ ତଥା ଆଇନଜ୍ଞ ୧୮୯୬ ସାଲରେ ଏକ ସ୍ୱତନ୍ତ୍ର ଇହୁଦୀ ରାଷ୍ଟ୍ରର ପରିକଳ୍ପନା କରିଥିଲେ ଏବଂ 'ବିଶ୍ୱ ଇହୁଦୀ କଂଗ୍ରେସ'ର ସ୍ଥାପନା କରିଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇହୁଦୀ ଜାତିବାଦ ଆନ୍ଦୋଳନ ସାରା ବିଶ୍ୱରେ ଏକ ଶକ୍ତିଶାଳୀ ଜନଆନ୍ଦୋଳନର ରୂପ ନେଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାଲେଷ୍ଟାଇନ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଇହୁଦୀ ରାଷ୍ଟ୍ର ଇସ୍ରାଏଲ ଗଠନ।

ସେହି ସମୟରେ ଆରବୀୟ ମୁସଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ପାଲେଷ୍ଟାଇନ ଗଠନ ଦାବି ଜୋର ଧରିଥିଲା ଏବଂ ପାଲେଷ୍ଟେନୀୟ ଜାତୀୟତାବାଦ ଆନ୍ଦୋଳନର ବସ୍ତୁତଃ ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନି। ପାଲେଷ୍ଟିନୀୟ ଜାତୀୟବାଦୀ ନେତା ଅହମ୍ମଦ ସୁକେରି ୧୯୬୪ ସାଲରେ 'ପାଲେଷ୍ଟାଇନ ମୁକ୍ତି ସଂଗଠନ' ପ୍ରତିଷ୍ଠା କରିଥିଲେ ଏବଂ ୧୯୬୪ ସାଲରୁ ୧୯୬୭ ସାଲ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। କିନ୍ତୁ କ୍ଷୋଭର ବିଷୟ ୧୯୬୯ ସାଲରୁ ୟାସେର ଆରାଫତ ପାଲେଷ୍ଟାଇନ ମୁକ୍ତି ସଂଗଠନର ଅଧ୍ୟକ୍ଷ ହେବା ପରେ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ପାଇଁ ହିଂସାକାଣ୍ଡ, ରକ୍ତପାତ ଓ ଆତଙ୍କବାଦର ସୂତ୍ରପାତ ହୋଇଥିଲା। ଆନ୍ଦୋଳନ କ୍ରମଶଃ ସଶସ୍ତ୍ର ସଂଗ୍ରାମରେ ପରିଣତ ହୋଇଥିଲା।

୧୯୭୦ ମସିହାରେ ସ୍ଥାପିତ ଏକ ଉଗ୍ରବାଦୀ ସଂଗଠନ 'ବ୍ଲାକ ସେପ୍ଟେମ୍ବର' ଇସ୍ରାଏଲ ଉପରେ ଚାପ ପକେଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ୧୯୭୨ ମସିହା ସେପ୍ଟେମ୍ବର ମାସରେ ପଶ୍ଚିମ ଜର୍ମାନୀର ମ୍ୟୁନିକଠାରେ ଅଲିମ୍ପିକ ଖେଳ ଚାଲିଥିବା ବେଳେ ୧୧ ଜଣ ଇସ୍ରାଏଲୀ ଖେଳାଳିଙ୍କୁ ଅପହରଣ କରି ନେଇ ସେମାନଙ୍କୁ ହତ୍ୟା କରିଥିଲା। ୧୯୪୮ ମସିହାଠାରୁ ଇସ୍ରାଏଲ ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ଯେଉଁ ତିକ୍ତତା ଥିଲା ତାହା ଏହି ଘଟଣା ପରେ ତୀବ୍ର ଶତ୍ରୁତାରେ ପରିଣତ ହେଲା। ୧୯୭୬ ମସିହା ଜୁନ ମାସ ୨୭ ତାରିଖରେ ୨୪୮ ଯାତ୍ରୀଙ୍କୁ ନେଇ ଇସ୍ରାଏଲ୍‌ର ତେଲଆଭିବରୁ ପ୍ୟାରିସ ଯାଉଥିବା ଏୟାର ଫ୍ରାନ୍ସର ଏକ ବିମାନକୁ ପାଲେଷ୍ଟିନୀୟ ଉଗ୍ରବାଦୀମାନେ ଅପହରଣ କରି ଉଗାଣ୍ଡା ଦେଶର ଏନ୍ତେବେ ବିମାନ ବନ୍ଦରକୁ ନେଇ ଯାଇଥିଲେ। ୪୦ ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଇସ୍ରାଏଲ ମୁକ୍ତି ଦେଉ ବୋଲି ଦାବି କରିଥିଲେ। ଇସ୍ରାଏଲ କମାଣ୍ଡୋମାନେ ସେହି ଅପହୃତ ଯାତ୍ରୀମାନଙ୍କୁ ଶେଷରେ ମୁକୁଳାଇ ଥିଲେ।

ଇତିମଧ୍ୟରେ ଆରାଫାତଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ସ୍ୱୀକୃତି ନ ଥାଇ ଏକ 'ପାଲେଷ୍ଟାଇନ ଅଥରିଟି' ମଧ୍ୟ ଘୋଷିତ ହୋଇଥିଲା, ଯାହାର ରାଷ୍ଟ୍ରପତି ସେ ନିଜେ ୨୦୦୪ ସାଲ ଯାଏଁ ନିଜର ମୃତ୍ୟୁ ପର୍ଯ୍ୟନ୍ତ ଥିଲେ। ସେ ୧୯୮୮ ମସିହାରେ ଇସ୍ରାଏଲ ଇହୁଦୀ ରାଷ୍ଟ୍ର ରୂପେ ଅଧିକାରରେ ପ୍ରତିକ୍ରିୟା ପ୍ରକାଶ କରି ପୁଣି ଥରେ ପାଲେଷ୍ଟାଇନ ଅଞ୍ଚଳରେ ଦୁଇଟି ରାଷ୍ଟ୍ର ରହିବାର ଅଧିକାରକୁ ଦାବି କଲେ।

ଏକ ସ୍ୱାଧୀନ, ସ୍ୱତନ୍ତ୍ର ଓ ଆନ୍ତର୍ଜାତିକ ସ୍ୱୀକୃତିପ୍ରାପ୍ତ ପାଲେଷ୍ଟାଇନ ସ୍ଥାପିତ ହେଉ ବୋଲି ଇଜିପ୍ଟର ତତ୍କାଳୀନ ରାଷ୍ଟ୍ରପତି ଗାମେଲ ନାସେର, ଜୋର୍ଡାନର ରାଜା ହୁସେନ, ଆରବ ଲିଗ/ ସଂଗଠନ, ଆମେରିକୀୟ -ପାଲେଷ୍ଟିନୀୟ ବୁଦ୍ଧିଜୀବୀ ଏଡୱାର୍ଡ ସେଡ, ଆମେରିକୀୟ ବୁଦ୍ଧିଜୀବୀ ନୋଆମ ଚମସ୍କି, ପାଲେଷ୍ଟିନୀୟ ରାଜନୀତିଜ୍ଞ କର୍ମା ନାବୁଲସି, ଆମେରିକୀୟ ରାଜନୀତି ବିଶେଷଜ୍ଞ ନର୍ମାନ ଫିନକେଲଷ୍ଟେଇନ, ପାଲେଷ୍ଟିନୀୟ ଐତିହାସିକ ରସିଦ ଖାଲିଦି ଓ ଇସ୍ରାଏଲ ଐତିହାସିକ ଇଲାନ ପାପେ ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। କିନ୍ତୁ ଇସ୍ରାଏଲର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଜୋର୍ଡାନ ନଦୀର ପଶ୍ଚିମରେ କୌଣସି ପାଲେଷ୍ଟାଇନ ତିଷ୍ଠି ରହିବାକୁ ଦିଆଯିବନି ବୋଲି ଜିଦ୍‌ରେ ଅଟଳ ଅଛନ୍ତି। ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରନ୍ତି ଯେ ଏକ ପାଲେଷ୍ଟାଇନ ଦେଶକୁ ସ୍ୱୀକୃତି ଦେଲେ ହମାସ, ହେଜବୋଲା ଓ ପିଏଲଓ ପରି ଉଗ୍ରବାଦୀ ସଂଗଠନମାନଙ୍କୁ ପ୍ରୋତ୍ସାହିତ କଲା ଭଳି ହେବ। ୨୦୧୨ ମସିହାରେ ମିଳିତ ଜାତିସଂଘର ସଦସ୍ୟମାନେ ସଂଖ୍ୟାଧିକ ଭୋଟ ଦ୍ୱାରା ପାଲେଷ୍ଟାଇନକୁ ଏକ 'ପର୍ଯ୍ୟବେକ୍ଷକ ରାଷ୍ଟ୍ର'ର ମାନ୍ୟତା ଦେଇଥିଲେ। ସେଥିପାଇଁ ପାଲେଷ୍ଟାଇନକୁ ପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ଦେବା ବିଷୟ ଏକ ନିର୍ଦ୍ଦିଷ୍ଟ ଜାତିର ସ୍ୱପ୍ନକୁ ସାକାର କରିବ। କିନ୍ତୁ ଏହାର ବିରୋଧୀ ରାଷ୍ଟ୍ରମାନଙ୍କୁ ସବୁବେଳେ କ୍ରୋଧାନ୍ୱିତ କରିବ। ●

(ଅବସରପ୍ରାପ୍ତ ଅଧ୍ୟକ୍ଷ)

ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ସାର କଷଣର ସଂକେତ

ଜୟନ୍ତ ପଟ୍ଟନାୟକ



ଗତ କିଛିଦିନ ହେଲା ଆମ ଚାଷ ଓ ଚାଷୀର ଅତ୍ୟାବଶ୍ୟକ ପଦାର୍ଥ 'ସାର'କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର ସାର ନ ମିଳିବାରୁ ଆମ ରାଜ୍ୟର ଚାଷୀମାନେ ଆନ୍ଦୋଳନ/ବିକ୍ଷୋଭ କରିଆସୁଛନ୍ତି। ସାର ସଂଗ୍ରହ କେନ୍ଦ୍ର ଆଗରେ ଜୋତା, ଆଧାର କାର୍ଡ ବା ଅନ୍ୟ କିଛି ସାମଗ୍ରୀ ଧାଡ଼ିରେ ରଖାଯାଇଥିବା ପରି ଦୃଶ୍ୟ ଦେଖିବାକୁ ମିଳିଛି। ଏଥିରୁ ଚାଷୀମାନଙ୍କର ଆତୁରତା ଓ ଅସହାୟତା ବାରି ହୋଇପଡୁଛି। ମାସ ମାସ ଧରି ଲହୁଲୁହ ଢାଳି ଫଳାଇଥିବା ଫସଲ ଯେତେବେଳେ ସାର ମୁଠାଏ ପାଇଁ ଦୁର୍ବଳ ହୋଇଯାଉଥିବ ସେ କଥା କେବଳ ଚାଷୀ ହିଁ ହୃଦୟଙ୍ଗମ କରିପାରିବ। କିନ୍ତୁ ରାଜନେତା, ପ୍ରଶାସନ ସମସ୍ତେ ନିର୍ବିକାର।

ରାଜନେତାମାନଙ୍କୁ ସାମ୍ବାଦିକମାନେ ଯେତେବେଳେ ପ୍ରଶ୍ନ କଲେ ଉତ୍ତର ମିଳିଲା, ସାର ଯଥେଷ୍ଟ ପରିମାଣରେ ଅଛି। କିନ୍ତୁ ସାଧାରଣ ଚାଷୀର ସାର ବସ୍ତାଏ ପାଇଁ ପ୍ରତୀକ୍ଷାର ଅନ୍ତ ନାହିଁ। ଇଏ ସବୁ ବ୍ୟାପାର ଅନ୍ୟପ୍ରକାର। କଳାବଜାରୀ/କିଳାପୋତେଇ ପାଇଁ ରାସ୍ତା ସଫା କରିବାକୁ ପଡ଼ିବ ନା! ତେଣିକି ଚାଷୀକୁଳର ସମସ୍ୟାର ଯାଏ ଆସେ କେତେ? ଏ ସମସ୍ୟା କେବଳ ଆମ ରାଜ୍ୟର ନୁହେଁ। ସାରା ଦେଶରେ ଶୀତତାପ ନିୟନ୍ତ୍ରିତ କୋଠରି ଭିତରେ କୃଷକକୁଳର ଭାଗ୍ୟ ନିର୍ଦ୍ଧାରଣ ହୁଏ, ସୁଟବୁଟ ପିନ୍ଧା ବାବୁମାନଙ୍କ ଦ୍ୱାରା, ଯିଏ ଦିନେ ଜମି କେମିତି ଦେଖି ନଥା'ନ୍ତି। ତେଣୁ ଯାହା ହେବା କଥା ହୁଏ। ଗତ ୨୨ ସେପ୍ଟେମ୍ବର ୨୦୨୫ରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ମଉଳାଭଣଜା ଗ୍ରାମରେ ପଞ୍ଚାୟତ ଘରେ ପଶି ଲୋକମାନେ ୩୦ ବସ୍ତା ସାର ବୋହି ନେଲେ। ବିନା ପଇସାରେ ନୁହେଁ, ପଇସାଦେଇ। ଏକଥା ହେଲା କାହିଁକି? ସାର ଦେଇ ଦେଇଥିଲେ ତ କାମ ସରିଥା'ନ୍ତା। ବୋହିନେବା ଯାଏଁ କଥା ଯାଇଥା'ନ୍ତା କାହିଁକି? ଏଥିପାଇଁ ପ୍ରଶାସନ/କର୍ତ୍ତୃପକ୍ଷ/ପୁଲିସ ସମସ୍ତେ ଦାୟୀ କହିଲେ ଭୁଲ୍ ହେବ ନାହିଁ। ସେଇ ଜିନିଷ ହୋଇଥା'ନ୍ତା। ଖାଲି ଯାହା ନାଁ ପଡ଼ିଲା। ତେଣୁ ବେଳହୁଁ ସାବଧାନ ହେବା ଉଚିତ୍। ଉଲ୍ଲେଖଯୋଗ୍ୟ କେବଳ ଗଞ୍ଜାମ ଜିଲ୍ଲାରେ ୨୭ ମେଟ୍ରିକ୍ ଟନ୍ ସାର ଆବଶ୍ୟକ ହେଉଥିବା ବେଳେ ମାତ୍ର ୦୯ ଟନ୍ ସାର ଉପଲବ୍ଧ ଅଛି।ଏଣେ ସରକାରୀ ହିସାବ ଅନୁଯାୟୀ ରାଜ୍ୟରେ ୭, ୯୪, ୦୦୦ ଟନ୍ ସାର ଉପଲବ୍ଧ ଅଛି। ତା'ହେଲେ ସାରର ଏପ୍ରକାର ଅଭାବୀ ବିକ୍ରୀ କାହିଁକି? ସାର କେନ୍ଦ୍ର ବା ସମବାୟ କାର୍ଯ୍ୟାଳୟରେ ସାର କ୍ରେତାଙ୍କର ଏ ବିକଳ ଧାରଣା କ'ଣ ପାଇଁ?

ଆଜିକାଲି ଆଉ ସେ ଯୁଗ ନାହିଁ ଯେ କେଉଁଠି କ'ଣ ହେଉଛି ବାକି ଲୋକ ଜାଣିପାରିବେ ନାହିଁ। ଆଜିକାଲି ଡିଜିଟାଲର ଦୁନିଆ। ମୋବାଇଲ ଚିପିଲେ ସାରାଦୁନିଆ ଆଖିଆଗରେ ଦିଶିବ। ଯଦି ଅନ୍ନଦାତାଙ୍କ ସହିତ ପାତରଅନ୍ତର କରାଯିବ, ଟାଳଟୁଳ ନୀତି ଆପଣାଯିବ, ତା'ର ଫଳ ଭୟଙ୍କର ହେବ। ସାର ଜବରଦସ୍ତ ନେଇଯିବା କେବଳ ଏକ ସଂକେତ ମାତ୍ର। କଥାରେ ଅଛି, ଉପରେ ପଡ଼ିଲେ ପ୍ରମାଦ, ଗୁରୁ ବ୍ରାହ୍ମଣ ଶିରଚ୍ଛେଦ।' ଅର୍ଥାତ୍ ନିଜ ଉପରକୁ ବିପଦ ଆସିଲେ କେହି ଆଉ ଭଲ-ମନ୍ଦ, ଉଚ୍ଚ-ନୀଚକୁ ଅପେକ୍ଷା ରଖି ପାରେ କି ? ଆପେ ବଞ୍ଚିଲେ ବାପର ନାଁ।

ଭାରତ ସରକାର ଆଜିପର୍ଯ୍ୟନ୍ତ ତାଳଚେର ସାର କାରଖାନାରୁ ଉତ୍ପାଦନ ଦିଗରେ ମନ ଦେଲେ ନାହିଁ।୨୦୧୮ରୁ ୭ବର୍ଷରୁ ଅଧିକ ହୋଇଗଲାଣି। ଅଭାବୀ ଯୋଗାଣ ହେତୁରୁ ସମବାୟ କର୍ମଚାରୀ ଓ ଜନସାଧାରଣଙ୍କ ମଧ୍ୟରେ କଳହର ସୂତ୍ରପାତ ହେଉଛି। ଅନ୍ୟ ଉତ୍ସରୁ ପର୍ଯ୍ୟାପ୍ତ ସାର ଆସିବାର ବ୍ୟବସ୍ଥା ହୋଇପାରିଲା ନାହିଁ। ଯାହା ବା ଅଛି ତା' ଚାଷୀକୁ ସୁବିଧାରେ ନ ଦେଇ କଳାବଜାରୀ ହେଲା। ଟ୨୭୦/ ହେଉଥିବା ସାରବସ୍ତା ଟ୭୦୦ -୮୦୦/-ରେ ବିକ୍ରୀ ହେଲା। ସବୁବେଳେ ତ ଚାଷୀ ଭାଇ ଉପରେ ମାଡ଼। ବର୍ଷସାରା କଷ୍ଟରେ ନିଜ ପିଲାଛୁଆଙ୍କ ମୁହଁରେ ଆହାର ଦେଲା ପରେ ଆଉ କେତେ ବଳିବ ଯେ ଏତେ ଅଧିକ ଦେଇ ସାର କିଣି ପାରିବ?

ସାର ପ୍ରସଙ୍ଗ ଆଗରୁ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ବେଳେ କଥା ଯାଇ ବିଧାନସଭାରେ ଉଠିଲା। ବିରୋଧୀଦଳ ନେତା ଏଇ ପରିପ୍ରେକ୍ଷୀରେ କେନ୍ଦ୍ର ସାର ମନ୍ତ୍ରୀଙ୍କୁ ରାଜ୍ୟର ସାର ଯୋଗାଣକୁ ସ୍ୱଚ୍ଛଳ କରିବାକୁ ଚିଠି ଲେଖିଛନ୍ତି। ଯେପରି ରାଜ୍ୟର କୃଷକସମାଜ ଠିକଣା ସମୟରେ ସାର ପାଇ କୃଷି କାର୍ଯ୍ୟକୁ ସଠିକ୍ ଭାବରେ ଆଗେଇ ନେବେ ସେଥିଲାଗି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧ ୯୦୦୬୯

# ରାଇ-ଜଗନ୍ନାଥ ବିବାହ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ବଡ଼ପଣ୍ଡା ମହାପ୍ରଭୁଙ୍କର ଜଣେ ସମର୍ପିତ ସେବାୟତ ସହିତ ଥିଲେ ଜଣେ ଅନନ୍ୟ ଭକ୍ତ। ତାଙ୍କର ସାଥୀ ସେବକମାନେ କୁହାକୁହି ହେଉଥିଲେ ଯେ ବଡ଼ପଣ୍ଡାଙ୍କ ସହ ମହାପ୍ରଭୁ ସାଙ୍ଗ ପରି କଥାଭାଷା ହେଉଥିଲେ। ମହାପ୍ରଭୁଙ୍କ କରୁଣାରୁ ବଡ଼ପଣ୍ଡା ଏକ ଅପୂର୍ବ ସୁନ୍ଦରୀ କନ୍ୟା ସନ୍ତାନ ଲାଭ କଲେ। ସେ ସେହି କନ୍ୟାର ନାମ ମହାପ୍ରଭୁ ସବୁଠାରୁ ବେଶୀ ଭଲ ପାଉଥିବା ନାରୀ ଚରିତ୍ର(ରାଧା) ନାମାନୁସାରେ 'ରାଇ'ରଖିଲେ।

ଦିନେ ବଡ଼ପଣ୍ଡା ବାପାଙ୍କ ବାର୍ଷିକ ଶ୍ରାଦ୍ଧ ପୂର୍ବ ଦିନ ସେବା ପରେ ଘରକୁ ଯିବା ପୂର୍ବରୁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ- 'ସାଆନ୍ତେ! ଆପଣଙ୍କଠାରୁ ବଡ଼ ବନ୍ଧୁ ମୋର ଆଉ କିଏ ଅଛି! ଆପଣଙ୍କ ପାଦ କାଲି ମୋ ଦୁଆରେ ପଡ଼ିଲେ ମୁଁ କୃତାର୍ଥ ମନେ କରନ୍ତି।' ଭକ୍ତବତ୍ସଳ ମହାବାହୁ ତା' ପରଦିନ ଠିକ ସମୟରେ ଭାଇ, ଭଉଣୀ ଓ ଭାରିଯାଙ୍କୁ ନ ଜଣେଇ ପଣ୍ଡାଙ୍କ ଘରେ ପହଞ୍ଚିଗଲେ ଏବଂ ପସନ୍ଦ ମୁତାବକ ଭୁରିଭୋଜନ କଲେ। ବିଶ୍ରାମ ନେବା ବେଳେ ପାଦ ପାଖରେ ବଡ଼ପଣ୍ଡା ହାତ ଯୋଡ଼ି ଠିଆ ହୋଇଥିବାର ଦେଖି ପଚାରିଲେ- 'ପଣ୍ଡାଏ! ଭୋଜନ ତ ବଢ଼ିଆ ହେଲା। ଆଉ କ'ଣ କିଛି କହୁଛ?' ବଡ଼ପଣ୍ଡା କହିଲେ- 'ମହାପ୍ରଭୁ! ମୋର ଏକମାତ୍ର କନ୍ୟା ରାଇ ସୁନ୍ଦରୀ ଯେମିତି ଗୁଣର ସେମିତି। ତା'ର ବିବାହ ବୟସ ହେଲାଣି। ମୁଁ ଆପଣଙ୍କୁ ତା'ର ବର ରୂପେ ମନେମନେ ବରଣ କରିଛି। ଆପଣଙ୍କଠାରୁ ବଡ଼ ବନ୍ଧୁ ମୁଁ ଆଉ କୋଉଠୁ ପାଇବି ସାଆନ୍ତେ?' ତହୁଁ ପ୍ରଭୁ କହିଲେ- 'ଆହେ ପଣ୍ଡାଏ! ମୁଁ ସେ କଥା ଜାଣେ। ତୁମର କନ୍ୟା ଲକ୍ଷ୍ମୀଙ୍କ କଳା ନେଇ ଜନ୍ମ ନେଇଛି। ତାକୁ ମୋ ବ୍ୟତୀତ ଆଉ କେହି ବାହା ହୋଇ ପାରିବେ ନାହିଁ।'

ଭଲ ତିଥିବାର ଦେଖି ରାଇ ସହ ମହାପ୍ରଭୁଙ୍କର ବିବାହ ସମ୍ପନ୍ନ ହୋଇଗଲା। ମନ୍ଦିରରୁ ଲୁଚିଛପି ଯାଇ ପ୍ରଭୁ ରାଇ ସହ ସମୟ ଅତିବାହିତ କରୁଥିବାରୁ ଭାଇ, ଭଉଣୀ ଓ ଲକ୍ଷ୍ମୀ ଏ କଥା ଜାଣି ପାରୁ ନ ଥିଲେ। ସମୟକ୍ରମେ ରାଇ ଗର୍ଭବତୀ ହେଲା। ମହାପ୍ରଭୁ ଜାଣିଥିଲେ ଯେ ମର୍ତ୍ତ୍ୟର ମହିଳାମାନେ ଗର୍ଭବତୀ ଥିବା ବେଳେ ସୁସ୍ୱାଦୁ ଖାଇବାକୁ ଭଲ ପାଆନ୍ତି। ତେଣୁ ଥରେ ସେ ରାଇକୁ ସରାଗରେ ସେ କଥା ପଚାରି ଦେଲେ। ରାଇ କହିଲା- 'ସାଆନ୍ତେ! ସମୁଦ୍ର କୂଳରେ ଆପଣଙ୍କ କୋଳରେ ବସି ଗଜା ମୁଗ, କଦଳୀ ଓ ନଡ଼ିଆ ଚକଟା ଖାଇବାକୁ ମୋର ମନ ହେଉଛି।' ସମୁଦ୍ର କୂଳରେ ରାଇକୁ ଧରି ସାଦ ଖୁଆଇଲେ କଥାଟା ଲକ୍ଷ୍ମୀଙ୍କ କାନକୁ ଚାଲିଯିବ। ତେଣୁ ମହାପ୍ରଭୁ କହିଲେ- 'ରାଇ! ଲକ୍ଷ୍ମୀଙ୍କ ଅଜାଣତରେ ତୋ ସହ ମୋର ବିବାହ ହୋଇଛି। ତୁ ତାଙ୍କୁ ପୂଜା କରି ସନ୍ତୁଷ୍ଟ କରି ତା'ର ଅନୁମତି ନେଇ ଆସିଲେ ଆମର ବେଳାଭୂମି ଲୀଳା ସମ୍ଭବ ହେବ।'

ମହାପ୍ରଭୁଙ୍କ ଆଦେଶାନୁସାରେ ରାଇ ଅଚଳା ଭକ୍ତି ଓ ନିଷ୍ଠାର ସହ ମହାଲକ୍ଷ୍ମୀଙ୍କୁ ଆରାଧନା କଲା। ତା'ର ପୂଜାରେ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ସ୍ୱଦେହରେ ତା' ସମ୍ମୁଖରେ ଉଭା ହୋଇ ବର ଦେବାକୁ ଇଚ୍ଛା ପ୍ରକାଶ କଲେ। ରାଇ କହିଲା- 'ମାଆ! ଆପଣଙ୍କ ଅଜାଣତରେ ମହାପ୍ରଭୁ ମୋତେ ବିବାହ କରିଛନ୍ତି। ମୁଁ ବର୍ତ୍ତମାନ ଅନ୍ତସତ୍ତ୍ୱା। ମୋତେ ଆପଣଙ୍କ ପରିବାର ସହ ରହିବାକୁ ଅନୁମତି ଦିଅନ୍ତୁ।' ମହାଲକ୍ଷ୍ମୀ ଜାଣିଥିଲେ ଯେ ରସିକପଣିଆ ମହାପ୍ରଭୁଙ୍କର ପୁରୁଷୋତ୍ତମ ତତ୍ତ୍ୱର ଏହା ଏକ ବିଶିଷ୍ଟ ଅଙ୍ଗ। କଥାଟାକୁ ଘାଣ୍ଟଚକଟ କଲେ ତାହା ଜଣେ ନିରୀହା ଯୁବତୀର ପ୍ରଭୁଙ୍କ ପ୍ରତି ଥିବା ଭକ୍ତିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସେ କହିଲେ- 'ତୋ ସହ ପ୍ରଭୁଙ୍କର ବିବାହ ଏକ ସ୍ଥାନୀୟ ଘଟଣା। ସଚରାଚର ବିଶ୍ୱ ଜାଣେ ଯେ ଭୂଦେବୀ ଓ ମୁଁ ମହାପ୍ରଭୁଙ୍କର ଦୁଇ ପତ୍ନୀ। ତୁମକୁ ପରିବାରରେ ସ୍ଥାନ ଦେଇ ସାରା ବିଶ୍ୱର ବିଶ୍ୱାସକୁ ଆଘାତ ଦେବା ଉଚିତ ହେବ ନାହିଁ। କିନ୍ତୁ ମୁଁ ତୋତେ ବର୍ଷର ବାର ମାସରୁ ମାସେ ପ୍ରଭୁଙ୍କ ସାନ୍ନିଧ୍ୟ ପ୍ରାପ୍ତିର ବର ଦାନ କରୁଛି। ଆଶ୍ୱିନ ମାସର ଶେଷ ପାଞ୍ଚଦିନ ଓ କାର୍ତ୍ତିକ ମାସର ପଞ୍ଚକ ପାଞ୍ଚ ଦିନକୁ ଛାଡ଼ି ପ୍ରଥମ ପଚିଶ ଦିନ ତୁ ମହାପ୍ରଭୁଙ୍କ ସାନ୍ନିଧ୍ୟ ପାଇବୁ। ସେ ସମୟରେ ପ୍ରଭୁ ତୋତେ ସାଦ ଦେଇ ଆପ୍ୟାୟିତ କରିବେ। ପରବର୍ତ୍ତୀ କାଳରେ ହବିଷ୍ୟାଳୀମାନେ ତୋତେ ମହାପ୍ରଭୁଙ୍କ ସହ 'ରାଇଦାମୋଦର ବ୍ରତ' ପାଳନ ନାମରେ ପୂଜା କରିବେ।' ତା'ପରଠାରୁ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ରାଇ ଦାମୋଦର ବ୍ରତ ପାଳନ କରାଯାଉଛି ଏବଂ ମହାପ୍ରଭୁ ରାଇଦାମୋଦର ବେଶରେ ଦର୍ଶନ ଦେଉଛନ୍ତି। -

(ଶ୍ରୀମନ୍ଦିର ପରମ୍ପରାରେ ରାଧାଙ୍କ ଗୁରୁତ୍ୱକୁ ହ୍ରାସ ପାଇଁ ଏ ଲୋକକଥା ରଚିତ ହୋଇ ଥାଇପାରେ) ●

ମୋ: ୯ ୯୦୦୦୮ ୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଡକାୟତି ଯୋଜନା ବେଳେ ମାଡ଼ି ବସିଲା ପୁଲିସ

# ଜିରା ବ୍ରିଜ୍ ନିକଟରୁ ୨ ଡକାୟତ ଗିରଫ, ବନ୍ଧୁକ ଜବତ





ବରଗଡ଼, ୭।୧୦ (ସମିସ): ଅମ୍ବାପାଳି ଜିରାନଦୀ ବ୍ରିଜ୍ ନିକଟରୁ ମଙ୍ଗଳବାର ବରଗଡ଼ ପୁଲିସ ୨ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ପିସ୍ତଲ ଜବତ କରିଛି। ପୁଲିସ୍‌କୁ ଚକ୍‌ମା ଦେଇ ୩ଜଣ ଫେରାର୍ ହୋଇଯାଇଛନ୍ତି। ଗିରଫ ୨ ଡକାୟତ ହେଲେ, କେନ୍ଦ୍ରାପଡ଼ା ଜିଲ୍ଲା ଟାଉନ ଥାନା ଜୟପୁରାର ଏସ୍.କେ ୱାଇଦ ଅଲ୍ଲୀ (୩୫) ଓ ସୋନପୁର ଜିଲ୍ଲା ଏସ୍. ରାମପୁର ଥାନା ବ୍ରହ୍ମାଣୀପାଲିର ତନ୍ମୟ ବାଗ (୨୫)।

ଆଜି ସକାଳ ପ୍ରାୟ ୧୧ଟାରେ ଜିରା ନଦୀ ବ୍ରିଜ୍ ନିକଟରେ ୫ ଜଣ ଡକାୟତି ପାଇଁ ଯୋଜନା କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସାହାଇ ମୀନା ଜାଣିବାକୁ ପାଇଥିଲେ। ଏ ସଂପର୍କରେ ସେ ଟାଉନ୍ ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆଙ୍କୁ ସୂଚନା ଦେବା ପରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ବ୍ରିଜ୍ ନିକଟରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ୩ଜଣ ଫେରାର୍ ହୋଇଯାଇଥିବା ବେଳେ ୱାଇଦ୍ ଓ ତନ୍ମୟକୁ ପୁଲିସ କାବୁ କରିଥିଲା। ସେମାନଙ୍କଠାରୁ ପୁଲିସ୍ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ, ୩ଟି ମୋବାଇଲ ସହ ଅନ୍ୟ ସାମଗ୍ରୀ ଜବତ କରିଥିଲା। ଗିରଫ ୨ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ଏବଂ ଘଟଣାର ଅଧିକ ତଦନ୍ତ ଜାରି ଥିବା ପୁଲିସ ପକ୍ଷରୁ ପ୍ରକାଶ।

ଅପରପକ୍ଷେ, ଦୁଇଦିନ ମଧ୍ୟରେ ସହର ମଧ୍ୟରୁ ୬ଟି ଦେଶୀ ବନ୍ଧୁକ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗତକାଲି ମଧ୍ୟ ବରଗଡ଼ ପୁଲିସ ପକ୍ଷରୁ ଏକ ଅନ୍ତଃରାଜ୍ୟ ଗ୍ୟାଙ୍ଗକୁ ଗିରଫ କରି ୫ଟି ଦେଶୀ ବନ୍ଧୁକ ଜବତ କରିଥିଲା। ତେବେ ଜିଲ୍ଲାକୁ ଏହି ବନ୍ଧୁକ କେମିତି ଓ କିଏ ଆଣୁଛି, ସେ ସଂପର୍କରେ ପୁଲିସ ତଦନ୍ତ ଚଳାଇଥିବା ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ ତଥା ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସମଲେଶ୍ୱରୀ ମନ୍ଦିରର ବଂଶାନୁକ୍ରମିକ ସେବାୟତଙ୍କୁ ଥଇଥାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୭।୧୦ (ସମିସ): ବଲାଙ୍ଗୀର ଜିଲ୍ଲାର ସମଲେଶ୍ୱରୀ ଦେବୀ ମନ୍ଦିରରେ ବଂଶାନୁକ୍ରମିକ ଭାବେ ନିତି ପୂଜା କରିଆସୁଥିବା ଜଣେ ସେବାୟତଙ୍କୁ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ମନ୍ଦିର ସନ୍ନିକଟ ଅଞ୍ଚଳରେ ଥଇଥାନ କରିବା ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ ଦିଶ୍ରିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଭକ୍ତମାନଙ୍କୁ ସହାୟତା କରିବାରେ ସେବାୟତଙ୍କ ଅତ୍ୟାବଶ୍ୟକ ଭୂମିକାକୁ ସ୍ୱୀକାର କରି ଅଦାଲତ କହିଛନ୍ତି ଯେ ଆବେଦନକାରୀଙ୍କୁ ଉଚ୍ଛେଦ ପୂର୍ବରୁ ଦେବତ୍ତୋର କର୍ତ୍ତୃପକ୍ଷ ଉପଯୁକ୍ତ ଥଇଥାନ ସୁନିଶ୍ଚିତ କରିବାକୁ ପଡ଼ିବ। ସେହିଭଳି ନିର୍ମାଣ କାର୍ଯ୍ୟ ସମାପ୍ତ ନ ହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ନିକଟସ୍ଥ ସ୍ଥାନରେ ଥଇଥାନ କରିବା ପାଇଁ ବଲାଙ୍ଗିର ଉପ ଜିଲ୍ଲାପାଳଙ୍କୁ ସକାରାତ୍ମକ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଥଇଥାନ କରାନଯିବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ବର୍ତ୍ତମାନର ସ୍ଥାନରୁ ସମ୍ପୃକ୍ତ କର୍ତ୍ତୃପକ୍ଷ ବାହାର କରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ହୀରାକୁଦର ୭ ଗେଟ୍ ଖୋଲା

### ଜଳସ୍ତର ୬୨୯.୬୭ ଫୁଟ୍

ସମ୍ବଲପୁର, ୭।୧୦ (ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ଗତ କେଇଦିନ ମଧ୍ୟରେ ଦୁଇଥର ପହଞ୍ଚିଥିବା ବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଏହି ସ୍ତର ବଜାୟ ରଖିବାକୁ ଉଦ୍ୟମ ଜାରି ରହିଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୬୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୭ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୬୩,୦୩୮ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୦,୩୨୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୧୪,୮୯୧ ଘନଫୁଟ ଜଳ ନିଷ୍କାସିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୩୧,୬୨୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୩,୫୭୧ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୩୨,୮୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୭୯,୧୮୦ ଘନଫୁଟ, ଖଇରମାଲଠାରେ ୨,୯୧,୦୦୦ ଘନଫୁଟ, ବାରମୁଲଠାରେ ୨,୬୨,୦୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୩,୦୦,୫୧୬ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୭.୨୫ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୧.୧୯ମିମି ବର୍ଷା ହୋଇଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

### ■ ଚର୍ଚ୍ଚାରେ କମାଣ୍ଡରଙ୍କ ଚିଠି

## ଅସ୍ତ୍ରଶସ୍ତ୍ର ଛାଡ଼ି ସାଧାରଣ ଜୀବନ ଜିଇଁବାକୁ ଆହ୍ୱାନ

ମାଲକାନଗିରି, ୭।୧୦ (ସମିସ): ମାଓବାଦୀଙ୍କ ଗଡ଼ ଛତିଶଗଡ଼ର 'ମାଡ୍' ମାଓ ଡିଭିଜନ୍‌ର କମାଣ୍ଡରଙ୍କ ଏକ ଚିଠି ଏବେ ଚର୍ଚ୍ଚାକୁ ଆସିଛି। ମାଓ କମାଣ୍ଡର 'ରଣୀତା' ସେଥିରେ ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସାଧାରଣ ଜୀବନ ଯାପନ କରିବାକୁ ଆହ୍ୱାନ ଦେଇଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ ସମସ୍ତଙ୍କୁ ଶାନ୍ତି ଓ ଆଲୋଚନାର ପଥ ଅନୁସରଣ କରିବା ଉଚିତ। ତେବେ ରଣୀତାଙ୍କ ଦ୍ୱାରା ଜାରି ହୋଇଥିବା ଏହି ପତ୍ରର ସତ୍ୟତା ସ୍ପଷ୍ଟ ହୋଇନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠୁ ଫେସ୍ ସ୍କାନ...

ଡାଟା ମାଧ୍ୟମରେ କରାଯିବ। ଅର୍ଥାତ ୟୁଜର୍ସଙ୍କ ଫେସ୍ କିମ୍ବା ଫିଙ୍ଗରପ୍ରିଣ୍ଟ ସେମାନଙ୍କ ଆଧାର ତଥ୍ୟ ସହ ମେଳ କରାଯିବ। ଏହାପରେ ଯାଇ ପେମେଣ୍ଟକୁ ଅନୁମତି ମିଳିପାରିବ। ବର୍ତ୍ତମାନ ୟୁପିଆଇରେ ୟୁଜର୍ସଙ୍କୁ କାରବାର କରିବା ପାଇଁ ୪ କିମ୍ବା ୬ ଅଙ୍କର ପିନ୍ ଦେବାକୁ ପଡୁଛି। ନୂଆ ସିଷ୍ଟମ୍‌ଲାଗୁ ହେବା ପରେ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟ ସେନ୍ସର ଜରିଆରେ ପେମେଣ୍ଟ ତୁରନ୍ତ ଅଥେଣ୍ଟିକେସନ ବା ଭେରିଫାଏ ହୋଇଯିବ। ଏହାଦ୍ୱାରା ଅଥେଣ୍ଟିକେସନ ସମୟ କମିବ, ସୁରକ୍ଷା ବଢ଼ିବ ଏବଂ ୟୁଜର ଏକ୍ସପିରିଏନ୍ସ ଆହୁରି ସହଜ ହେବ। ବିଶେଷଜ୍ଞଙ୍କ କହିବା ଅନୁସାରେ ବାୟୋମେଟ୍ରିକ ଅଥେଣ୍ଟିକେସନ ଫଳରେ ଠକେଇ ସମ୍ଭାବନା ମଧ୍ୟ କମ୍ ରହିବ। କାରଣ କାହାର ଚେହେରା ଏବଂ ଫିଙ୍ଗରପ୍ରିଣ୍ଟକୁ କପି କରିବା ମୁସ୍କିଲ। ଅବଶ୍ୟ ଡାଟା ସୁରକ୍ଷା ଏବଂ ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ଏନପିସିଆଇ ଏବଂ ୟୁଆଇଡିଏଆଇ ମଧ୍ୟରେ ମଜଭୁତ ବୈଷୟିକ ନବାଚାର ପାଳନ କରାଯିବ।

## ସୀମା ଟପିଲାଣି...

ଡକାୟତି, ୨,୫୮୨ ଛିନ୍‌ତାଇ, ୬,୪୦୮ ଚୋରି, ୧୭,୮୦୫ ଚୋରି, ୬,୩୦୭ ଠକେଇ, ୧୪୭୧ ଦଙ୍ଗା, ୩୦୫୪ ବଳାତ୍କାର ଘଟିଛି। ଗତ ୧୦ ମାସରେ ରାଜ୍ୟରେ ସାଢେ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବା ବେଳେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀକୁ ଗଣଦୁଷ୍କର୍ମ ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି । ଖୋଦ ରାଜଧାନୀର ଛାତି ଉପରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଅଗଷ୍ଟ ୧୮ ରେ ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି।

## କ୍ଷୋଭ ପ୍ରକାଶ...

ନବୀନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପୋଷ୍ଟ କରି ନବୀନ କହିଛନ୍ତି ଯେ ରାଜ୍ୟରେ ପାର୍ବଣ ଉତ୍ସବର ପରିବେଶ ମଧ୍ୟରେ ଭୟର ବାତାବରଣ, ଲୋକେ ନିଜକୁ ଅସୁରକ୍ଷିତ ଭାବିବା ଆରମ୍ଭ କଲେଣି। ନିଜ ଘର ସାମ୍ନାରେ ଠିଆ ହୋଇଥିବା ସମୟରେ ଗଞ୍ଜାମର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଯେପରି ଗୁଳି କରି ହତ୍ୟା କରାଗଲା ତାହା ଅତ୍ୟନ୍ତ ଜଘନ୍ୟ ଓ ଦୁଃଖଦାୟକ। ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ନବୀନ ଉଲ୍ଲେଖ କରିଛନ୍ତି ଯେ ଏହି ଖବର ସାଧାରଣ ଲୋକଙ୍କୁ ଭୟଭୀତ କରିଦେଇଛି। ସେହିପରି ରାଉରକେଲାରେ ଦୁଷ୍କର୍ମ, କଣାସରେ ଲକ୍ଷ୍ମୀ ବସ୍ ଭିତରେ ଘଟିଥିବା ଅଭାବନୀୟ କାଣ୍ଡ ସାଙ୍ଗକୁ ବାଲେଶ୍ୱରରେ ରାତ୍ରିକାଳୀନ କଟକଣା ସହ ଭାଇଚାରାର ସହର କଟକରେ ସାମ୍ପ୍ରଦାୟିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତିରେ ମହାଘୋଟାଲା ଆଶାୟୀ ଯୁବଗୋଷ୍ଠୀଙ୍କ ମନୋବଳ ଭାଙ୍ଗି ଦେଇଥିବା ବେଳେ ସରକାରୀ ନିଯୁକ୍ତିରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ମଧ୍ୟ ରାଜ୍ୟର ବିଜେପି ସରକାର ଅସମର୍ଥ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଅପରାଧ ରୋକିବା ପାଇଁ ସରକାର କାହିଁକି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ନବୀନ ପ୍ରଶ୍ନ କରିବା ସହ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତତ୍ପର ଓ ସଜାଗ ହେବା ଜରୁରୀ ବୋଲି ପରାମର୍ଶ ଦେଇଛନ୍ତି।

## ତଥ୍ୟ ମାଗିଲେ...

ତେବେ କିଛି ପୁରୁଣା ଭୋଟର ବି ରହିଛନ୍ତି। କୋର୍ଟ କହିଲେ, ତାହା ହେଲେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ସଂପର୍କରେ ମଧ୍ୟ ତଥ୍ୟ ଦେବାକୁ ପଡ଼ିବ। ସେପ୍ଟେମ୍ବର ୩୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି ଏବଂ ସମସ୍ତ ତଥ୍ୟ କମିସନଙ୍କ ପାଖ।।ରେ ରହିବା ସ୍ୱାଭାବିକ। ତେଣୁ ଆସନ୍ତା ୯ତାରିଖ ସୁଦ୍ଧା ତୁଳନାତ୍ମକ ତଥ୍ୟ ଦାଖଲ କରାଯିବା ଆବଶ୍ୟକ। ଜଷ୍ଟିସ ବାଗଚି କହିଲେ ଯେ ଏସ୍‌ଆଇଆର୍ ମାମଲାରେ କୋର୍ଟ ହସ୍ତକ୍ଷେପ କରିବା ପରେ ସ୍ୱଚ୍ଛତା ବଢ଼ିଛି, କିନ୍ତୁ ବିଭ୍ରାନ୍ତି ରହିଛି। ବିଶେଷ କରି ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କୁ ନେଇ ଦ୍ୱନ୍ଦ୍ୱ ରହିଛି। ତେଣୁ ଯୋଡ଼ି ହୋଇଥିବା ଭୋଟରଙ୍କ ନାମ ସହିତ ସେମାନଙ୍କର ପରିଚୟ ସଂପର୍କରେ ତଥ୍ୟର ଯାଞ୍ଚ ଜରୁରି ହୋଇପଡ଼ିଛି।

ଚୂଡ଼ାନ୍ତ ଭୋଟର ତାଲିକାର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ମଗଧ ଡିଭିଜନରେ ସର୍ବାଧିକ ଭୋଟର ଯୋଡ଼ି ହୋଇଥିବା ବେଳେ ମୁସଲିମ ବହୁଳ ସୀମାଞ୍ଚଳ ଅଞ୍ଚଳରେ ସର୍ବାଧିକ ଭୋଟରଙ୍କ ନାମ କଟାଯାଇଛି। ଏସ୍‌ଆଇଆର୍‌କୁ ଚାଲେଞ୍ଜ କରି ପିଟିସନ ଦାଖଲ କରିଥିବା ବିଭିନ୍ନ ଦଳ ଓ ସଂଗଠନ ଅଭିଯୋଗ କରିଛନ୍ତି ଯେ ଦଳିତ, ଗରିବ ଓ ମୁସଲିମ ଭୋଟରଙ୍କ ନାମ କାଟିବା ଉଦ୍ଦେଶ୍ୟରେ କ୍ଷମତାସୀନ ଦଳ ଇଙ୍ଗିତରେ ନିର୍ବାଚନ କମିସନ ଏଭଳି ପ୍ରକ୍ରିୟା ଆରମ୍ଭ କରିଥିଲେ। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଥିଲେ ଯେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଟିକିଏ ବି ତ୍ରୁଟି ହୋଇଥିବା ଧରାପଡ଼ିଲେ, ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ।

ସୂଚନାଯୋଗ୍ୟ ଯେ ଏସ୍‌ଆଇଆର୍‌କୁ ନେଇ ମାମଲା ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ନିର୍ବାଚନ କମିସନ ଗତକାଲି ବିହାର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା କରିଛନ୍ତି। ଆସନ୍ତା ନଭେମ୍ବର ୬ ଓ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ ଏବଂ ୧୪ ତାରିଖରେ ଫଳାଫଳ ଘୋଷଣା କରାଯିବ।

## ପୁଲିସ ସ୍କାନରରେ...

କିଛି ସମୟ ପୂର୍ବରୁ ପୀତବାସଙ୍କ ଫୋନ୍‌କୁ ୪ଟି ନମ୍ବରରୁ କଲ୍ ଆସିଥିଲା। ସେହି ୪ଜଣ ବ୍ୟକ୍ତି କିଏ? ସେମାନଙ୍କ ସହିତ କ'ଣ କଥା ହୋଇଥିଲେ? ଏହି ୪ଜଣଙ୍କ ମଧ୍ୟରେ ରହିଛି କି ଗୁଳିକାଣ୍ଡର ମାଷ୍ଟରମାଇଣ୍ଡ? ଏଭଳି ବହୁ ଦିଗକୁ ଦୃଷ୍ଟିରେ ରଖି ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରଖିଛି। ଘଟଣାରେ ପୁଲିସ ଏକାଧିକ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ଜେରା କରୁଛି। ପୀତବାସଙ୍କ ହତ୍ୟା ପଛରେ କାରଣ କ'ଣ ତାହା ସ୍ପଷ୍ଟ ହୋଇପାରୁନି। ବୃତ୍ତିଗତ ନା ରାଜନୈତିକ କିମ୍ବା ବ୍ୟକ୍ତିଗତ ଅଥବା ପୂର୍ବଶତ୍ରୁତାରୁ ହତ୍ୟା କରାଗଲା ସେନେଇ ପୁଲିସ ଖୋଳତାଡ଼ ଚଳାଇଛି। ଏପରିକି ସେ ସୂଚନା ଅଧିକାର କର୍ମୀ ଭାବେ ଅନେକ ଦୁର୍ନୀତିର ପର୍ଦ୍ଦାଫାସ୍ କରୁଥିବାରୁ ସେ ଦିଗକୁ ନେଇ ମଧ୍ୟ ପୁଲିସ ତଦନ୍ତ କରୁଛି।

ସୋମବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ପୀତବାସଙ୍କ ମୃତଦେହକୁ ଏମକେସିଜି ମେଡ଼ିକାଲରେ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଗୁଳିମାଡ଼ ଯୋଗୁଁ ନୁହେଁ ବରଂ ଛାତିରେ ଗୁଳିମାଡ଼ ପରେ ସେ ଛାନିଆଁ ହୋଇଯାଇଥିଲେ ଏବଂ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ପୀତବାସଙ୍କ ଡ଼ାହାଣ ଛାତିର ଉପର ଭାଗରେ ଗୁଳି ଭେଦ କରି ସ୍ପାଇନାଲ କଲମ ନିକଟରେ ଅଟକି ରହିଥିଲା। ତାହାକୁ ବ୍ୟବଚ୍ଛେଦ ସମୟରେ ବାହାର କରାଯାଇଥିବା କହିଛନ୍ତି ଏମ୍‌କେସିଜି ମେଡ଼ିକାଲ ଏଫ୍‌ଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ାକ୍ତର ସୁଦୀପା ଦାସ। ଜଣେ ଆଇନଜୀବୀଙ୍କୁ ଏଭଳି ବିଚ୍ ରାସ୍ତାରେ ଗୁଳିମାଡ଼ କରିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଏହାକୁ ନେଇ ବୁଧବାର ରାଜ୍ୟବ୍ୟାପୀ ଓକିଲଙ୍କ ପକ୍ଷରୁ କଲମ ଛାଡ ଆନ୍ଦୋଳନର ଡାକରା ଦିଆଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରିଫ କରିବା ସହ ବିଚାର ବିଭାଗୀୟ ତଦନ୍ତ ପାଇଁ ମହଲତ ଦିଆଯାଇଥିବା କହିଛନ୍ତି ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମହୋନ ଦ୍ୱିବେଦୀ।

ଛାତ୍ର ଜୀବନରୁ କମ୍ୟୁନିଷ୍ଟ ଚିନ୍ତାଧାରରେ ପ୍ରଭାବିତ ହୋଇ ପୀତବାସ ଅଖିଳ ଭାରତୀୟ ଛାତ୍ର ଫେଡେରେସନର ଜଣେ ସକ୍ରିୟ କର୍ମୀ ଓ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ଜଣେ ଆଗ ଧାଡ଼ିର ଛାତ୍ରନେତା ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନର ସମ୍ପାଦକ ନିର୍ବାଚିତ ହୋଇଥିଲେ। ପରେ ସକ୍ରିୟ ରାଜନୀତିରେ ପ୍ରବେଶ କରି କଂଗ୍ରେସରେ ସାମିଲ ହୋଇ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଓ ରାଜ୍ୟ ମୁଖପାତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଗତ ନିର୍ବାଚନରେ ସର୍ବାଧିକ ଭୋଟ ପାଇ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଭାବେ ନିର୍ବାଚିତ ମଧ୍ୟ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ପୀତବାସ ବିଜେପିରେ ଯୋଗଦେଇ ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପାଇଁ ପ୍ରଚାର କରି ତାଙ୍କ ନିକଟତର ହୋଇଥିଲେ।

## ରାଜ୍ୟରେ ଆଇନଜୀବୀଙ୍କ...

କ୍ଷତିପୂରଣ ରାଶି ପ୍ରଦାନ ଏବଂ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ କାଉନସିଲ ତରଫରୁ ଦାବି କରାଯାଇଛି।

ଅନ୍ୟପଟେ, ଜଣେ ଆଇନଜୀବୀଙ୍କୁ ତାଙ୍କ ଘର ସମ୍ମୁଖରେ ଯେପରି ହତ୍ୟା କରାଗଲା, ତାହା ଦୁର୍ଭାଗ୍ୟଜନକ। ଏଣୁ ଆଇନଜୀବୀ ସୁରକ୍ଷା ଆଇନ ଅନୁସାରେ ଆଇନଜୀବୀମାନଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାରଙ୍କ ନିକଟରେ କାଉନସିଲ ଦାବି ଉପସ୍ଥାପନ କରିଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ବିଚାରପତି, ଆଇନ ମନ୍ତ୍ରୀ ଓ ବାର କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କୁ ରାଜ୍ୟ ବାର କାଉନସିଲ ପକ୍ଷରୁ ଗୃହୀତ ହୋଇଥିବା ପ୍ରସ୍ତାବ ସଂକ୍ରାନ୍ତରେ ଅବଗତ କରଯାଇଛି। ରାଜ୍ୟ ବାର କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ସ୍ୱର୍ଗତ ପଣ୍ଡାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ମଧ୍ୟ ଜ୍ଞାପନ କରିଛନ୍ତି। ଏହି ହତ୍ୟା ଘଟଣାକୁ ବାର କାଉନସିଲ ଅଫ ଇଣ୍ଡିଆ (ବିସିଆଇ) ମଧ୍ୟ ନିନ୍ଦା କରିଛି। ଏନେଇ ବିସିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ରାଜ୍ୟ ବାର କାଉନସିଲର ଜଣେ ସଦସ୍ୟଙ୍କୁ ଗୁଳି କରି ହତ୍ୟା କରାଯିବା ନେଇ ସମଗ୍ର ଦେଶରେ ଆଇନଜୀବୀ ମାନେ ସ୍ତବ୍ଧ। ଏଣୁ ଏହି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଦୋଷୀକୁ ଗିରଫ କରିବା ସହ ୭୨ଘଣ୍ଟା ମଧ୍ୟରେ ଏହାର ସ୍ଥିତି ସମ୍ପର୍କରେ ଜଣାଇବାକୁ ବିସିଆଇ କହିଛି।

## ଘାସିରାମ କଂଗ୍ରେସର...

ପ୍ରାର୍ଥିତ୍ୱ ସମ୍ପର୍କରେ ବିଧିବଦ୍ଧ ସୂଚନା ଦିଆଯାଇଛି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦ ହଜାର ୯୪୧ ଖଣ୍ଡ ଭୋଟ ପାଇଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ତଥା ତତ୍‌କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ୧୫ ହଜାର ଭୋଟ ପାଇଥିଲେ। ଏହି ଦୁଇଜଣଙ୍କ ଭୋଟ୍ ମିଶାଇଲେ ୬୫ ହଜାର ଭୋଟ୍ ହେଉଛି। ମାତ୍ର ଏହି ଆସନରୁ ୨୦୨୪ରେ ନିର୍ବାଚନ ଜିତିଥିବା ରାଜେନ୍ଦ୍ର ଢୋଲକିଆ ୬୧ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରସ ଘାସିରାମଙ୍କୁ ଏଠାରୁ ପ୍ରାର୍ଥୀ କରିବା ସହ ପ୍ରଥମ ରାଜନୈତିକ ଦଳ ଭାବେ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟପଟେ ଗତ କିଛି ଦିନ ପୂର୍ବରୁ ଘାସିରାମ ମାଝୀଙ୍କୁ ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ଏହିସବୁ ଦିଗକୁ ଆଧାର କରି କଂଗ୍ରେସ ଏହି ଆସନ ଦଖଲ କରିବା ନେଇ ସମ୍ପୂର୍ଣ୍ଣ ଆଶାବାଦୀ ରହିଛି।

ଘାସିରାମଙ୍କୁ ପ୍ରାର୍ଥୀ କରିବା ସହ ଦଳ ସୋମବାର ସେଠାରେ ନ୍ୟାୟ ସମାବେଶ କରିଛି। ସେଠାରେ ପିସିସି ସଭାପତି ଆଗୁଆ ଘାସିରାମଙ୍କ ସପକ୍ଷରେ ଭୋଟ୍‌ଭିକ୍ଷା ମଧ୍ୟ କରିଦେଇଛନ୍ତି। ଏହି ସମାବେଶରେ ଭକ୍ତ କହିଛନ୍ତି ଯେ ଅନ୍ୟ ଦଳ ଭଳି କଂଗ୍ରେସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବ ନାହିଁ। ଘାସିରାମ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା। ଆମେ ସମସ୍ତେ ମିଶି ଲଢେଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବୁ।

## କାତ ପାଉନାହିଁ...

ବ୍ୟବସ୍ଥା କରାଯାଇଛି; ଅଥବା ପରୀକ୍ଷା ପରିଚାଳନାକୁ ଆଇଟିଲିମିଟେଡ୍‌କୁ ପ୍ରଦାନ କରି ଓପିଆର୍‌ବି ଏହାର ତତ୍ତ୍ୱାବଧାନରେ ଅତ୍ୟନ୍ତ ଦାୟିତ୍ୱହୀନ ଆଚରଣ ପ୍ରଦର୍ଶନ କରିଛି। ପରୀକ୍ଷା ପ୍ରଶ୍ନ ଅଭ୍ୟାସ ପାଇଁ ଯାଉଥିବା ପରୀକ୍ଷାର୍ଥୀମାନଙ୍କଠାରୁ ଏଯାଏ ଯେଉଁ ତଥ୍ୟ ମିଳିଛି ତାହା କ୍ରାଇମବ୍ରାଞ୍ଚକୁ କେବଳ ଶଙ୍କର ପୃଷ୍ଟି ଓ ମୁନା ମହାନ୍ତି ପର୍ଯ୍ୟନ୍ତ ପହଞ୍ଚାଇବାକୁ ସମର୍ଥ ହୋଇଛି । ମାତ୍ର କାହା ଛତ୍ରଛାୟାରେ ଥାଇ ଶଙ୍କର ଓ ମୁନା ଏପରି ଏକ ଜଘନ୍ୟ କାଣ୍ଡ ଘଟାଇବାକୁ ସମର୍ଥ ହୋଇଛନ୍ତି, ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ସୂଚନା ପାଇନାହିଁ । ତେବେ ଏହି ଘଟଣାରେ ସମ୍ପୃକ୍ତ କୁହାଯାଉଥିବା ଆଉ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଓ ଭୁବନେଶ୍ୱରରୁ ଉଠାଇ ଆଣିଛି। ଏମାନେ ଚାକିରି ପାଇଁ ପିଲା ଯୋଗାଡ଼ ଦାୟିତ୍ୱ ନେଇଥିବା ସୂଚନା ମିଳିଛି । ତେବେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ସହ ଓପିଆର୍‌ବିର କିଛି କର୍ମଚାରୀଙ୍କ ସମ୍ପର୍କ ଥିବା ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ସୁରାକ ପାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା ସିଲିକନ୍ ଟେକ୍ ଏବଂ ପଞ୍ଚସଫ୍ଟ ଟେକ୍ନୋଲୋଜିର ଅଫିସକୁ କିଛି ପୁଲିସ ଅଧିକାରୀ ନିୟମିତ ଯାଉଥିବା ସଂକ୍ରାନ୍ତ ସୂଚନା ଉପରେ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି।

ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଆଉଟସୋର୍ସିଂ କମ୍ପାନୀକୁ ନ ଦେବା ଲାଗି ଗତ ମାସ ୨୨ ତାରିଖରେ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଏହି ସମୟରେ ଓପିଆର୍‌ବି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସିଲିକନ୍ ଟେକ୍‌ଲାବ ଓ ପଞ୍ଚ ସଫ୍ଟ ସମ୍ପର୍କରେ କାହିଁକି ସମୀକ୍ଷା କଲାନାହିଁ ବୋଲି ପ୍ରଶ୍ନ ଉଠିଛି । ସେହିପରି ପୁଲିସ ସବ୍ ଇନ୍ସପେକଟର ପାଇଁ ଥିବା ପରୀକ୍ଷା ଢାଞ୍ଚାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ପୂର୍ବରୁ ଓଡିଶା ଷ୍ଟାଫ୍ ସିଲେକସନ୍ କମିଶନ ଏସ୍‌ଆଇ ପରୀକ୍ଷା କରୁଥିଲା। ଏଥିରେ ପ୍ରିଲିମନାରୀ, ଫିଜିକାଲ ଟେଷ୍ଟ , ମେନ୍ ପରେ ମୌଖିକ ଏବଂ ଭଏସ କରାଯାଇ ଫାଇନାଲ ତାଲିକା ପ୍ରକାଶ କରାଯାଉଥିଲା। ମାତ୍ର ଏବେ କେବଳ ଗୋଟିଏ ଲିଖିତ ପରୀକ୍ଷା ପରେ ଶାରିରୀକ ପରୀକ୍ଷା କରାଯାଇ ଏସଆଇ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି ।

## ହଟିଲା କର୍ଫ୍ୟୁ...

ରଖାଯାଇଛି। ସହରରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ପୁଲିସ କମିଶନର ଏସ. ଦେବଦତ୍ତ ସିଂ ନିବେଦନ କରିଛନ୍ତି। ଡିସିପିଙ୍କ କାର୍ଯ୍ୟାଳୟରେ ପୁଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି ଯେ କଟକରେ ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏହାକୁ ଦୃଷ୍ଟିରେ ରଖି କର୍ଫ୍ୟୁକୁ ହଟାଇ ଦିଆଯାଇଛି। ୩୬ଘଣ୍ଟା ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଭାବେ ବିତିଛି। ପରିସ୍ଥିତିର ଅନୁଧ୍ୟାନ କରାଯାଉଛି। ବିଭିନ୍ନ ସ୍ଥାନଗୁଡ଼ିକରେ ପୁଲିସର ପାଟ୍ରୋଲିଂ ଜାରି ରହିବ। ସୋସିଆଲ ମିଡିଆକୁ ସ୍ୱତନ୍ତ୍ର ଭାବେ ମନିଟରିଂ କରାଯାଉଛି। ଯେକୌଣସି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଲେ, ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଶ୍ରୀ ସିଂ ଚେତାବନୀ ଦେଇଛନ୍ତି।

ଡିସିପିଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ୍ କାର୍ଯ୍ୟକ୍ଷମ ହେଉଛି। ସେଠାରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ହ୍ୱାଟସଆପ୍ ଏବଂ ଏକ୍ସ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଛି। ଅପପ୍ରଚାରକାରୀଙ୍କ ଉପରେ ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ କହିବା ଅନୁଯାୟୀ, ଆଗକୁ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆସୁଥିବା ବେଳେ ଏହାକୁ ଶାନ୍ତିପୂର୍ଣ୍ଣ ଭାବେ କରାଯିବା ନେଇ କଟକ ମହାନଗର ଶାନ୍ତି କମିଟି ଓ ପୂଜା କମିଟିଗୁଡ଼ିକ ସହ ଆଲୋଚନା କରାଯିବ। ଯେପରି ଏଭଳି ପରିସ୍ଥିତି କେବେ ନ ଉପୁଜେ, ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ଡିସିପି କହିଛନ୍ତି।

## ସରକାରଙ୍କ ସିନ୍ଦୁକରେ...

ମାତ୍ର ୭.୬ ପ୍ରତିଶତ ରହିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ, ଶିଳ୍ପ, ଏମଏସଏମଇ, ଗ୍ରାମ୍ୟ ଉନ୍ନୟନ ଇସ୍ପାତ ଓ ଖଣି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଜଳସମ୍ପଦ, ବାଣିଜ୍ୟ, ପର୍ଯ୍ୟଟନ ପରି ବିଭାଗ ଗୁଡ଼ିକର ଖର୍ଚ୍ଚ ୨୫ ପ୍ରତିଶତରୁ କମ୍ ରହିଛି। ଏହିସବୁ ବିଭାଗ ଗୁଡ଼ିକ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟନ୍ୱୟନ ସହ ଭିତ୍ତିଭୂମି ବିକାଶ ଏବଂ ସାମାଜିକ କ୍ଷେତ୍ରରେ ବ୍ୟୟ ବୃଦ୍ଧି ପାଇଁ ବଡ଼ ଭୂମିକା ଗ୍ରହଣ କରିଥାନ୍ତି। ମାତ୍ର ଏସବୁ ବିଭାଗ ଗୁଡ଼ିକର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନୁହେଁ। ସରକାରଙ୍କୁ ଯଥାଶୀଘ୍ର ଏଦିଗରେ ଆତ୍ମସମୀକ୍ଷା ଜରୁରୀ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ତେବେ ଏହି ଅବଧି ମଧ୍ୟରେ ଅର୍ଥ, ପୂର୍ତ୍ତ, ଅବକାରୀ, ସ୍କୁଲ ଓ ଗଣଶିକ୍ଷା, କୃଷି, ମହିଳା ଓ ଶିଶୁ ବିକାଶ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ପରି ବିଭାଗ ଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ଏପରିକି କେତେକ ବିଭାଗ ନିର୍ଦ୍ଧାରିତ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ ସୀମାକୁ ମଧ୍ୟ ଅତିକ୍ରମ କରିଥିବା ଜଣାପଡ଼ିଛି। ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଯାବତ୍ ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆସନ୍ତା ୪ ମାସରେ ୩୩ ପ୍ରତିଶତ ଅର୍ଥ କିପରି ଖର୍ଚ୍ଚ ହୋଇପାରିବ, ସେନେଇ ଅର୍ଥନୀତି ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗ ସମ୍ଭାଳୁଥିବାରୁ ପ୍ରତିଟି ବିଭାଗର ପ୍ରଦର୍ଶନକୁ ନିଜେ ତଦାରଖ କରିବା ଜରୁରୀ। ବିଶେଷକରି ବିଭାଗଗୁଡ଼ିକ ଅର୍ଥ ଖର୍ଚ୍ଚ କରିବାରେ କେଉଁଠି ପ୍ରତିବନ୍ଧକର ସାମ୍ନା କରୁଛନ୍ତି, ତାହାର ଚିହ୍ନଟ ସହ ନିରାକରଣ ଯଥାସମ୍ଭବ ହେବା ଆବଶ୍ୟକ। ନହେଲେ ବଜେଟ ଆକାର ବୃଦ୍ଧିର କୌଣସି ଅର୍ଥ ରହିବ ନାହିଁ ବୋଲି ଅର୍ଥନୀତି ମହଲରେ ମତପ୍ରକାଶ ପାଇଛି।


**AFFIDAVIT**

I, Priti Ranjan Das, S/o- Kshirod Prasad Das, resident at Naulo, Po/ Arodai,Ps- Tirtol, Dist- Jagatsinghpur, Pin- 754138 Odisha declare by this affidavit No. 1577, dtd- 06/10/2025 that my wrong name in passport is corrected from Pritiranajan das to **Priti Ranjan Das.**

**AFFIDAVIT**

I ALLHADINI DASH, W/o. RADHA KRISHNA DASH resident of Main Road, PO.- Kolnara, Ps.- Chandili, Dist.- Rayagada, Pin - 765017, Odisha declare by this Affidavit No. 1467, Dated - 03/10/2025, that now onwards I shall be known as **ALHADINI DASH** for all future purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 06.10.2025, I Daka Behera S/o- Sibaram Behera resident at Haladipadia Basti, Po- Laxmisagar, Bhubaneswar, Dist- Khurda, Odisha, PIN- 751006, declare that I have changed my name from Dak Behera to Daka Behera. Henceforth, He shall be known as **DAKA BEHERA** for all future purposes.

**Notice (for Minor)**

By virtue of an affidavit sworn before Executive Magistrate, Keonjhar, dated 10th September 2025. I, **Deepak Dehury,** Address: At/Po-Khuntapada, Ps- Telkoi, Dist-Keonjhar, Odisha, India, Pin Code-758019 declare that I have changed the name of my daughter from **Ruby Dehury** to **Khusi Dehury.** Henceforth, she shall be known as Khusi Dehury for all purposes.

**Sd/- Deepak Dehury**

**AFFIDAVIT**

I, Ajaya Kumar Chhotaray, aged about 45 years, S/o-nimei Charan Chhotray, resident of At- Kadalibari, Po- Daleiput, Ps- Khurda Sadar, Dist- Khurda, Odisha, Pin- 752056 declare by this affidavit No. 2023, dtd- 06/10/2025, that now onwards I shall be known as **AJAY KUMAR CHHOTRAY** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit vide No.3734, sworn before the Executive Magistrate and Tahasildar, Basta, Balasore, on dtd- 25/09/2025, I, Husani Khan W/O- Mahibu Khan of At/Po- Lachhmankhunta, Ps- Basta, Dist- Balasore, declare that in ROR vide Mouza- Lachhmankhunta, Ps- Basta Khata No. 341 mentioned as Hossain Khan, W/O- Majabu Khan. Both Husani Khan W/O- Mahibu Khan and Hossain Khan W/O- Majabu Khan of above mentioned address is same and one person for all future propose.

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 24/03/2025. I, **Sushree Sangita Mishra,** aged about 33 years, W/O- Babuli Kumar Sarangi, D/O- Naba Kishor Mishra, resident of AT/PO/PS: Titilagarh (Hatpada Pada), Dist- Bolangir, (Odisha), PIN- 767033 declare that I have changed my name from **Sangita Sarangi** (old name) to **Sushree Sangita Mishra** (new name). Henceforth, I shall be known as **Sushree Sangita Mishra** (new name) for all purposes.

**Sushree Sangita Mishra**

**AFFIDAVIT**

I, Shaik Haidar Ali, S/o- Sekh Ajagar Alli, resident of At/Po- Rasulpur, Dist- Jagatsinghpur, PIN- 754104, Odisha declared by this affidavit No. 70AA 787471, dtd- 03/10/2025 that now onwards I shall be known as **SK HAIDER ALI** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIBBS 2025044, ତା.25.09.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ କଟକ ରେଳ ଷ୍ଟେସନ ଠାରେ ୟାର୍ଡ଼ R1 ଠାରୁ R5 ପର୍ଯ୍ୟନ୍ତ ବାଲାଷ୍ଟ ବିହୀନ (Ballast less) ଟ୍ରାକ୍‌ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1999.38 ଲକ୍ଷ, EMD (ଟଙ୍କାରେ): 11,49,700/-, କାର୍ଯ୍ୟଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.10.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚିତ୍ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-123/CI/25-26

**AFFIDAVIT**

I RADHA NARAYANSETTY, W/O.: SANTOSH KUMAR NARAYANSETTY, AT- SHRIDISAI NAGAR, PO/PS/DIST- NABARANGPU- 764059, DECLARE BY THIS AFFIDAVIT NO - 33160, DATE- 06.10.2025. THAT NOW ONWARDS, I SHALL BE KNOWN AS **RADHA GEMBALI** FOR ALL FUTURE PURPOSES.

**AFFIDAVIT**

I, Shaik Didar Ali, S/o- Sk Haider Ali, resident of At/Po- Rasulpur, Dist- Jagatsinghpur, PIN- 754104, Odisha declared by this affidavit No. 70AA 787470, dtd- 03/10/2025 that now onwards I shall be known as **SHAIKH DIDAR ALI** for all future purposes.

# ଦାଦନ ଦୁଃଖ ମାସେ ପାଇଁ କାମ କରିବାକୁ ଯାଇ ନିଖୋଜ

ବଲାଙ୍ଗିର, ୭ ।୧୦(ସମିସ)



- ଆଜି ପର୍ଯ୍ୟନ୍ତ ଫେରିନାହାନ୍ତି ଜଏଁତରା ଗାଁର ନେପାଳ ପଟ୍ଟନାୟକ
- ସ୍ୱାମୀର ଫେରିବା ବାଟକୁ ଚାହିଁଛନ୍ତି ସ୍ତ୍ରୀ
- ନେପାଳ ଜୀବିତ ନା ମୃତ ସନ୍ଦେହ, ସର୍ଦ୍ଦାରକୁ ପୁଲିସର ସୁରକ୍ଷା


ନେପାଳଙ୍କ ନିଖୋଜ ନେଇ ପରିବାର ଲୋକେ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି

କୋଳରେ ତିନି ବର୍ଷର ଝିଅ। ମାସେ ପାଇଁ ସ୍ୱାମୀ ବାହାର ରାଜ୍ୟକୁ ସର୍ଦ୍ଦାର କଥାରେ ପଡ଼ି ଯାଇଛି ଯେ ଯାଇଛି। ସ୍ୱାମୀ ସହ ଯାଇଥିବା ଅନ୍ୟମାନେ ଫେରିଆସିଛନ୍ତି; କିନ୍ତୁ ସ୍ୱାମୀ ଏଯାଏଁ ଘରକୁ ଫେରିନାହିଁ। ସ୍ୱାମୀ ଜୀବିତ ନା ମୃତ ତାହା ବି ପୁଲିସ ସ୍ପଷ୍ଟ କରିପାରୁନାହିଁ। ଖୋଜି ଆଣିବା ତ ଦୂରର କଥା; ଅସହାୟ ସ୍ତ୍ରୀକୁ ଦେଖିଲେ ପୁଲିସ ଆହା ପଦେ କହୁନାହିଁ। ମୁରିବାହାଲ ଥାନା ଜଏଁତରା ଗାଁର ବବିତା ପଟ୍ଟନାୟକ ଏହିଭଳି ପରିସ୍ଥିତିର ସାମ୍ନା କରିଛନ୍ତି। ସେ ପୁଲିସ ପାଖକୁ ଏକାଧିକ ଥର ସ୍ୱାମୀ ନିଖୋଜ ଅଭିଯୋଗ ନେଇ ଯାଇଥିଲେ; କିନ୍ତୁ ସ୍ଥାନୀୟ ଥାନା ଅଧିକାରୀ ଗୁରୁତ୍ୱ ନ ଦେବାରୁ ସେ ପରିବାର ସହ ବାଧ୍ୟ ହୋଇ ଏସପି ଅଫିସର ଦ୍ୱାରସ୍ଥ ହୋଇ ସ୍ୱାମୀକୁ ଖୋଜି ଆଣିବା ପାଇଁ ଗୁହାରୀ କରିଛନ୍ତି।

ବଲାଙ୍ଗିର ଜିଲ୍ଲାର ଦାଦନ ପ୍ରବଣ ବ୍ଲକ ଭାବେ ମୁରିବାହାଲ ବ୍ଲକ ଅନ୍ୟତମ। ମୁରିବାହାଲ ଥାନା ଚଳକି ପଞ୍ଚାୟତ ନୂଆପଡ଼ାର ଜଏଁତରା ଗାଁର ନେପାଳ ପଟ୍ଟନାୟକ(୨୭) ଗତ କିଛି ଦିନ ହେଲା ଆନ୍ଧ୍ରପ୍ରଦେଶ ମେହେବୁବନଗରରୁ ନିଖୋଜ ଥିବା ଅଭିଯୋଗ ହୋଇଛି। ସେ ଜୀବିତ ଅଛନ୍ତି ନା ମୃତ ତାହା ବି ପରିବାର ଲୋକ ଜାଣିନାହାନ୍ତି। ଅଭିଯୋଗ ଅନୁସାରେ ନେପାଳ ଗତ ସେପ୍ଟେମ୍ବର ୫ ତାରିଖରେ ଆନ୍ଧ୍ରପ୍ରଦେଶ ମେହେବୁବନଗରକୁ କାମ କରିବାକୁ ଯାଇଥିଲେ। ପରିବାର ଲୋକଙ୍କ ବାରଣ ସତ୍ତ୍ୱେ ସ୍ଥାନୀୟ ଏକ ଦାଦନ ସର୍ଦ୍ଦାର ପ୍ରସାଦୀ ଚନ୍ଦନଙ୍କ କଥାରେ ପଡ଼ି ମାସେ କାମ କରିବାକୁ ଯାଇଥିଲେ। ଏଥିପାଇଁ ତାଙ୍କୁ ୧୦ ହଜାର ଟଙ୍କା ଦିଆଯାଇଥିଲା। ନେପାଳଙ୍କ ସହ ଆଉ ତିନି ଜଣ ଯୁବକ ମଧ୍ୟ ସେଠାକୁ ଯାଇଥିଲେ। ତେବେ ସର୍ଦ୍ଦାରର କହିବା ଅନୁସାରେ ସେ ଆଜି ପର୍ଯ୍ୟନ୍ତ ଫେରିଆସିବା କଥା; କିନ୍ତୁ ତାଙ୍କ ସ୍ତ୍ରୀ ଓ ତିନି ବର୍ଷର ଝିଅ ଆଜି ବି ତାଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ତାଙ୍କ ସହ ଯାଇଥିବା ଅକ୍ରୁର ବଗର୍ତ୍ତି ଗତ ୩୦ ତାରିଖରେ ପରିବାର ଲୋକଙ୍କୁ କହିବା ଅନୁସାରେ ସେଠାରେ ସେ ଗତ ୨୮ ତାରିଖରୁ ନିଖୋଜ ଅଛନ୍ତି; କିନ୍ତୁ ତାଙ୍କୁ ନେଇ ଯାଇଥିବା ସର୍ଦ୍ଦାର ଏନେଇ କୌଣସି ଖବର ପରିବାର ଲୋକଙ୍କୁ ଦେଇ ନ ଥିଲା। ଏହା ଜାଣିବା ପରେ ତାଙ୍କ ସ୍ତ୍ରୀ ଓ ପରିବାର ଲୋକ ମିଶି ତାଙ୍କୁ ଖୋଜାଖୋଜି କରିବା ପାଇଁ ଅନ୍ୟମାନଙ୍କୁ ଯୋଗାଯୋଗ କରିଥିଲେ; କିନ୍ତୁ କିଛି ସୂଚନା ନ ପାଇବାରୁ ଗତ ୩ ତାରିଖରେ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ସ୍ଥାନୀୟ ପୁଲିସ ସମ୍ପୃକ୍ତ ସର୍ଦ୍ଦାରକୁ ଡକାଇ ପଚରାଉଚୁରା କରିବା ପରେ ପରିବାର ଲୋକଙ୍କ ସହ ମିଶି ସେଠାରେ ଖୋଜାଖୋଜି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ପୁଲିସ ନିର୍ଦ୍ଦେଶକ୍ରମେ ପରିବାର ଲୋକ ସର୍ଦ୍ଦାର ସହ ମିଶି ଯିବା ପାଇଁ ବାହାରିଥିଲେ; କିନ୍ତୁ ଟିଟିଲାଗଡ଼ ଷ୍ଟେସନରୁ ଆଉ ସର୍ଦ୍ଦାରର ମଧ୍ୟ କିଛି ଖୋଜଖୋବର ମିଳି ନ ଥିଲା। ଏନେଇ ପୁଣି ଥାନାକୁ ଯାଇ ପରିବାର ଲୋକେ ଅଭିଯୋଗ କରିବା ପରେ ତାଙ୍କ କଥା ବୁଝିବା ବଦଳରେ ପୁଲିସ ଅଧିକାରୀ ମାମଲାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଆଜି ବି ନିଖୋଜ ଥିବା ଯୁବକଙ୍କ କୌଣସି ସନ୍ଧାନ ମିଳିନାହିଁ। ସର୍ଦ୍ଦାର ଲୁଚି ବୁଲୁଥିବା ବେଳେ ପୁଲିସ ମଧ୍ୟ ତାକୁ ଧରି ପଚରାଉଚୁରା କରୁ ନ ଥିବାରୁ ପୁଲିସ ଓ ସର୍ଦ୍ଦାର ମଧ୍ୟରେ ଭିତିରି ଡିଲ୍ ହୋଇସାରିଥିବା ପରିବାର ଲୋକେ ସନ୍ଦେହ କରି ମଙ୍ଗଳବାର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ନେପାଳ ଜୀବିତ ଅଛନ୍ତି ନା ତାଙ୍କ ସହ କିଛି ଅଘଟଣ ଘଟିସାରିଛି, କାହିଁକି ତାଙ୍କ ସହ ଯାଇଥିବା ଶ୍ରମିକମାନେ ଫେରିଆସି ନୀରବ ଅଛନ୍ତି, କାହିଁକି ସର୍ଦ୍ଦାର ଖୋଜାଖୋଜି କରିବା ବଦଳରେ ଦିନ ଗଡ଼ାଇ ଚାଲିଛି ଏହିଭଳି ଅନେକ ପ୍ରଶ୍ନ ଭିତରେ ସ୍ତ୍ରୀ ୩ ବର୍ଷର ଝିଅକୁ ନେଇ ଏସପିଙ୍କଠାରୁ ନ୍ୟାୟ ଅପେକ୍ଷାରେ ରହିଛନ୍ତି।

## ବେଲପଡ଼ା କଲେଜରେ ଶକ୍ତିଶ୍ରୀ ଶକ୍ତୀକରଣ

ବେଲପଡ଼ା, ୭ ।୧୦(ସମିସ): ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଶକ୍ତିଶ୍ରୀ ଶକ୍ତିକରଣ ଉପରେ ଏକା କର୍ମଶାଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କର୍ମଜୀବୀ ମହିଳା ଓ ସ୍କୁଲ କଲେଜରେ ଛାତ୍ରୀମାନେ ଭୋଗୁଥିବା ଯୌନନିର୍ଯାତନା ଓ ଅତ୍ୟାଚାର ଉପରେ ଉପସ୍ଥିତ ଛାତ୍ରୀ ପ୍ରତିନିଧିମାନଙ୍କୁ ସେ ବୁଝାଇଥିଲେ। ପ୍ରାଧାପକ ତନ୍ମୟ ପାଣିଗ୍ରାହୀ ନାରୀ ସଶକ୍ତି କରଣ ଉପରେ ଅଭିମତ ପ୍ରଦାନ କରିଥିଲେ। ଲିଲିମା ପଣ୍ଡା ନିଜର ଯୁକ୍ତି ରଖିଥିଲେ। ମହାବିଦ୍ୟାଳୟରେ ଯେଭଳି ଏଭଳି ଅଭାବନୀୟ ଘଟଣା ନ ଘଟେ ସେଥିପାଇଁ ସମସ୍ତ ଅଧାପିକାଙ୍କୁ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ପରାମର୍ଶ ଦେଇଥିଲେ। ଅଧାପକ ସୁଦାମ ଚନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ




ବଲାଙ୍ଗିର, ୭ ।୧୦(ସମିସ): ସ୍ଥାନୀୟ ଟାଉନ ବାଳିକା ବିଦ୍ୟାଳୟ ପରିସରରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ପୌରାଧକ୍ଷା ଲିକା ସାହୁ, ଅଧାପକ ରାଜମଣି ସାହୁ ଅତିଥି ଭାବେ ଯୋଗ ଦେଇଥବଲେ। ପ୍ରଭାକର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମଧୁସୂଦନ ନାୟକ ଅତିଥି ସ୍ୱାଗତ କରିଥିଲେ। କପିଳେଶ୍ୱର ଖମାରୀ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଏକ ସୁନାମଧନ୍ୟ ସାମାଜିକ ଅନୁଷ୍ଠାନ ମାହେଶ୍ୱରୀ ସଂଗଠନ ଏବଂ ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା କବି ଓ କ୍ରୀଡାବିତ୍ ଡା. ବେଣୁଧର ପାଣ୍ଡେଙ୍କୁ ସମ୍ମାନିତ କରାଯାଇଥିଲା। ପୀତବାସ ପଣ୍ଡା ଓ ପଦ୍ମଚରଣ ଆଚାର୍ଯ୍ୟ ମାନପତ୍ର ପଠନ କରିଥିଲେ। ବିପିନ ବିହାରି ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୁଡେନ୍ଦ୍ର ବେହେରା, ନାରାୟଣ ପାଢ଼ୀ, ଚିତ୍ତରଞ୍ଜନ ପଟେଲ, ସୁରେନ୍ଦ୍ର ନେଗୀ, ବ୍ରଜ କିଶୋର ପଣ୍ଡା, କୃଷ୍ଣଚନ୍ଦ୍ର ନାଥ, ଅଶୋକ ମିଶ୍ର ସହଯୋଗ କରିଥିଲେ। ସୁନିଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋଟେଲ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମର ତନାଘନା

ଟିଟିଲାଗଡ଼, ୭ ।୧୦(ସମିସ): ଟିଟିଲାଗଡ଼ରେ ଜଣେ ହୋଟେଲ ବ୍ୟବସାୟୀଙ୍କୁ ଗାଡି ଚପାଇ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ହୋଟେଲ ବ୍ୟବସାୟୀ ଶିବଦୟାଲ ଜୈନଙ୍କୁ ଗତ ୨୮ ତାରିଖ ରାତିରେ ଏକ ନମ୍ବର ବିହୀନ ବୋଲେରୋରେ ଧକ୍କା ଦେଇ ହତ୍ୟା ଉଦ୍ୟମ ହୋଇଥିଲା। ଏ ସମ୍ପର୍କରେ ଶିବଦୟାଲ ଟିଟିଲାଗଡ଼ ଥାନାରେ ମାମଲା ଦୟାର କରିଥିଲେ। ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଟିଟିଲାଗଡ଼ ପୁଲିସ କୌଣସି ପଦକ୍ଷେପ ନ ନେବାରୁ ଶିବଦୟାଲ ବଲାଙ୍ଗୀର ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏହି ଘଟଣାରେ ତଦନ୍ତ କରି ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ସଂଗ୍ରହ କରିଥିଲା। ଫୁଟେଜ ଅନୁସାରେ ଶିବଦୟାଲ ୨୮ ତାରଖ ରାତି ପ୍ରାୟ ୯ଟା ୫୫ରେ ଟିଟିଲାଗଡ଼ ରେଳ ଷ୍ଟେସନ ନିକଟରେ ଥିବା ନିଜ ହୋଟେଲ ସନ୍ ଭ୍ୟୁ ସାମନାରୁ ଏକ ସ୍କୁଟିରେ ନିଜ ଘରକୁ ଯାଉଥିଲେ। ଠିକ୍ ସେହି ସମୟରେ ତାଙ୍କୁ ଦୀର୍ଘ ସମୟ ଧରି ଛକି ରହିଥିବା ଏକ ନମ୍ବର ବିହୀନ ଧଳା ବୋଲେରୋ ପିଛା କରି ତାଙ୍କ ଘର ସାମନାରେ ଧକ୍କା ଦେଇ ପଳାଇଥିଲା। ସମସ୍ତ କ୍ୟାମେରା ଫୁଟେଜକୁ ଦେଖିଲେ ଜଣା ପଡୁଛି ଯେ, ଶିବଦୟାଲଙ୍କୁ ହତ୍ୟା କରିବା ପାଇଁ ବୋଲେରୋ ଦୀର୍ଘ ସମୟଧରି ଅପେକ୍ଷା କରିଥିଲା। ଠିକ୍ ଘର ସମାନରେ ଜୋରରେ ଧକ୍କା ଦେଇ ପଳାଇଥିଲା। ଏହି ଦୁର୍ଘଟଣାରେ ଶିବଦୟାଲ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। କିଏ ଓ କାହିଁକି ହତ୍ୟା ପାଇଁ ଉଦ୍ୟମ କରିଛି ଜାଣି ନ ଥିବା ବେଳେ ଶିବଦୟାଲର ପରିବାର ବର୍ଗ ତଦନ୍ତ କରି ଦୋଷୀକୁ ଦଣ୍ଡ ଦାବି କରିଛନ୍ତି। ଏହି ଘଟଣା ଘଟିବା ପରେ ଟିଟିଲାଗଡ଼ର ବ୍ୟବସାୟୀ ମହଲରେ ଆତଙ୍କ ଖେଳି ଯାଇଛି। ଟିଟିଲାଗଡ଼ ଏକ ଶାନ୍ତ ଓ ଅପରାଧମୁକ୍ତ ସହର ହୋଇଥିବା ବେଳେ ଏଭଳି ଯୋଜନାବଦ୍ଧ ହତ୍ୟା ଉଦ୍ୟମ ବ୍ୟବାସୀୟ ମହଲକୁ ଚକିତ କରିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଟିଟିଲାଗଡ଼ ବ୍ୟବସାୟୀ ସଂଘ ଦାବି କରିଛି।


### ବିଜେପି ନେତା ଅଙ୍କୁର ଅଗ୍ରୱାଲ ଗିରଫ



ବଲାଙ୍ଗୀର, ୭ ।୧୦(ସମିସ): ଟିଟିଲାଗଡ଼ ଅଞ୍ଚଳରେ ଗତ ଦୁଇ ଦିନ ହେଲା ହାଇଡ୍ରାମା ଦେଖିବାକୁ ମିଳିଛି। ବଲାଙ୍ଗୀର ଏସପି ଟିଟିଲାଗଡ଼ ଆସି ବିଜେପି ନେତା ଅଙ୍କୁର ଅଗ୍ରୱାଲଙ୍କୁ ଘରୁ ଉଠାଇ ନେଇ ଯାଇଥିବା ଆଲୋଚନାର ବିଷୟ ହୋଇଥିଲା। ମଙ୍ଗଳବାର ବଲାଙ୍ଗୀର ଏଏସପିଙ୍କ ନେତୃତ୍ୱରେ ଜଣେ ହାର୍ଡକୋର ଅପରାଧୀ ଭଳି ୬ଟି ଗାଡିରେ ପୁଲିସ ଅଙ୍କୁରକୁ ବଲାଙ୍ଗିରରୁ ଟିଟିଲାଗଡ଼ ଥାନାକୁ ଆଣିଥିଲା। ରାତିରେ ଅଙ୍କୁରଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ପରୀକ୍ଷା ପରେ ଟିଟିଲାଗଡ଼ ସିନିୟର ସିଭିଲ ଜଜ ତଥା ସହକାରୀ ସେସନ ବିଚାରପତିଙ୍କଠାରେ ହାଜର କରାଯାଇଥିଲା। ତେବେ ଅଙ୍କୁରଙ୍କୁ କାହିଁକି ଗିରଫ କରାଗଲା ସେ ନେଇ ଟିଟିଲାଗଡ଼ ଆଇଆଇସି ଗଣମାଧ୍ୟମକୁ କୌଣସି ଉତ୍ତର ଦେଉ ନ ଥିବା ଆଲୋଚନାର ବିଷୟ ହୋଇଛି। ଏସପି ଉତ୍ତର ରଖିବେ ବୋଲି ଆଇଆଇସି କଲ୍ୟାଣୀ ବେହେରା କହିଥିଲେ। ଅନ୍ୟପକ୍ଷରେ ଗତ ମାସ ୨୮ ତାରିଖ ସକାଳ ୯ଟା ୧ରେ ଏକ ନମ୍ବର ବିହୀନ ଧଳା ବୋଲେରୋରେ ଟିଟିଲାଗଡ଼ର ବ୍ୟବସାୟୀ ତଥା ସନ୍ ଭିୟୁ ହୋଟେଲର ମାଲିକ ଶିବଦୟାଲ ଜୈନଙ୍କୁ ଗାଡି ଚପାଇ ମାରିବା ଉଦ୍ୟମ ହୋଇଥିଲା। ଏହାକୁ ନେଇ ସମ୍ପୃକ୍ତ ବ୍ୟବସାୟୀ ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ଅଙ୍କୁରଙ୍କ ସମ୍ପୃକ୍ତି ଅଛି ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

## ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଦେଓଗାଁ, ୭ ।୧୦(ସମିସ): ସାଲେପାଲି ହନୁମାନ ମନ୍ଦିର ଛକ ନିକଟରେ ଅନେକ ଦିନ ହେଲା ଏକ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଏହା ଏବେ ଅନାବନା ଲତାରେ ଛନ୍ଦି ହୋଇ ରହିଛି। ଏଥିଯୋଗୁଁ ଅନେକ ସମୟରେ ଫ୍ୟୁଜ୍ ଯାଉଛି। ଏଣୁ ଗାଁକୁ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଅନ୍ୟପକ୍ଷେ ଏହି ଟ୍ରାନ୍ସଫର୍ମରଟି ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ରହିଛି। ତେଣୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ଉଡଉଛି। ଏ ସଂକ୍ରାନ୍ତରେ ଗାଁ ଲୋକେ ସ୍ଥାନୀୟ ସରପଞ୍ଚ ବଲ୍ଲଭି ସାହୁଙ୍କୁ ଅବଗତ କରିବା ସହ ଜରାସିଂହା ଗ୍ରୀଡରେ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି; ହେଲେ ଏ ପର୍ଯ୍ୟନ୍ତ ଏ ଦିଗରେ ବିଦ୍ୟୁତ୍ ବିଭାଗ କୌଣସୀ ପଦକ୍ଷେପ ଗ୍ରହଣ କରିନି। ଏଣୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହିପରି ସାଲେପାଲିରେ ୨ଟି ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଭାବେ ରହିଛି। ଜରାସିଂହା ଗାଁ ମୁଣ୍ଡ ପାଟଖଣ୍ଡା ନିଶିଗୁଡି ନିକଟ ରାସ୍ତା ପାର୍ଶ୍ୱରେ ମଧ୍ୟ ଏକ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ବିଦ୍ୟୁତ୍ ବିଭାଗ ଏ ଦିଗରେ ଧ୍ୟାନ ଦେଉ ନ ଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।




## କୁଶଙ୍ଗାଇ ପୀଠରେ ପ୍ରସାଦ ବଣ୍ଟନ




ବଲାଙ୍ଗିର, ୭ ।୧୦(ସମିସ): ଲୋଇସିଂହା ବ୍ଲକ ଅଧୀନ କୁଶଙ୍ଗ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା କୁଶଙ୍ଗାଇଙ୍କ ଷୋହଳ ପୂଜାର ସମାପ୍ତି ଅବସରରେ ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ତରଫରୁ ମା'ଙ୍କ ଠାରେ ଭୋଗ ସମର୍ପଣ କରି ହଜାର ହଜାର ଭକ୍ତ ଓ ଦର୍ଶନାର୍ଥୀଙ୍କ ପାଇଁ ଭୋଗ ବଣ୍ଟନ କରାଯାଇଥିଲା। ଏହି ପୂଜା ଦିନ ୧୨ଟାରୁ ଆରମ୍ଭ ହୋଇ ରାତି ୨ଟା ଯାଏ ଚାଲିଥିଲା। ମାଙ୍କଠାରେ ଜଗତର କଲ୍ୟାଣ ଓ ସମାଜ କଲ୍ୟାଣର ଶୁଭ ମନାସୀ ମୁଖ୍ୟ କର୍ତ୍ତା ଭାବେ ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ଓ ତାଙ୍କ ପତ୍ନୀ ସୀମା ପଟେଲ, ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ଓ ତାଙ୍କ ପତ୍ନୀ ନୀଳକାନ୍ତି ନାଏକ ପୂଜା କାର୍ଯ୍ୟ ସମାପନ କରିଥିଲେ। ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମରେ ୬୦ ଜଣ ଶ୍ରଦ୍ଧାଳୁ ଭୋଗ ପାଇଁ ସହଯୋଗର ହାତ ବଢ଼ାଇଥିଲେ। କେନ୍ଦ୍ର କମିଟି, ଉପଦେଷ୍ଟା ମଣ୍ଡଳୀ, ଚାରି ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ଅଠର ଗୁଡ଼ି ସଭାପତି ଓ କର୍ମକର୍ତ୍ତା, ମହିଳା ମଞ୍ଚ, ଯୁବା ମଞ୍ଚ ଓ କୃଷକ ମଞ୍ଚର ସଭାପତି ଓ କର୍ମକର୍ତ୍ତା, ପୁସ୍ତକ କମିଟି, ନିର୍ମାଣ କମିଟି ଓ ଶିକ୍ଷା କମିଟିର ସମସ୍ତ ସଭ୍ୟ ସମେତ କୁଶଙ୍ଗ ଗୁଡ଼ି ଅଧୀନ ସମସ୍ତ ଗ୍ରାମ୍ୟ ସଭାପତି ଓ କର୍ମକର୍ତ୍ତା ସହ ଆଖପାଖ ଅଞ୍ଚଳର ଯୁବାକର୍ମୀ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ରାତି ପୂଜାରେ ମା'ଙ୍କ ଦର୍ଶନରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ନିଜ ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ଗୁହାରି କରିଥିଲେ। କୀର୍ତ୍ତନ ଧାରା ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା କମିଟି ଦ୍ୱାରା ଆୟୋଜନ କରାଯାଇଥିଲା। ମନ୍ଦିରର ମୁଖ୍ୟ ପୂଜକ ଖଗେଶ୍ୱର ଦେହୁରୀ, ମନ୍ଦିର କମିଟି ସଭ୍ୟ ବୃନ୍ଦ ସମେତ କୁଶଙ୍ଗ ଗଉଁନ୍ତିଆ ବୃନ୍ଦାବନ ପଟେଲ, ମଣ୍ଡଳ ସଭାପତି ଦୁଷ୍ମନ୍ତ ପଟେଲ, ଗୁଡ଼ି ସଭାପତି କରୁଣାକର ପଟେଲ, କେନ୍ଦ୍ର ସହ ସମ୍ପାଦକ ଆନନ୍ଦ ପଟେଲ, ଉପ ସଭାପତି ଯୁବରାଜ ପଟେଲଙ୍କ ସମେତ କୁଶଙ୍ଗ ଓ ବିର୍କେଲ ଗୁଡିର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୂଚାରୁଭାବେ ସମ୍ପନ୍ନ ହୋଇଥିଲା।

## ସ୍କୁଲରୁ ଚୋରି ହୋଇଥିବା ଟଙ୍କା, ପାଣିପମ୍ପ ଜବତ



ପାଟଣାଗଡ଼, ୭ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଯୋଗିମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏଥିରେ ସମ୍ପୃକ୍ତ ୩ ଜଣ ନାବାଳକ ଧରାପଡ଼ିଥିବା ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି। ଗତ ୨ ତାରିଖ ରାତିରେ ଯୋଗିମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଅଫିସ ରୁମ୍ ତାଲା ଭାଙ୍ଗି ଡ୍ରରେ ଥିବା ନଗଦ ୮୦୯୧୦ ଟଙ୍କା, ଗୋଟିଏ ଟିଭି ଓ ପାଣି ପମ୍ପ ଚୋରି ହୋଇଥିଲା। ୩ ତାରିଖ ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଯୋଗିମୁଣ୍ଡାର ଦୟାନିଧି ସାହୁ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ତେବେ ସେମାନଙ୍କଠାରୁ ୬୨୮୦୦ ଟଙ୍କା ଜବତ ହୋଇଛି।

## ସ୍କୁଲରୁ ଏମ୍‌ଡିଏମ ଚାଉଳ ଚୋରି ଅଭିଯୋଗ

ଦେଓଗାଁ, ୭ ।୧୦ (ସମିସ): କଛାରପାଲି ପ୍ରାଥମିକ ବିଦ୍ୟାଳୟରୁ ଏମଡିଏମ ଚାଉଳ ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶିକ୍ଷକ ସୁଶାନ୍ତ ବେହେରା ବିଦ୍ୟାଳୟରୁ ଅଢେଇ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଦଶହରା ଛୁଟି ଥିବାବେଳେ ତାହାର ସୁଯୋଗ ନେଇ ଚାଉଳ ଚୋରି ହୋଇଛି। ବୁଧବାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

## ଡଙ୍ଗରପଡ଼ାରେ କାନ୍ଦୁଲବୁଢା ମଣ୍ଡପ ପାଇଁ ଶିଳାନ୍ୟାସ

ଦେଓଗାଁ, ୭ ।୧୦ (ସମିସ): ଧଣ୍ଡାମାଳ ପଞ୍ଚାୟତ ଡଙ୍ଗରପଡ଼ା ଗ୍ରାମରେ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ସ୍ଥାନୀୟ ସରପଞ୍ଚ ସଞ୍ଜୁ ଶିକାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଧଣ୍ଡାମାଳ ସମିତି ସଭ୍ୟ ଶଙ୍କର ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ ଚାନ୍ଦ ଯୋଗ ଦେଇଥିଲେ। ଡଙ୍ଗରପଡ଼ାରେ ନିର୍ମାଣ ହେବାକୁ ଥିବା କାନ୍ଦୁଲବୁଢା ମଣ୍ଡପ ଓ ଗିରିଗୋବର୍ଦ୍ଧନ ପୀଠରେ ମଣ୍ଡପ ଲାଗି ଶିଳାନ୍ୟାସ ହୋଇଛି। ପରେ ବନ୍ଧପଡ଼ାର ବରିଷ୍ଠ ବିଜେଡି କର୍ମୀ ତନ ସିଂନିନାଙ୍କ ଦେହାନ୍ତ ଖବର ପାଇ ଶ୍ରୀ ସିଂଦେଓ ସେଠାକୁ ଯାଇ ପରିବାର ଲୋକଙ୍କୁ ସାକ୍ଷାତ କରି ଆଶ୍ୱାସନା ଦେଇଥିଲେ। ଅପରାହ୍ନରେ ଡଙ୍ଗରପଡ଼ା କାନ୍ଦୁଲବୁଢା, ପୁଲସଖଣ୍ଡି ବୁଢା ଡଙ୍ଗର, କରୁଆଁଝରେ ଓ ଦେଓଗାଁ ଗଜଲକ୍ଷ୍ମୀ ପୂଜାରେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ବନ୍ଧପଡ଼ା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ବରିଷ୍ଠ ବିଜେଡି ନେତା ଅଚ୍ୟୁତ ମିଶ୍ର, ବିଜେଡି ଛାତ୍ର ସଭାପତି ଦୀପକ ବେହେରା, କାର୍ତ୍ତିକ ପଧାନ, ପିତବାସ ମହାକୁରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



## ୧୪୦ ତୀର୍ଥଯାତ୍ରୀଙ୍କ ଅଯୋଧା-ବାରାଣାସୀ ଯାତ୍ରା

ବଲାଙ୍ଗିର, ୭ ।୧୦(ସମିସ)




ରାଜ୍ୟ ସରକାରଙ୍କ ଆଧାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଯୋଧା-ବାରାଣସୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ୧୪୦ ଜଣ ତୀର୍ଥଯାତ୍ରୀ ଅଯୋଧା, ବାରାଣାସୀକୁ ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରଶ୍ମୀରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଡା. ବିଜୟନନ୍ଦ ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବରିଷ୍ଠ ନାଗରିକ ତଥା ତୀର୍ଥଯାତ୍ରୀଙ୍କୁ ଫୁଲମାଳ ପିନ୍ଧାଇ ଶୁଭକାମନା ଜଣାଇବା ସହ ସବୁଜ ପତାକା ଦେଖାଇ ବସ୍ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଯାତ୍ରା ପୂର୍ବରୁ ସମସ୍ତ ତୀର୍ଥ ଯାତ୍ରୀଙ୍କ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ବସ୍‌ଗୁଡିକ ସମ୍ବଲପୁର ରେଳ ଷ୍ଟେସନ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ତୀର୍ଥଯାତ୍ରୀମାନେ ସମ୍ବଲପୁରରେ ରାତ୍ରି ଯାପନ କରିବେ ବୁଧବାର ସ୍ୱତନ୍ତ୍ର ଟ୍ରେନ୍‌ରେ ଅଯୋଧା ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଏହି ତୀର୍ଥଯାତ୍ରାରେ ଏସ୍କର୍ଟ ଅଫିସର ଭାବେ ନୀଳାଚଳ ଦୀପ, ସୁବଳ ଖାର୍ସେଲ, ଚିତ୍ତରଞ୍ଜନ ସାହୁ, ଏବଂ ତରୁଣକାନ୍ତି ପଧାନ ତୀର୍ଥ ଯାତ୍ରା କାର୍ଯ୍ୟ ସମ୍ପାଦନ ନିମନ୍ତେ ନିଯୁକ୍ତ ଦିଆଯାଇଛି। ସନ୍ଦୀପ କୁଅଁର ସଂଯୋଜନା କରିଥିଲେ।

## ଅପରେସନକୁ ଡରି ନାବାଳକ ଫେରାର



ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ଖଣ୍ଡପଡ଼ା ଗ୍ରାମର ଲକ୍ଷ୍ମଣ ଦାସ ନାମକ ଜଣେ ୧୭ ବର୍ଷର ନାବାଳକ ଅପରେସନକୁ ଡରି କୁଆଡେ ପଳାଇଛି । ୩ ଦିନ ହେଲା ସେ ନିଖୋଜ ହୋଇଯାଇଛି । ଏ ନେଇ ନାବାଳକର ବାପା ଧର୍ମେଞ୍ଜୟ ଦାସ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି । ସେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଲକ୍ଷ୍ମଣଙ୍କ ଅପରେସନ୍ ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି । ଏଥିରେ ଭୟଭୀତ ହୋଇ ଗତ ଶନିବାର ସକାଳୁ ସେ ସାଇକେଲ ଧରି କୁଆଡେ ଯାଇଛି ଯେ ଆଉ ଘରକୁ ଫେରିନି ।

## ମହୁଲ ପୋଚ ସହ ମଦ ଜବତ

ଶଗଡ଼ା, ୭ ।୧୦(ସମିସ): ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ସହ ଦେଶୀ ମଦ ଜବତ କରିଛି । ମନମୁଣ୍ଡା ଥାନା ବାଗଡ଼ିଆ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଭାବରେ ଦେଶୀ ମଦ ପ୍ରସ୍ତୁତି ହେଉଥିବା ଖବର ପାଇ ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଟିମ୍ ଚଢ଼ାଉ କରି ୩ଶହ ୫୦ କେଜି ମହୁଲ ପୋଚ ସହ ୩୦ ଲିଟର ଦେଶୀ ମଦ ଜବତ କରିଥିଲେ । ଏ ସଂକ୍ରାନ୍ତରେ ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ।

## କର୍ତ୍ତବ୍ୟରେ ଅବହେଳା ପାଇଁ ଶିକ୍ଷକ ନିଲମ୍ବିତ



ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଅଧୀନରେ ଥିବା ମୁରଶୁଣ୍ଡି କ୍ଲଷ୍ଟର ଗିରସିଙ୍ଗା ଉଚ୍ଚ ପ୍ରଥମିକ ବିଦ୍ୟାଳୟର ଶିକ୍ଷକ ସୁଶୀଲ ଭୋଇ କାର୍ଯ୍ୟରେ ଅବହେଳା ଓ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ଯୋଗୁଁ ନିଲମ୍ବିତ ହୋଇଛନ୍ତି । ବୌଦ୍ଧ ବିଇଓ ଉପେନ୍ଦ୍ର ପ୍ରଧାନଙ୍କ କହିବା ଅନୁଯାୟୀ ଶିକ୍ଷକ ଶ୍ରୀ ଭୋଇଙ୍କ ନାମରେ ଅନେକ ଅଭିଯୋଗ ରହିଛି । କର୍ତ୍ତବ୍ୟରେ ଅବହେଳା, ଲେସନ ଡାଇରୀରେ ମନମାନି, ମନଇଚ୍ଛା ବିଦ୍ୟାଳୟକୁ ଆସିବା, ୩ ବର୍ଷ ଧରି ଆଦୌ ପାଠ ନ ପଢ଼ାଇବା, ବିଦ୍ୟାଳୟର କାଗଜପତ୍ରରେ ଅବ୍ୟବସ୍ଥା ଓ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଇତ୍ୟାଦି ଅନେକ କାରଣରୁ ତାଙ୍କୁ ନିଲମ୍ବିତ କରାଯାଇଛି ।

## ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

ବୌଦ୍ଧ, ୭ ।୧୦(ସମିସ): ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ଥାନା ମଧୁପୁର ଛକ ନିକଟରେ ମଙ୍ଗଳବାର ଦୁର୍ଘଟଣା ଘଟିଛି । ସକାଳୁ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି । ଏହି ବୃଦ୍ଧ ଜଣକ ହେଲେ ନାରାୟଣ ନଗର ଗ୍ରାମର ଭଗବାନ ମେହେର । ବୌଦ୍ଧ ବ୍ଲକ ଆମ୍ବଝରୀ ପଞ୍ଚାୟତ ଖଜୁରୀପଡ଼ା ଗ୍ରାମର ନିପୁଣ କୁମ୍ଭାର ଓ ବେଦବ୍ୟାସ ବେହେରା ଏକ ବାଇକ ଯୋଗେ ଜହ୍ନାପଙ୍କ ପଟରୁ ବୌଦ୍ଧ ଆଡକୁ ଆସୁଥଲେ । ମଧୁପୁର ଛକ ନିକଟରେ ରାସ୍ତା ପାର ହେଉଥିବା ଭଗବାନଙ୍କୁ ଧକ୍କା ଦେଇଥିଲେ । ଏହା ଫଳରେ ଭଗବାନ ଗୁରୁତର ଆହତ ହୋଇଥିଲେ । ସେହିଭଳି ଉଭୟ ବାଇକ୍ଆରୋହୀ ମଧ ବାଇକରୁ ଛିଟିକି ପଡ଼ି ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ବୌଦ୍ଧ ଡାକ୍ତରଖାନାକୁ ପଠାଇଥିଲେ । ଜହ୍ନାପଙ୍କ ଫାଣ୍ଡି ପୁଲିସ ଘଟଣା ପହଞ୍ଚି ଦୁର୍ଘଟଣା ଘଟାଇଥିବା ବାଇକ୍କୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ଅମୀୟ ଦାସ ବିଜେଡି ସୋସିଆଲ ମିଡ଼ିଆ ସଂଯୋଜକ



ଶଗଡ଼ା, ୭ ।୧୦(ସମିସ): ବିଜୁ ଜନତା ଦଳର ୫ଟି ଜୋନ ଓ ୩୧ଟି ଜିଲ୍ଲା ପାଇଁ ସାଂଗଠନିକ ସୋସିଆଲ ମିଡିଆ ସଂଯୋଜକ ତାଲିକା ପ୍ରକାଶ ପାଇଛି । ବିଜେଡି ଯୁବନେତା ଅମୀୟ ରଞ୍ଜନ ଦାସଙ୍କୁ ବୌଦ୍ଧ ଜିଲ୍ଲା ସମେତ ସେଣ୍ଟ୍ରାଲ ଜୋନର ସୋସିଆଲ ମିଡ଼ିଆ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି । ଅମୀୟଙ୍କୁ ସୋସିଆଲ ମିଡିଆ ସଂଯୋଜକ ଭାବେ ୬ ଜିଲ୍ଲା ବୌଦ୍ଧ, ସୋନପୁର, କନ୍ଧମାଳ, ଢେଙ୍କାନାଳ, ଅନୁଗୋଳ, ବଲାଙ୍ଗିର ଜିଲ୍ଲାର ଦାୟିତ୍ୱ ମିଳିଛି । ଏଥିପାଇଁ ସେ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି । ଏଥିସହ କମିଟିର ଆବାହକ ଡ. ଅମର ପଟ୍ଟନାୟକଙ୍କ ସହ ସହ ଆବାହକ ତଥା ରାଜ୍ୟ ସମ୍ପାଦକ (ଯୁବ ବ୍ୟାପାର) ଅମରେଶ ପତ୍ରୀ, ଟିମ୍ ସଂଯୋଜକ ଜ୍ୟୋତିରଞ୍ଜନ ଜେନା ଏବଂ ସମସ୍ତ ଜିଲ୍ଲାର ବିଧାୟକ, ଜିଲ୍ଲା ସଭାପତି ସମେତ ସମସ୍ତ ବରିଷ୍ଠ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ଶଗଡ଼ା, ୭ ।୧୦(ସମିସ) : ବୌଦ୍ଧ ଜିଲ୍ଲା ମନମୁଣ୍ଡାର ସାମ୍ବାଦିକ ଅକୁର ବେହେରାଙ୍କ ପିତା ଅନନ୍ତ ଚରଣ ବେହେରାଙ୍କ (୭୫) ବର୍ଷ ବୟସରେ ପରଲୋକ ଘଟିଛି । ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ । ମନମୁଣ୍ଡା ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ ପୁଅ ଅକୁର ମୁଖାଗ୍ନି ଦେଇଥିଲେ ।

### ସାନ୍ଦୁଲ ନଦୀର ଅସ୍ଥାୟୀ ପୋଲ ଭାଙ୍ଗି ୪୨୦ ପରିବାର ଜଳବନ୍ଦୀ ଘଟଣା

# ଖବର ପ୍ରକାଶ ପରେ ସ୍ଥିତି ଅନୁଧ୍ୟାନ

ଲାଞ୍ଜିଗଡ଼, ୭ ।୧୦(ସମିସ)



ଲଗାଣ ବର୍ଷା ଯୋଗୁଁ ଗତ ୩ ତାରିଖରେ ସାନ୍ଦୁଲ ନଦୀର ଅସ୍ଥାୟୀ ପୋଲ ଭାଙ୍ଗି ଯିବାରୁ ୩ଟି ପଞ୍ଚାୟତର ୮ଟି ଗାଁର ୪୨୦ ପରିବାର ଜଳବନ୍ଦି ଅବସ୍ଥାରେ ରହିଥିଲେ । ଏହିଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ କିମ୍ବା କୌଣସି ରାଜନେତା ଏହି ଗାଁରେ ପହଞ୍ଚି ନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ଖବର ଗତ ୪ ତାରିଖରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ଲାଞ୍ଜିଗଡ଼ ବିଡିଓ ଅଞ୍ଚଳକୁ ଗସ୍ତ କରିଛନ୍ତି । ସୂଚନା ଅନୁସାରେ ଦୀର୍ଘ ବର୍ଷର ଅଭିଯୋଗ ପରେ ସାନ୍ଦୁଲ ନଦୀ ବ୍ରିଜ ନିର୍ମାଣ ୨୦୨୩ ମସିହାରେ ହିଁ କାମ ଆରମ୍ଭ ହୋଇଥିଲା । କିନ୍ତୁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ । ଲୋକଙ୍କ ଯିବା ଆସିବା ପାଇଁ ପୁରୁଣା ରାସ୍ତାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା । ହେଲେ ଗତ ୨ରାତିରେ ଲଘୁଚାପ ଜନିତ ୧୧୦.୪ ମିଲିମିଟର ଲଗାଣ ବର୍ଷା ହେବା ଯୋଗୁଁ ନଦୀର ବନ୍ୟା ପାଣି ଅସ୍ଥାୟୀ ପୋଲକୁ ଭାଙ୍ଗି ଦେଇଥିଲା । ଫଳରେ ବିଜେପୁର ପଞ୍ଚାୟତର ଖଜୁରୀଗୁଡା ଗାଁ ରହିଥିବା ବେଳେ ମାଳିଯୁବାଙ୍ଗ ପଞ୍ଚାୟତର ସେକୋଝୁଲା, ପାନପଦର, ଦୁର୍ଲାବୁଣ୍ଡେଲ, ସାକେସ କୁଣ୍ଡରୁ ଓ ପାହାଡ଼ପଦର ପଞ୍ଚାୟତର ଜିରା, ପୁଞ୍ଜାମ ଓ ତଇଁ ପଦର ଗାଁର ୪୨୦ ପରିବାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିଲେ । ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁର ଓ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଯିବା ପାଇଁ ଲେ ଅସୁବିଧା ଭୋଗୁଥିବା ବେଳେ ଭାଙ୍ଗି ଯାଇଥିବା ଅସ୍ଥାୟୀ ପୋଲ ଉପରେ ଲୁହା ଛଡ ପକାଇ ବିପଦ ସଂକୁଳ ଭାବେ ବହୁ ଅସୁବିଧାରେ ଲୋକେ ଯାତାୟାତ କରୁଥିଲେ । ଜିଲ୍ଲାପାଳ ତୁରନ୍ତ ଏହି ଗାଁ ପ୍ରତି ଦୃଷ୍ଟି ଦେବାକୁ ସେମାନେ ନିବେଦନ କରିଥିଲେ । ଏହି ଖବର ଗତ ୪ ତାରିଖରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଦକ୍ଷ ସଞ୍ଜୀବ କୁମାର ନାୟକ ସମବାର ଅପରାହ୍ନରେ ଅସ୍ଥାୟୀ ପୋଲ ଦେଇ ଯାଉଥିବା ବିଭିନ୍ନ ଗାଁକୁ ଗସ୍ତ କରି ଲୋକଙ୍କ ସହିତ ଆଲୋଚନା କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଏହି ବ୍ରିଜ କାମ ନିମ୍ନ ମାନର ଓ ମନ୍ଥର ଗତିରେ ଚାଲିଥିବା ବେଳେ ଲୋକେ ଏହାକୁ ନେଇ ବିଡ଼ିଓ ଶ୍ରୀ ପାତ୍ରଙ୍କ ସହିତ ଆଲୋଚନା କରିଥିଲେ । ଏନେଇ ବିଡିଓ ଶ୍ରୀ ପାତ୍ରଙ୍କୁ ପଚାରିବାରୁ ହଁ ମୁଁ ସେ ଅଞ୍ଚଳ ଗସ୍ତ କରି ଲୋକଙ୍କ ସହିତ ଆଲୋଚନା କରିଛି । ଏହାକୁ ନେଇ ଜିଲ୍ଲାପାଳଙ୍କୁ ଜଣାଇଛି ବୋଲି ପ୍ରକାଶ କରିଥିଲେ ।

### ● ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନରେ ବ୍ରୋଞ୍ଜ ପଦକ

## ନୂଆପଡ଼ା ଜିଲ୍ଲାର ଗର୍ବ ବିଶ୍ୱାସ ରଞ୍ଜନ ପଣ୍ଡା



ନୂଆପଡ଼ା, ୭ ।୧୦(ସମିସ): ନୂଆପଡ଼ା ଜିଲ୍ଲାର ବିଶ୍ୱାସ ରଞ୍ଜନ ପଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନରେ ତାମ୍ର (ବ୍ରୋଞ୍ଜ) ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଲର୍କି ଗ୍ରାମର ନିଶାକାନ୍ତ ପଣ୍ଡା ଏବଂ ସସ୍ମିତା ପଣ୍ଡାଙ୍କ ସୁପୁତ୍ର ବିଶ୍ୱାସ ରଞ୍ଜନ ପଣ୍ଡା (୨୦)ବିଦେଶ ନାଇଜେରିଆ ଗସ୍ତକରି ଅନ୍ତର୍ଜାତୀୟସ୍ତରରେ ପ୍ରଥମ ଅବିଆ ପାରା ବ୍ୟାଡମିଣ୍ଟନ ୨୦୨୫ ପ୍ରତିଯୋଗିତାରେରେ ଭାଗନେଇ ଗତ ୦୫ ତାରିଖ ଦିନ ତାମ୍ର ପଦକ (ବ୍ରୋଞ୍ଜ ପଦକ) ହାସଲ କରିବାର ଖ୍ୟାତିଅର୍ଜନ କରିଛନ୍ତି । ସୂଚନା ଅନୁସାରେ ସେ ଗତ ୮ ରିଖ ଦିନ ଘରକୁ ଫେରିବେ । ବିଶ୍ୱାସ ରଞ୍ଜନ ପଣ୍ଡା ବି.କମ୍. ଡିଗ୍ରୀ ହାସଲ କରି ସାରିଲା ପରେ ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ଉଡାନ ଏକାଡେମୀରେ କୋଚିଂ ନେଉଛନ୍ତି । ଗତବର୍ଷ ସେ ରାଜ୍ୟସ୍ତରରେ ବ୍ୟାଡମିଣ୍ଟନ ଡବଲ ପ୍ରତିଯୋଗିତାରେ ବ୍ରୋଞ୍ଜ ଏବଂ ସିଙ୍ଗଲ ପ୍ରତିଯୋଗିତାରେ ସିଲଭର ମେଡାଲ ହାସଲକରି, ନୂଆପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ବର୍ତ୍ତମାନ ନାଇଜେରିଆକୁ ଯାଇ ଶ୍ରୀ ପଣ୍ଡା ଅନ୍ତର୍ଜାତୀୟ ମେଡାଲ ହାସଲ କରିଥିବା ଖବର ଶୁଣି ନୂଆପଡ଼ା ଜିଲ୍ଲା ତଥା କୋମନା ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ଏତେ କମ ସମୟ ମଧ୍ୟରେ ଗୌରବମୟ କାର୍ଯ୍ୟ ପାଇଁ ବିଶ୍ୱସଙ୍କୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିବା ସହିତ ଜିଲ୍ଲାବାସୀ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛନ୍ତି ।

## ଜିଲ୍ଲା ଡୁମାଳ ପରିଷଦର ବାର୍ଷିକ ବୈଠକ

ବୀରମହାରାଜପୁର, ୭ ।୧୦(ସମିସ): ମା'ମାହେଶ୍ୱରୀ ମେଳଣ ପଡ଼ିଆ କାନପୁର ଠାରେ ଜିଲ୍ଲା ଡୁମାଲ୍ ପରିଷଦ ଜିଲ୍ଲା ସଭାପତି ଅଶ୍ୱିନୀ ମହାକୁରଙ୍କ ପୌରୋହିତ୍ୟରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଯାଇଛି । ୩୨, ୪୨୮ ଡୁମାଲ୍ ପରିବାର ସର୍ଭେ ସମ୍ପନ୍ନ କରି ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି, ସମାଜ ସଂସ୍କାର ପାଇଁ ନୀତିଗତ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଆଲୋଚନାରେ ମାହେଶ୍ୱରୀ ସେବକ, ହାଣ୍ଡିବର୍ଗି, କେନ୍ଦ୍ର କମିଟି କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରି ମତାମତ ପ୍ରଦାନ କରିଥିଲେ । ଅତିଥି ଭାବରେ ରାଜ୍ୟ ଡୁମାଲ୍ ପରିଷଦ ଉପ ସଭାପତି ଲୋକନାଥ ମାହାର, ରାଜ୍ୟ ପରିଷଦ କର୍ଯ୍ୟକାରିଣୀ ସଦସ୍ୟ ଭୂଷଣ କୁମାର ପାତ୍ର, ଜିଲ୍ଲା ଆଇନ ସେଲ ଅଧ୍ୟକ୍ଷ ସ୍ୱୟଂଭୂ ନାଥ ଖଣ୍ଡଗିରି ଉଦବୋଧନ ଦେଇ ଜାତି ସମାଜର ସିଦ୍ଧାନ୍ତ ସର୍ବାଗ୍ରେ ତେଣୁ ସମସ୍ତେ ଅନୁପାଳନ କରିବା ବାଞ୍ଛନୀୟ ବୋଲି ମତପ୍ରକାଶ କରିଥିଲେ । ଜିଲ୍ଲା ସମ୍ପାଦକ କିଶୋର କର୍ମୀ ବାର୍ଷିକ ବିବରଣୀ ଓ ଆୟବ୍ୟୟ ଉପସ୍ଥାପନ କରିଥିଲେ । ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ମହାକୁର ସଭା ପରିଚାଳନା କରିଥିଲେ । କେନ୍ଦ୍ର କାର୍ଯ୍ୟକାରୀ ସଦସ୍ୟ ଦାମୋଦର ମହାକୁର, ନୃସିଂହ ପଧାନ, ବଶିଷ୍ଠ ପର୍ଡ଼ିଆ, ଶ୍ରୀକାନ୍ତ କର୍ମୀ, ରବି ବଘାର, କୃଷ୍ଣ ଚନ୍ଦ୍ର କମ୍ପ, ଅଶ୍ୱିନୀ ପାତ୍ର, ପବିତ୍ର ପଧାନ, ରଘୁନାଥ ମହାକୁର, ଜଗନ୍ନାଥ ପାତ୍ର, ପୁରନ୍ଦର ଦନ୍ତା, ଲାଲ୍ ବାହାଦୁର ପଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ସହସମ୍ପାଦକ ମନୋରଞ୍ଜନ ପଧାନ ଧନ୍ୟବାଦ୍ ପ୍ରଦାନ୍ କରି ଥିଲେ । ପଡୋଶୀ ବୌଦ୍, ବରଗଡ଼, ବଲାଙ୍ଗୀର ଜିଲ୍ଲାର ଡୁମାଲ୍ ସମାଜ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## କୁଲୁତା ସମାଜର ନୂତନ କର୍ମକର୍ତ୍ତା



ଡୁଙ୍ଗୁରିପାଲି, ୭ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ କୁଲତା ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ବିଭୁଦତ୍ତ ବିଶ୍ୱାଲ, କୃଷ୍ଣଚନ୍ଦ୍ର ସାହୁ, ଆନନ୍ଦ ସାହୁ, ସଚିଦାନନ୍ଦ ସାହ, ମହାଦେବ ଭୋଇ, ଭୀମସେନ ପଧାନ, ଗୋଲଭାନୁ ସାମଲ, ପୂର୍ଣ୍ଣାନନ୍ଦ ସାହୁ, ସଦାନନ୍ଦ ପଧାନ, ମନୋରଞ୍ଜନ ଭୋଇ ଚୌବର୍ଗ ଭୋଇ, ଲକ୍ଷ୍ମୀଧର ନାଏକ, ଜଳନ୍ଧର ସାହୁ, ତକ୍ଷକ ସାହୁ, ଲିଙ୍ଗରାଜ ପଧାନ, ନନ୍ଦଲାଲ ନାଏକ, ଲଳିତ ଭୋଇ, ମକରଧ୍ୱଜ ବିଶ୍ୱାଳ, ମାଗି ବିଶ୍ୱାଳ, ସୁଭାଷ ପାତ୍ର, ବଙ୍ଗାଳି ବିଶ୍ୱାଳ, ହୀରାଲାଲ ସାହୁଙ୍କୁ ନେଇ ନୂଆ କମିଟି ହୋଇଛି । ଜିଲ୍ଲା ସଭାପତି ମୁରଲୀଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡୁଙ୍ଗୁରିପାଲି କୁଲତା ସମାଜ ଗ୍ରାମ୍ୟ କମିଟି ସଭାପତି ଦାଶରଥି ବିଶ୍ୱାଳ, ସମ୍ପାଦକ ମନୋରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଅଶ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଚାଷୀଙ୍କୁ ସଚେତନ ପାଇଁ ବୁଲିଲା ମାଣ୍ଡିଆ ରଥ

ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୌଦ୍ଧ ବ୍ଲକର ଚାଷୀଙ୍କୁ ସଚେତନ କରିବାପାଇଁ ଶ୍ରୀ ଅନ୍ନ ଅଭିଯାନ (ମାଣ୍ଡିଆ ରଥ)କୁ ଶୁଭାରମ୍ଭ କରାଯାଇଛି । ଏଥିରେ ବ୍ଲକ କୃଷି ଅଧିକାରୀ ରାଜେଶ ଚୌଧୁରୀ ଏବଂ ମିଲେଟ ସ୍କିମ ଅଧିକାରୀ ମଧୁସୂଦନ ପାତ୍ର ଯୋଗ ଦେଇଥିଲେ । ଅଧିକାରୀଗଣ ସବୁଜପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଶ୍ରୀ ଅନ୍ନ ଅଭିଯାନ ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କର୍ଜି, ଅନ୍ୟ କୃଷି ବିଭାଗର କର୍ମୀ, ବ୍ଲକ ସଂଯୋଜକ ସୁମନ ପରିଡ଼ା ଓ ସିଆରପି ତୁଷାରକାନ୍ତ ମଲିକ୍, ସୁଜ୍ଞାନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଏହି ରଥ ବୌଦ୍ଧ ବ୍ଲକର ସମସ୍ତ ପଞ୍ଚାୟତରେ ବୁଲି ଚାଷୀଙ୍କୁ ସଚେତନ କରିଛି । ବିଶ୍ୱ ଯୁବ କେନ୍ଦ୍ର ଓ ଜିଲ୍ଲା କୃଷି ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

# ଭଞ୍ଜ ସାଂସ୍କୃତିକ ନ୍ୟାସ, ଆର୍‌ଏସ୍‌ପି ପକ୍ଷରୁ କୁମାର ଉତ୍ସବ



ରାଉରକେଲା, ୭।୧୦(ସମିସ): ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ ଗତକାଲି ସିଭିକ୍ ସେଣ୍ଟରଠାରେ କୁମାର ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ୍ ବି କେ ଜୋଜୋ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ଡକ୍ଟର ପ୍ରତିଜ୍ଞା ପଲାଇ ଏବଂ ରୀତା ରାଣୀଙ୍କ ସମେତ ୟୁନିଅନ ଓ ଅଧିକାରୀ ସଂଘର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ସାଂସ୍କୃତିକ ସଂଗଠନର ସଦସ୍ୟବୃନ୍ଦ, ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଏବଂ ସଂସ୍କୃତି ପ୍ରେମୀ ରାଉରକେଲାବାସୀ ଉପସ୍ଥିତ ଥିଲେ ।

ଉତ୍ସବର ମୁଖ୍ୟ ଅତିଥି ଶ୍ରୀ ପଲାଇ ଏବଂ ଅନ୍ୟ ଅତିଥି ତୁଳସୀ ଚଉରାରେ ଚନ୍ଦ୍ରଙ୍କ ପାରମ୍ପରିକ ଓଡ଼ିଆ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ ଏବଂ ଓଡ଼ିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ ।

ସେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ମାର୍ଗଦର୍ଶନରେ ଭଞ୍ଜ ଭବନ ପରିସରକୁ ଏକ ଭବ୍ୟ ସାଂସ୍କୃତିକ ପ୍ରାଣ କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ପ୍ରସ୍ତୁତ ହେଉଥିବା ରୂପରେଖ ବିଷୟରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଶ୍ରୀ ପଲାଇ ଅଭିନେତା, ନିର୍ଦ୍ଦେଶକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ ଏବଂ କଣ୍ଠଶିଳ୍ପୀ ପ୍ରଫେସର ଡକ୍ଟର ସଙ୍ଗୀତା ଗୋସାଇଁଙ୍କୁ କୁମାର ଉତ୍ସବ-୨୦୨୫ ସମ୍ମାନରେ ସମ୍ମାନିତ କରିଥିଲେ । ଇସ୍ପାତ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା 'କୁଆଁର ପୁନେଇ ଜହ୍ନ ଗୋ' ଲୋକ ନୃତ୍ୟର ମନୋରମ ଉପସ୍ଥାପନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

କାର୍ଯ୍ୟକ୍ରମରେ ଓଲିଉଡ୍ ଗାୟକ ବିଷ୍ଣୁ ମୋହନ କବି, ଇସ୍ପାତ ସହରର ଲୋକପ୍ରିୟ ଗାୟିକା ବାସବଦତ୍ତା, ବିନୟ ମହାନ୍ତି ଏବଂ ମହମ୍ମଦ କାସିମ ସଙ୍ଗୀତ ପରିବେଷଣ କରିଥିଲେ । ମାନବସମ୍ବଳ ବିଭାଗର ସିଜିଏମ୍ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ମାନସ ରଞ୍ଜନ ରଥ ତାଙ୍କର ସ୍ୱାଗତ ଅଭିଭାଷଣରେ ଭଞ୍ଜ ସାଂସ୍କୃତିକ ନ୍ୟାସ ଦ୍ୱାରା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ସଂରକ୍ଷଣ ତଥା ପ୍ରଚାର ପ୍ରସାର ପାଇଁ ପ୍ରତିବଦ୍ଧତାକୁ ଦୋହରାଇ ଥିଲେ । ସିସିଡବ୍ଲ୍ୟୁ ବିଭାଗର ସିଜିଏମ ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସ ସମ୍ପାଦକ ଆଲୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏସଏସଏମ ବିଭାଗର ଜୁନିୟର ଇଞ୍ଜିନିୟର ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଚୁଡ଼ାଖାଇ ଡଙ୍ଗର ଯାତ୍ରାରେ ଅଘଟଣ

ତରଭା, ୭ ।୧୦(ସମିସ)

ତରଭା ଅଞ୍ଚଳର ପ୍ରସିଦ୍ଧ ଚୁଡାଖାଇ ଡଙ୍ଗର ମହୋତ୍ସବରେ ସୋମବାର ଅଘଟଣ ଘଟିଛି । ମଣିଷ ରକ୍ତରେ ପାହାଡ ଓ ଆଖପାଖ ରାସ୍ତା ରଞ୍ଜିତ ହୋଇଛି । ପାହାଡ଼ ଉପରୁ ଖସି ଜଣେ ଆହତ ହୋଇଥିବା ବେଳେ ବାଇକ ଦୁର୍ଘଟଣାରେ ୭ ଜଣ ଆହତ ହୋଇ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ସୋମବାର ଥିଲା ଚୁଡାଖାଇ ଡଙ୍ଗର ଓ ମହୋତ୍ସବର ମୁଖ୍ୟଯାତ୍ରା । ସେଦିନର ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ସିନେତାରକା ତଥା କୋରେଇ ବିଧାୟକ ଆକାଶ ଦାଶ ନାଏକ, ସିନେତାରକା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗ ଦେବାର ଥିଲା । ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ ଓ କଂସ ଦରବାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର ଥିଲା । ଅପରାହ୍ନ ୨.୩୦ରୁ ପାହାଡ ପାଦ ଦେଶରେ ଲୋକଙ୍କ ଭିଡ଼ ଜମିବା ଆରମ୍ଭ ହୋଇଯାଇଥିଲା । ସନ୍ଧ୍ୟା ୮ସୁଦ୍ଧା ଲକ୍ଷାଧିକ ଲୋକଙ୍କ ଭିଡ଼ ଜମି ସାରିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ସୋନପୁର ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୯୫ ଜଣ ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ । ସେତେବେଳେ ମହୋତ୍ସବ ମଞ୍ଚରେ କଂସ ଦରବାର ଚାଲିଥିବା ବେଳେ ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ ପାହାଡ଼ ଚଢୁଥିଲେ । ପାହାଡ ତଳେ ଅତିଥିମାନଙ୍କ ଆଗମନକୁ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରୁଥିଲେ । ଝିପିଝିପି ବର୍ଷା ହେଉଥିଲେ ହେଁ ଲୋକେ ଯାତ୍ରାର ମଜା ଉଠାଉଥିଲେ । ହଠାତ ଘଡଘଡି ସହ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଥିଲା । ଲୋକେ

### ପାହାଡ଼ରୁ ଖସି ଜଣେ ଓ ଦୁର୍ଘଟଣାରେ ୭ ଆହତ

ବର୍ଷାରୁ ରକ୍ଷା ପାଇବା ପାଇଁ ଯିଏ ଯୁଆଡେ ପାରିଲା ମୁଣ୍ଡ ଗୁଞ୍ଜିବାକୁ ଦୌଡିବା ଆରମ୍ଭ କରିଦେଲେ । ପାହାଡ ଚଢୁଥିବା ବେଳେ ଖସିପଡ଼ି ଜରାଜାରିଙ୍ଗ ଗ୍ରାମର ପପୁ ମହାକୁଡ଼ ଗୁରୁତର ଆହତ ହୋଇଥିବା ବେଳେ ଦ୍ରୁତ ଗତିରେ ବାଇକ୍ ଚଳାଉଥିବା ମଲମଣ୍ଡା ଗ୍ରାମର ଆହ୍ଲାଦ ମହାନନ୍ଦ, ସରଗଜର ଚତୁର୍ଭୁଜ ଭୋଇ, ତାଳପଦର ଗ୍ରାମର ପ୍ରଦୀପ ନାଏକ ଓ ତାଙ୍କର ପତ୍ନୀ ଶ୍ରଦ୍ଧାଞ୍ଜଳି ନାଏକ, ନାରାୟଣପୁରର ପ୍ରଦୀପ କର୍ମୀ, ଲିପୁନ ପ୍ରଧାନ ଓ ପ୍ରଦୀପ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି । ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହେଶ୍ୱରୀ ସଂଗଠନର ସଭାପତି ପ୍ରଦୀପ ମେହେର ସଭ୍ୟ ବିଜ୍ଞାନ ମିଶ୍ର, ସୁନିଲ ମେହେର, ଦୀପକ ତାଣ୍ଡି, ଦିନେଶ କର୍ମୀ, ଦୀନବାନ୍ଧବ ବାଘ, ପୁଲିସ ଏସ୍‌ଡିପିଓ ପ୍ରତାପଚନ୍ଦ୍ର ତ୍ରିପାଠୀ ଆହତଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ବଲାଙ୍ଗିର ଡାକ୍ତର ଖାନାକୁ ପଠାଇଥିଲେ । ଯାତ୍ରାସ୍ଥଳରେ ଅନେକ ବାଇକ୍ ଓ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି ।

ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ବ୍ଲକର ସମସ୍ତ ସରପଞ୍ଚ ମଞ୍ଚାସୀନ ହେବା ସମ୍ବନ୍ଧେ ନିମନ୍ତ୍ରଣପତ୍ରରେ ଉଲ୍ଲେଖ ରହିଥିଲେହେଁ ସେମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାନଯିବାରୁ ସରପଞ୍ଚ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଚଳିତ ବର୍ଷ ଚୁଡାଖାଇ ଡଙ୍ଗର ମହୋତ୍ସବର ବିଭିନ୍ନ ସନ୍ଧ୍ୟାରେ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ, ଅଭିନେତ୍ରୀ ଅନୁ ଚୌଧୁରୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଉପମୁଖ୍ୟମନ୍ତ୍ରୀ କେବି ସିଂହଦେଓ, ସାଂସଦ ଶ୍ରୀମତୀ ସିଂହଦେଓ, ବିଧାୟକ ଆକାଶ ଦାସ ନାଏକ, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେବାର ଥିଲା ହେଲେ ବର୍ଷା ଯୋଗୁଁ କେହି ଆସି ପାରିନଥିବା ଜଣାଯାଇଛି । ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ସୋମବାର ପୂର୍ବାହ୍ନରେ ପାହାଡ଼ ପାଦଦେଶରେ ଥିବା କୁଟଶିରା ଓ ତୁଲୁଣ୍ଡା ଗ୍ରାମକୁ ଯାଇ ଦେବାଦେବୀଙ୍କୁ ଦର୍ଶନ କରି ଆସିଥିଲେ ।

## ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ଆର୍‌ଏସ୍‌ପିକୁ ଏକାଧିକ ପୁରସ୍କାର

ରାଉରକେଲା, ୭।୧୦(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ ପବ୍ଲିକ ରିଲେସନ କାଉନ୍ସିଲ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ୧୯ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ବହୁ ପୁରସ୍କାର ଲାଭ କରିଛି । ଯୋଗାଯୋଗ, ଲୋକସମ୍ପର୍କ ଓ ସିଏସ୍‌ଆର୍ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶିତ କରି ଉକ୍ତ ସମ୍ମିଳନୀରେ ୫ଟି ପୁରସ୍କାର ଜିଣିଛି ।




ଗୋଆ ବିଧାନସଭାର ବାଚସ୍ପତି ଗଣେଶ ଗାଓଁକର ଏହି ପୁରସ୍କାର ପ୍ରଦାନ କରିଥିଲେ । ଆର୍‌ଏସ୍‌ପି ସିଏସ୍‌ଆର୍ ବିଭାଗର ଡିଜିଏମ୍ ଟିବି ଟପ୍ପୋ, ଲୋକ ସମ୍ପର୍କ ବିଭାଗର ଉପ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ଏବଂ ସହାୟକ ପ୍ରବନ୍ଧକ ଜୟଦେବ ମଜୁମଦାର ଏହି ସମ୍ମିଳନୀରେ ଆର୍‌ଏସ୍‌ପିର ପ୍ରତିନିଧିତ୍ୱ କରି ପୁରସ୍କାର ଗ୍ରହଣ କରିଥିଲେ । ଆର୍‌ଏସ୍‌ପି 'କର୍ପୋରେଟ ବ୍ରୋଚର', 'ମ୍ୟୁଜିକ ଭିଡିଓ', ବେଷ୍ଟ ପିଆର କ୍ୟାମ୍ପେନ ଓ ସ୍ଥାୟିତ୍ୱ ଏବଂ ପରିବେଶ କ୍ଷେତ୍ରରେ ପୁରସ୍କାର ମଧ ହାସଲ କରିଥିଲା । ଉଲ୍ଲେଖଯୋଗ୍ୟ ଯେ, 'ଲୋକସମ୍ପର୍କର ଶକ୍ତି-ଯୋଗାଯୋଗର ଉଦୀୟମାନ ଧାରା' ବିଷୟବସ୍ତୁ ଉପରେ ଆୟୋଜିତ ହୋଇଥିବା ୧୯ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀକୁ ଗୋଆର ରାଜ୍ୟପାଳ ଅଶୋକ ଗଜପତି ରାଜୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଦିବସର ଶେଷ ଅଧିବେଶନରେ ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ ଉପସ୍ଥିତ ଥିଲେ । ଏହି ସମ୍ମିଳନୀ ଶିଳ୍ପ ନେତୃବୃନ୍ଦ ତଥା ବିଶେଷଜ୍ଞମାନଙ୍କ ପାଇଁ ସାମ୍ପ୍ରତିକ ଡିଜିଟାଲ୍ ଦୃଶ୍ୟପଟ୍ଟରେ ଯୋଗାଯୋଗର କ୍ରମ ବିକାଶଶୀଳତା ଉପରେ ଆଲୋଚନା ଏବଂ ବିଚାରବିମର୍ଶ ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା । ପବ୍ଲିକ ରିଲେସନ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଲୋକସମ୍ପର୍କ ବୃତ୍ତିଧାରୀ, ଯୋଗାଯୋଗକାରୀ, ବିଜ୍ଞାପନ, ଲୋକସମ୍ପର୍କ ପେଷାଦାର ଏବଂ ଅନ୍ୟାନ୍ୟ ସହଯୋଗୀ ସେବାଗୁଡ଼ିକର ଏକ ଜାତୀୟ ବୃତ୍ତିଗତ ସଂସ୍ଥା ।

# ହବିଷ୍ୟାଳି ଯୋଜନା
# ଅନୁଦାନ ବଢ଼ିଲା; ବ୍ରତଧାରୀଙ୍କ ସଂଖ୍ୟା ବଢ଼ିଲାନି

ପୁରୀ, ୭।୧୦ (ସମିସ): ଆରମ୍ଭ ହୋଇଛି ଧର୍ମ ମାସ କାର୍ତ୍ତିକ। ଶ୍ରୀକ୍ଷେତ୍ରରେ ରହି ହବିଷ କରିବାକୁ ଆସିଛନ୍ତି ହଜାରହଜାର ବ୍ରତଧାରୀ। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ମଧ ମା'ମାନଙ୍କୁ ରଖାଯାଇଛି। କିନ୍ତୁ ଉଦ୍‌ବେଗର ବିଷୟ ହେଲା, ଗତବର୍ଷ ଅପେକ୍ଷା ଏବର୍ଷ ହବିଷ୍ୟାଳି ଯୋଜନାର ଅନୁଦାନ ବଢ଼ିଥିବା ବେଳେ ହବିଷ୍ୟାଳିଙ୍କ ସଂଖ୍ୟା କମିଛି। ଗତବର୍ଷ ଅପେକ୍ଷା ଏଥର କମ୍ ବ୍ରତଧାରୀଙ୍କୁ ଯୋଜନାରେ ସାମିଲ କରାଯାଇଛି। ଅନେକ ହବିଷ୍ୟାଳି ହବିଷ ବ୍ରତ କରିବାକୁ ବିନା ପଞ୍ଜୀକରଣରେ ପୁରୀ ଆସିଥିବା ବେଳେ ସେମାନଙ୍କୁ ପୁଣି ମନ ଦୁଃଖରେ ଘରକୁ ଫେରିଯିବାକୁ ପଡ଼ିଛି।

ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ପୁରୀ ଆସିଥା'ନ୍ତି। ପରିଣତ ବୟସରେ ହବିଷ

## ବିଭାଗୀୟ ମନ୍ତ୍ରୀ ଜାଣିନାହାନ୍ତି କେତୋଟି କେନ୍ଦ୍ର ହୋଇଛି

କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ସମ୍ପର୍କୀୟଙ୍କ ଘରେ ରହିଥା'ନ୍ତି। ଅନେକ ହବିଷ୍ୟାଳି ଆସନ୍ତି, ଯେଉଁମାନେ କେବଳ ପଞ୍ଚକ ପାଞ୍ଚଦିନ ଶ୍ରୀକ୍ଷେତ୍ରରେ ରହି ହବିଷ କରିଥା'ନ୍ତି। ଏମିତି ବି ଅନେକ ବ୍ରତଧାରୀ ରହିଥା'ନ୍ତି ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପି ଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବର ବିଜେଡି ସରକାର। ହବିଷ୍ୟାଳି ମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ, ସେଥିଲାଗି ୨୦୧୬ରେ ତତ୍କାଳୀନ ନବୀନ ସରକାର ଆରମ୍ଭ କରିଥିଲେ ହବିଷ୍ୟାଳି ଯୋଜନା। ପ୍ରତିବର୍ଷ ଏହି ଯୋଜନାର ଚାହିଦା ବଢ଼ୁଥିବା ବେଳେ ସମାନ ଭାବେ ବ୍ରତଧାରୀଙ୍କ ସଂଖ୍ୟା ବି ବୃଦ୍ଧି ପାଇଥିଲା। ୨୦୨୩ରେ ପ୍ରାୟ ୩,୨୦୦ ବ୍ରତଧାରୀ ଏହି ଯୋଜନାରେ ସାମିଲ ହୋଇଥିଲା ବେଳେ ଦୁଇବର୍ଷ ଧରି ଏହି ସଂଖ୍ୟା ହ୍ରାସ ପାଇଛି।

ଗତବର୍ଷ ନୂଆ ସରକାର ହବିଷ୍ୟାଳିଙ୍କ ସଂଖ୍ୟା ୨,୫୦୦ରେ ସୀମିତ ରହିବ ବୋଲି ଘୋଷଣା କରିଥିଲେ। ମାତ୍ର ବିନା ପଞ୍ଜୀକରଣରେ ୪୦୦ରୁ ଊର୍ଦ୍ଧ୍ୱ ବତ୍ରଧାରୀ ପହଞ୍ଚିବା ପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଦୁଇଦିନ ଧରି ହୋ-ହଲ୍ଲା, ବଡ଼ଦାଣ୍ଡରେ ଧାରଣା ପରେ ପ୍ରାୟ ୨,୭୦୦ ଜଣଙ୍କୁ ଯୋଜନାରେ ରଖାଯାଇଥିଲା। ଗତବର୍ଷ ଏଥିପାଇଁ ରାଜ୍ୟ ସରକାର ୨ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏ ବର୍ଷ ଅନୁଦାନ ବଢ଼ିଛି। ଅର୍ଥାତ୍ ଚଳିତ ବର୍ଷ ୭୦ ଲକ୍ଷ ଟଙ୍କା ବୃଦ୍ଧି କରାଯାଇ ୩ କୋଟି ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଛନ୍ତି ସରକାର। ହେଲେ ବ୍ରତଧାରୀଙ୍କ ସଂଖ୍ୟା ସେହି ୨,୫୦୦ରେ ସୀମିତ ରଖାଯାଇଛି। ସୋମବାର ବିନା ପଞ୍ଜୀକରଣରେ ପ୍ରାୟ ୨୦୦ରୁ ଅଧିକ ବ୍ରତଧାରୀ ଆସିଥିବା ବେଳେ ସେମାନଙ୍କୁ ବୁଝାସୁଝା କରି ଘରକୁ ଫେରିଯିବାକୁ କୁହାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ମନଦୁଃଖରେ ଫେରିଥିଲେ। ଯଦିଓ ପ୍ରଶାସନ କେତେଜଣଙ୍କୁ ସୁଯୋଗ ଦେଇଛି କିନ୍ତୁ ସଂଖ୍ୟା ୨,୬୦୦ ଭିତରେ ସୀମିତ ଥିବା ସୂଚନା ମିଳିଛି।

ଏଠାରେ ପ୍ରଶ୍ନ ଉଠୁଛି, ଏହି ଯୋଜନା ପ୍ରତି ଚାହିଦା ବଢ଼ୁଥିବା ବେଳେ ନୂଆ ସରକାର ବ୍ରତଧାରୀଙ୍କ ସଂଖ୍ୟାରେ କାହିଁକି ବ୍ରେକ୍ ଲଗାଇ ମା'ମାନଙ୍କ ମନରେ କଷ୍ଟ ଦେଉଛନ୍ତି?

ଅନ୍ୟପକ୍ଷରେ, ମଙ୍ଗଳବାର ହବିଷ୍ୟାଳି ଯୋଜନାର ଶୁଭାରମ୍ଭ ଅବସରରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମା'ମାନଙ୍କ ପାଇଁ କେତୋଟି କେନ୍ଦ୍ର ହୋଇଛି, ତାହା ଜାଣିନାହାନ୍ତି। ଚଳିତବର୍ଷ ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର ବୃନ୍ଦାବତୀ ନିବାସ (ସ୍ଥାୟୀ କେନ୍ଦ୍ର), ବଗଲା ଧର୍ମଶାଳା, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଥିବାବେଳେ ମନ୍ତ୍ରୀ ୫ଟି କେନ୍ଦ୍ର କରାଯାଇଥିବା କହିଥିଲେ। ନିଜ ବିଭାଗରୁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ମନ୍ତ୍ରୀଙ୍କ ପାଖରେ କେନ୍ଦ୍ରର ସଠିକ୍ ସୂଚନା ନ ରହିବା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

# ଆରମ୍ଭ ହେଲା କାର୍ତ୍ତିକ ବ୍ରତ



- ମହାପ୍ରଭୁଙ୍କୁ ଦର୍ଶନ କଲେ ହବିଷ୍ୟାଳି
- ଚଉରାମୂଳେ ରାଇଦାମୋଦର ପୂଜା

ପୁରୀ, ୭।୧୦(ସମିସ): ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ବ୍ରତ। ଏହି ପୁଣ୍ୟ ମାସରେ ହବିଷ୍ୟାଳିମାନେ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ପୁରୀରେ ରହି କାର୍ତ୍ତିକ ବ୍ରତ ପାଳିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ରତଧାରୀ ପହଞ୍ଚିଛନ୍ତି। ପ୍ରତ୍ୟୁଷରୁ ହବିଷ୍ୟାଳିମାନେ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ ସଂକଳ୍ପ କରି ବ୍ରତ ଆରମ୍ଭ କରିବା ସହ ତୁଳସୀ ଚଉରା ମୂଳେ ରାଇଦାମୋଦରଙ୍କ ପୂଜା କରିଛନ୍ତି। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର ବୃନ୍ଦାବତୀ ନିବାସ (ସ୍ଥାୟୀ କେନ୍ଦ୍ର), ବଗଲା ଧର୍ମଶାଳା, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ୨,୫୦୦ ହବିଷ୍ୟାଳି ରହଣୀ କେନ୍ଦ୍ରରେ ଅବସ୍ଥାନ କରିଛନ୍ତି। ଏହାବ୍ୟତୀତ ବ୍ୟକ୍ତିଗତ ଭାବେ ଏଥର ଅନେକ ହବିଷ୍ୟାଳି ପୁରୀର ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଆଦିରେ ରହି କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି।

# ରେଳଧାରଣାରେ ମହିଳାଙ୍କୁ ଦୁଷ୍କର୍ମ

ରାଉରକେଲା, ୭।୧୦(ସମିସ): ରାଉରକେଲା ସହରର ରଘୁନାଥପାଲ୍ଲୀ ଥାନା ରେଳ ଧାରଣା ଉପରେ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ରଘୁନାଥପାଲୀ ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ଅନ୍ୟ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି, ପାନପୋଷ କୋଏଲ ବ୍ୟାଙ୍କ ଅଞ୍ଚଳର କାହ୍ନୁଚରଣ ଜେନା(୩୨)। ସୋମବାର ରାତିରେ ପାନପୋଷସ୍ଥିତ ଖରିଆବାହାଲ ନିକଟ ରେଳଲାଇନ୍ ଦେଇ ନିଜ ଘରକୁ ଫେରୁଥିବା ବେଳେ କାହ୍ନୁ ଦୁଷ୍କର୍ମ କରିଥିଲା। ପୁଲିସ ଏହି ମାମଲାରେ ସହଯୋଗ କରିଥିବା ଅନ୍ୟ ଦୁଇଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ବୋଲି ଜଣାପଡ଼ିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତରେ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ କାହ୍ନୁଚରଣ କୋଏଲ ବ୍ୟାଙ୍କ ବସ୍ତିରେ ରହୁଥିବା ବେଳେ ସେ ପାଣିପାଇପ୍ ମିସ୍ତ୍ରୀ ଭାବେ କାମ କରେ।

# ଚାଲୁଚାଲୁ ଜଳିଗଲା ବାଇକ୍

ଢେଙ୍କାନାଳ, ୭।୧୦(ସମିସ): ଢେଙ୍କାନାଳ ସହରସ୍ଥିତ ଚନ୍ଦନ ବଜାରରେ ହଠାତ ଏକ ଚଳନ୍ତା ବାଇକ୍‌ରେ ନିଆଁ ଲାଗିଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଚନ୍ଦନ ବଜାର ଦେଇ ଜଣେ ବାଇକ୍ ଆରୋହୀ ନିଜ ଗାଡ଼ି ଚଳାଇ ଯାଉଥିବା ସମୟରେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଲୋକମାନେ ପାଟି କରିବାରୁ ସୌଭାଗ୍ୟବଶତଃ ଆରୋହୀଜଣକ ବାଇକ୍‌ଟିକୁ ରାସ୍ତାକଡ଼ରେ ଅଟକାଇ ଓହ୍ଲାଇ ପଡ଼ିଥିଲେ। ରାସ୍ତା ଉପରେ



## ଅଳ୍ପକେ ବର୍ତ୍ତିଲେ ଚାଳକ

ହୁତୁହୁତୁ ହୋଇ ବାଇକ୍‌ଟି ଜଳୁଥିବା ବେଳେ ଦୁଇ ପାର୍ଶ୍ୱରେ ଗାଡ଼ିମଟର ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ପୁରୀ ସାଂସଦ: ଆପ୍

ପୁରୀ, ୭।୧୦(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ରସାତଳଗାମୀ। ପୁଲିସକୁ ଭୟ କରୁନାହାନ୍ତି ଅପରାଧୀ। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅପରାଧ ମାତ୍ରା ବଢ଼ିବାରେ ଲାଗିଛି। କେଉଁଠି ହତ୍ୟା ତ ପୁଣି କେଉଁଠି ରାହାଜାନି, ଡକାୟତି ଭଳି ଘଟଣା ଘଟୁଛି। ଏକଦା ଶାନ୍ତିପ୍ରିୟ ରାଜ୍ୟ ଭାବେ ସୁନାମ ଆଣିଥିବା ଓଡ଼ିଶା ଆଜି ଅପରାଧ କ୍ଷେତ୍ରରେ ଜାତୀୟସ୍ତରରେ ବଦ୍‌ନାମ ହେଲାଣି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଗୁଣ୍ଡା ପୋଷୁଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ମଙ୍ଗଳବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।



ଶ୍ରୀ ମହାନ୍ତି କହିଛନ୍ତି ଯେ ପୁରୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପବିତ୍ର ସହରରେ ଅପରାଧ ବଢୁଛି। ଜିଲ୍ଲାରେ ପୁଲିସର ଅଭାବ ଥାଇ ମଧ ବିଭାଗ ନିଜର ସାମର୍ଥ୍ୟ ବଢ଼େଇ ପାରୁନାହିଁ। ସମସ୍ତ ଜିଲ୍ଲାରେ ହୋମ୍‌ଗାର୍ଡ ପରୀକ୍ଷା ସରିଥିବାବେଳେ ପୁରୀରେ ଘୁଞ୍ଚିଘୁଞ୍ଚି ଚାଲିଛି। ତେବେ ଏଭଳି ସ୍ଥିତିରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଅପରାଧୀଙ୍କ ସହ ଫଟୋ ଉଠାଇ ନିଜର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ବାଲିମାଫିଆ ଭାବେ ବେଶ୍ ଜଣାଶୁଣା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ହତ୍ୟା, ଗୁଣ୍ଡାରାଜ୍ ଭଳି ସଙ୍ଗିନ ଅଭିଯୋଗ ରହିଛି। ପୂର୍ବରୁ ପୁଲିସ ତାଙ୍କୁ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ସହ ସାଂସଦ ନିଜେ ଫଟୋ ଉଠାଇ ନିଜର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାର ମାନେ କ'ଣ ଓ ସାଂସଦ ଅପରାଧୀଙ୍କ ସହ ଭାବ ରଖିବା କି ବାର୍ତ୍ତା ଦେଉଛି ବୋଲି ପ୍ରଶ୍ନ କରିଛନ୍ତି। ସାଂସଦ ଏହା ଉପରେ ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି କହିଛନ୍ତି ସଞ୍ଜୀବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆପ୍ ପୁରୀ ସଦର ନିର୍ବାଚନମଣ୍ଡଳୀର ମହିଳା ସମ୍ପାଦିକା ସନ୍ଧ୍ୟା କୁମାରୀ ଦାଶ ଓ ଉପସଭାପତି ସମିନା ନାୟକ ଉପସ୍ଥିତ ଥିଲେ।

# ରାଉରକେଲାରୁ ବୃହତ୍ ଠକ ଗିରଫ

- ହୋଟେଲ, ଶୋ'ରୁମ୍, ରେଲୱେକୁ ମାରୁଥିଲା ଚୂନ
- ନକଲି ସ୍କ୍ରିନ୍‌ସଟ୍ ଦେଖାଇ ଠକୁଥିଲା ଲକ୍ଷଲକ୍ଷ ଟଙ୍କା
- ରାଷ୍ଟ୍ରପତିଙ୍କ ଏନ୍‌ଏସ୍‌ଜି କମାଣ୍ଡୋ କହି ଠକୁଥିଲା

ରାଉରକେଲା, ୭।୧୦ (ସମିସ): ସୁଟ୍‌ବୁଟ୍ ସାଙ୍ଗକୁ ବଡ଼ଲୋକୀ ଠାଣି। ମୁହଁ ଖୋଲିଲେ ବାହାରୁଥିଲା ଅନର୍ଗଳ ଇଂରାଜୀ। ଖାଲି ସେତିକି ନୁହେଁ, ପଞ୍ଚତାରକା ହୋଟେଲରେ ରହଣି, ବଡ଼ବଡ଼ ସପିଙ୍ଗ୍ ମଲ୍‌ରୁ ବ୍ରାଣ୍ଡେଡ୍ ସାମଗ୍ରୀ କିଣାକିଣି ସାଙ୍ଗକୁ ଆହୁରି କେତେ କ'ଣ ମଉଜ ମଜଲିସ୍। ହେଲେ ଏସବୁ କେବଳ ଲୋକଙ୍କୁ ଠକି, ଭୁଆଁ ବୁଲାଇ। ଏପରି ଜଣେ ଧୂର୍ତ୍ତକୁ ଆଜି ରାଉରକେଲା ଉଦିତନଗର ଥାନା ପୁଲିସ ଗିରଫ କରିଛି। ସେ ହେଲା, ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଜିଲ୍ଲା ଅନ୍ତର୍ଗତ ଆରିଲୋଭା ଥାନା ପୁରୁଣା ଡାଏରୀ ଫାର୍ମ ଅଞ୍ଚଳର ବରୋଦା ସୁଧୀର (୨୫)। ବରୋଦାର ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨, କିନ୍ତୁ ଠକେଇରେ ସେ ପିଏଚ୍‌ଡି କରିଛି। ନିଜକୁ ରାଷ୍ଟ୍ରପତିଙ୍କ ଏନ୍‌ଏସ୍‌ଜି କମାଣ୍ଡୋ ପରିଚୟ ଦେଇ ସେ ରାଜ୍ୟରୁ ରାଜ୍ୟ ଘୂରି ବୁଲିବା ସହ ସପିଂ ମଲ୍, ହୋଟେଲ ଓ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନକୁ ଚୂନ ମାରୁଥିଲା। ନକଲି ୟୁପିଆଇ ପେମେଣ୍ଟର ସ୍କ୍ରିନ୍-ସଟ୍ ଦେଖାଇ ବଡ଼ ଆରାମରେ ଠକୁଥିଲା। ତା' ନିକଟରୁ ପୁଲିସ ଡେବିଟ୍ କାର୍ଡ, ମୋବାଇଲ ଫୋନ୍, ନଗଦ ୭୦୦ଟଙ୍କା, ନକଲି ୟୁନିଫର୍ମ, ପୁଲିସ ଜୋତା, ବେଲ୍ଟ, ବ୍ରାଣ୍ଡେଡ୍ ପୋଷାକ, କୋଟ୍, ଚଷମା ଏବଂ ଅନ୍ୟ ବହୁ ସାମଗ୍ରୀ ପୁଲିସ ଜବତ କରିଛି।

ସୂଚନା ମୁତାବକ, ବରୋଦା ନିଜକୁ ବାଲୋଭାଡ଼ା ସାଇଶିବା ବୋଲି ପରିଚୟ ଦେଇ ସ୍ଥାନୀୟ ଛେଣ୍ଡସ୍ଥିତ ମେ' ଫେୟାର୍ ଭିଲେଜ ହୋଟେଲରେ ଗତକାଲିଠାରୁ ଆସି ରହିଥିଲା। ନିଜକୁ ରାଷ୍ଟ୍ରପତିଙ୍କ ଜଣେ ଏନ୍‌ଏସ୍‌ଜି କମାଣ୍ଡୋ ଅଧିକାରୀ ବୋଲି ହୋଟେଲରେ ପରିଚୟ ଦେଇଥିଲା। ଚେକ୍-ଇନ୍ ବେଳେ ୟୁପିଆଇ ଦ୍ୱାରା ୯୩୪୪ଟଙ୍କା ମଧ ପେମେଣ୍ଟ କରିଥିଲା। ତା'ର ଅନର୍ଗଳ ଇଂରାଜୀରୁ ସେ ଜଣେ ବୃହତ୍ ଠକ ବୋଲି ହୋଟେଲ କର୍ମଚାରୀଙ୍କ ଟିକିଏ ବି ସନ୍ଦେହ ହୋଇନଥିଲା। ପରେ ସେ ଜୟସ୍ୱାଲ ଟ୍ରାଭେଲସ୍‌ରୁ ଏକ ଟ୍ୟାକ୍ସି ବୁକ୍ କରି ସହରରେ ବୁଲିବା ସହ ଏକ ସ୍ପା'କୁ ଯାଇ ସେଠାରେ ଚୁଳ କାଟି ୟୁପିଆଇ ଦ୍ୱାରା ୩ହଜାର ଟଙ୍କା ପେମେଣ୍ଟ କରିଥିଲା। ସେହିପରି, ରାଉରକେଲା ମେନ୍ ମାର୍କେଟ୍‌ର ଏକ ଶୋ'ରୁମ୍‌ରୁ ଏକ ସୁଟ୍ କ୍ରୟ କରି ୟୁପିଆଇ ପେମେଣ୍ଟ କରିଥିଲା। ଏହାସହ ଅନ୍ୟ ଏକ ମଲ୍‌କୁ ଯାଇ ସେଠାରେ କିଛି ସାମଗ୍ରୀ କ୍ରୟ କରିଥିଲା। ତେବେ ସେ ୟୁପିଆଇ ପେମେଣ୍ଟ କରି ପେମେଣ୍ଟ 'ସକ୍‌ସେସଫୁଲ' ହୋଇଥିବା ସ୍କ୍ରିନ୍‌ସଟ୍ ଦେଖାଇଥିଲେ ମଧ ତାହା ଫେକ୍ ମେସେଜ୍ ଥିଲା ବୋଲି ପରେ ତଦନ୍ତରୁ ଜଣାପଡ଼ିଥିଲା।



ଏହା ପୂର୍ବରୁ ସେ ରାୟପୁର ଏବଂ ରାଞ୍ଚିରେ ତାରକା ହୋଟେଲରେ ରହି ଅନୁରୂପ ଭାବେ ୟୁପିଆଇ ଠକେଇ କରିବା ପରେ ଗତକାଲି ରାଉରକେଲା ଆସିଥିଲା। ସେଠାରେ ସେ ୟୁପିଆଇ ପେମେଣ୍ଟରେ ଫେକ୍ ମେସେଜ ଦେଖାଇ ହଜାର ହଜାର ଟଙ୍କା ଠକିଥିବା ନେବା ଜଣାପଡ଼ିବା ପରେ ରାୟପୁର ଓ ରାଞ୍ଚି ପୁଲିସ ତାକୁ ଟ୍ରାକିଂ କରିବା ସହ ଏ ସମ୍ପର୍କରେ ରାଉରକେଲା ପୁଲିସକୁ ସୂଚନା ଦେଇଥିଲା। ଯାହାକୁ ଆଧାର କରି ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଉଦିତନଗର ପୁଲିସ ଏହି ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଏ ସଂପର୍କରେ ଜୋନାଲ ଡିଏସ୍‌ପି ଅମରେନ୍ଦ୍ର ନାଥ ଷଣ୍ଢ କହିଛନ୍ତି ଯେ ମେ' ଫେୟାର୍ ଭିଲେଜ ହୋଟେଲର ଅଫିସ ସୁପରଭାଇଜର କୌଶିକ ଚକ୍ରବର୍ତ୍ତୀଙ୍କ ରିପୋର୍ଟ ମୁତାବକ ଗିରଫ ବି. ସୁଧୀର ଜଣେ ପେସାଦାର ଠକ। ସେ ନିଜକୁ ଜଣେ ଏନ୍‌ଏସଜି କମାଣ୍ଡୋ ପରିଚୟ ଦେଇ ତାଙ୍କ ହୋଟେଲରେ ଗତକାଲି ଚେକ୍-ଇନ୍ କରିଥିଲା। ତେବେ ସେ ରହିବାର ପ୍ରାୟ ୧ ଘଣ୍ଟା ପରେ ଜାମସେଦପୁରର ତାଜ୍ ଭିଭାନ୍ତା ହୋଟେଲର ମ୍ୟାନେଜର ଭୂପେନ୍ଦ୍ର ରାଠୋର ତା'ର କାରନାମା ସଂପର୍କରେ ମେ' ଫେୟାର୍ ହୋଟେଲ ଭିଲେଜର ଅଫିସ୍ ସୁପରଭାଇଜର୍ କୌଶିକ ଚକ୍ରବର୍ତ୍ତୀଙ୍କୁ ଫୋନ୍ କରି ଜଣାଇଥିଲେ। ବରୋଦା ଜଣେ ଠକ ଓ ସେ ପୂର୍ବରୁ ତାଙ୍କ ହୋଟେଲରେ ରହି ବିଲ ପୈଠ ନ କରି ଫେକ୍ ଟ୍ରାଞ୍ଜାକ୍ସନ ରିପୋର୍ଟ ଦେଖାଇ ଫେରାର ହୋଇଯାଇଥିଲା। ପରେ ଏ ସଂପର୍କରେ ଶ୍ରୀ ଚକ୍ରବର୍ତ୍ତୀ ଉଦିତନଗର ପୁଲିସକୁ ଖବର ଦେଇଥିଲେ।

ତଦନ୍ତରୁ ଜଣାଯାଇଛି ଯେ ବରୋଦା ଟ୍ରେନ୍‌ର ପ୍ରଥମ ଶ୍ରେଣୀରେ ଯାତ୍ରା କରିବା ସହ ବିଭିନ୍ନ ବିଳାସପୂର୍ଣ୍ଣ ହୋଟେଲରେ ରହୁଥିଲା। ହୋଟେଲ ପେମେଣ୍ଟଠାରୁ ଆରମ୍ଭ କରି ଟ୍ରେନ ଟିକେଟ, ବ୍ରାଣ୍ଡେଡ ସାମଗ୍ରୀ କ୍ରୟ ଆଦି ସବୁ କ୍ଷେତ୍ରରେ ସେ ୟୁପିଆଇ ପେମେଣ୍ଟରେ କାରସାଦି କରି ଠକୁଥିବା ଅଭିଯୋଗ ହୋଇଛି। ରାୟପୁର ଓ ରାଞ୍ଚି ପୁଲିସର ସୂଚନା ଆଧାରରେ ତାକୁ ଗିରଫ କରାଯାଇଥିବା ଡିଏସ୍‌ପି କହିଛନ୍ତି। ରାଉରକେଲା ପୁଲିସ୍ ଏବେ ପଚରାଉଚରା କରିବା ସହ ତା'ର ନେଟୱର୍କ ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ଠକେଇ ସମ୍ପର୍କରେ ତଦନ୍ତ କରୁଛି।

# ବିଜେପି ସରକାରରେ ନିଜ ଦଳର ଲୋକେ ବି ଅସୁରକ୍ଷିତ: କଂଗ୍ରେସ

ଭୁବନେଶ୍ୱର, ୭।୧୦(ସମିସ): ଗତ କିଛିଦିନ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ଏପରି ଶାସନ ବ୍ୟବସ୍ଥାକୁ କେହି ଡରୁନାହାନ୍ତି। ଗତକାଲି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ବାର୍ କାଉନସିଲର ବରିଷ୍ଠ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କର ଘର ସମ୍ମୁଖରେ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଯାଇଛି। ଆଜି ରାଜ୍ୟର ଏପରି ଅବସ୍ଥା କୌଣସି ଜାଗାରେ କିଛି ବି ଅଘଟଣ ଘଟିଯାଇପାରେ ବୋଲି କହିଛନ୍ତି କଂଗ୍ରେସ ମୁଖପାତ୍ର ଦେବାଶିଷ ପଟ୍ଟନାୟକ।

ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ନିଜ ବରିଷ୍ଠ ନେତାଙ୍କୁ ସୁରକ୍ଷା ଦେଇପାରୁନି। ଏଥିରେ ସାଧାରଣ ଲୋକଙ୍କ ସୁରକ୍ଷା କେମିତି ସୁନିଶ୍ଚିତ ହେବ। ଏଠି ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କାମ କରିବାକୁ ଦିଆ ଯାଉନାହିଁ ଓ ମୁଖ୍ୟମନ୍ତ୍ରୀ ପଦରେ ରହି ଯଦି ନ୍ୟାୟ ଦେବାରେ ଅସମର୍ଥ ତେବେ ମୁଖ୍ୟମନ୍ତ୍ରୀ ସମ୍ମାନର ସହ ଇସ୍ତଫା ଦେଇଦେବା ଦରକାର । ଯଦି ସରକାର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଧ୍ୟାନ ନଦିଅନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ନକରନ୍ତି ତେବେ ସାଧାରଣ ଲୋକଙ୍କ ସହ କଂଗ୍ରେସ ରାଜ ରାସ୍ତାରେ ଲଢେଇ କରିବ। ଖୋଦ୍ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ଗୃହ ବିଭାଗ ରଖିଥିବା ବେଳେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ହୋଇଛି ତାଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସଭାପତି ରାଜୀବ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଗତକାଲି ବ୍ରହ୍ମପୁରର ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ, ଯିଏ ସର୍ବୋଚ୍ଚ ଭୋଟରେ ରାଜ୍ୟ ବାର୍ କାଉନସିଲକୁ ନିର୍ବାଚିତ ହୋଇଥିଲେ ତାଙ୍କୁ ଗୁଳିକରି ହତ୍ୟା



## କେନ୍ଦ୍ର କାମ କରିବାକୁ ଦେଉ ନ ଥିଲେ ମୁଖ୍ୟମନ୍ତ୍ରୀ ଓହରିଯାଆନ୍ତୁ

କରିବା , ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଏବିଭିପି ନେତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ନିମାପଡା ବଳଙ୍ଗା ଛାତ୍ରୀଙ୍କୁ ଜାଳି ମାରିଦେବା ହେଉ ଅବା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମୁଖରେ ପ୍ରକାଶ ରଣବିଜୁଳିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାମାନରୁ ବିଜେପି ସରକାରର ଅପାରଗତା ଜଣାପଡୁଛି ବୋଲି ସେ କହିଛନ୍ତି।

ହଜାର ବର୍ଷର ଭାଇଚାରାର ସହର କଟକରେ ଯେଉଁଭଳି ଦଙ୍ଗା ହେଲା ଓ କର୍ଫ୍ୟୁ ହେଲା ତାହା ସରକାର ଓ ପୁଲିସର ନିଷ୍କ୍ରିୟତାକୁ ପଦାରେ ପକାଉଛି। ଭୁଲ୍ କାହାର ତାକୁ ଦଣ୍ଡ ମିଳିବା ଦରକାର କିନ୍ତୁ ଏଠି ଏତେବଡ଼ ଦଙ୍ଗା ହେଇଯାଉଛି, ହଜାର ହଜାର ଲୋକ ରାସ୍ତାକୁ ଆସୁଛନ୍ତି ଏଥିପାଇଁ ସରକାର ଓ ପୋଲିସ ଗୁଇନ୍ଦା ବିଭାଗର ଦାୟୀ। କଂଗ୍ରେସ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସହ ଡିଜିପିଙ୍କ ଇସ୍ତଫା ଦାବି କରିଛି।

- ଚର୍ଚ୍ଚାରେ କମାଣ୍ଡରଙ୍କ ଚିଠି

# ଅସ୍ତ୍ରଶସ୍ତ୍ର ଛାଡ଼ି ସାଧାରଣ ଜୀବନ ଜିଇଁବାକୁ ଆହ୍ୱାନ

ମାଲକାନଗିରି, ୭।୧୦ (ସମିସ): ମାଓବାଦୀଙ୍କ ଗଡ଼ ଛତିଶଗଡ଼ର 'ମାଡ୍' ମାଓ ଡିଭିଜନ୍‌ର କମାଣ୍ଡରଙ୍କ ଏକ ଚିଠି ଏବେ ଚର୍ଚ୍ଚାକୁ ଆସିଛି। ମାଓ କମାଣ୍ଡର 'ରଣୀତା' ସେଥିରେ ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସାଧାରଣ ଜୀବନ ଯାପନ କରିବାକୁ ଆହ୍ୱାନ ଦେଇଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ ସମସ୍ତଙ୍କୁ ଶାନ୍ତି ଓ ଆଲୋଚନାର ପଥ ଅନୁସରଣ କରିବା ଉଚିତ। ତେବେ ରଣୀତାଙ୍କ ଦ୍ୱାରା ଜାରି ହୋଇଥିବା ଏହି ପତ୍ରର ସତ୍ୟତା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏହା ମଧ୍ୟରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ବର୍ତ୍ତମାନ ମାଓ ସଙ୍ଗଠନର ନେତୃତ୍ୱ ନେଉଥିବା ମାଓବାଦୀଙ୍କ ମଧ୍ୟରେ ତାଳ ମେଳ ରହୁନାହିଁ ଏବଂ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଯଦି ରଣୀତାଙ୍କ ଦ୍ୱାରା ଜାରି ହୋଇଥିବା ଏହି ପତ୍ର ସତ୍ୟ ପ୍ରମାଣିତ ହୁଏ, ତେବେ ଅନେକ ମାଓବାଦୀ ମାଓ ସଙ୍ଗଠନରୁ ଓହରିଯିବେ ଏବଂ ସଂଗଠନର 'ମାଡ଼' ଡିଭିଜନ ସମୂଳେ ନାଶ ହେବାର ସମ୍ଭାବନା ରହିଛି।

# ସମଲେଶ୍ୱରୀ ମନ୍ଦିରର ବଂଶାନୁକ୍ରମିକ ସେବାୟତଙ୍କୁ ଥଇଥାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୭।୧୦ (ସମିସ): ବଲାଙ୍ଗୀର ଜିଲ୍ଲାର ସମଲେଶ୍ୱରୀ ଦେବୀ ମନ୍ଦିରରେ ବଂଶାନୁକ୍ରମିକ ଭାବେ ନିତି ପୂଜା କରିଆସୁଥିବା ଜଣେ ସେବାୟତଙ୍କୁ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ମନ୍ଦିର ସନ୍ନିକଟ ଅଞ୍ଚଳରେ ଥଇଥାନ କରିବା ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ ଦିଶ୍ରିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଭକ୍ତମାନଙ୍କୁ ସହାୟତା କରିବାରେ ସେବାୟତଙ୍କ ଅତ୍ୟାବଶ୍ୟକ ଭୂମିକାକୁ ସ୍ୱୀକାର କରି ଅଦାଲତ କହିଛନ୍ତି ଯେ ଆବେଦନକାରୀଙ୍କୁ ଉଚ୍ଛେଦ ପୂର୍ବରୁ ଦେବତ୍ତୋର କର୍ତ୍ତୃପକ୍ଷ ଉପଯୁକ୍ତ ଥଇଥାନ ସୁନିଶ୍ଚିତ କରିବାକୁ ପଡ଼ିବ। ସେହିଭଳି ନିର୍ମାଣ କାର୍ଯ୍ୟ ସମାପ୍ତ ନ ହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ନିକଟସ୍ଥ ସ୍ଥାନରେ ଥଇଥାନ କରିବା ପାଇଁ ବଲାଙ୍ଗିର ଉପ ଜିଲ୍ଲାପାଳଙ୍କୁ ସକାରାତ୍ମକ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଥଇଥାନ କରାନଯିବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ବର୍ତ୍ତମାନର ସ୍ଥାନରୁ ସମ୍ପୃକ୍ତ କର୍ତ୍ତୃପକ୍ଷ ବାହାର କରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ, ଦୀର୍ଘଶତାବ୍ଦୀର ଏହି ମନ୍ଦିରରେ ବଂଶାନୁକ୍ରମିକ ସେବାୟତ ଭାବେ ଆବେଦନକାରୀ ମନ୍ଦିର ପରିସର ଭୋଗକୁଠି ସଂଲଗ୍ନ ଘରେ ରହିଆସୁଥିଲେ। ତେବେ ସରକାରଙ୍କ ତରଫରୁ ମନ୍ଦିରର ପୁନରୁଦ୍ଧାର କାମ ହାତକୁ ନିଆଯିବା ହେତୁ ଗତ ୨୦୨୫ ଜୁଲାଇ ୨୫ରେ ଘର ଖାଲି କରିବାକୁ ବଲାଙ୍ଗିର ଉପଜିଲ୍ଲାପାଳଙ୍କ ତରଫରୁ ନୋଟିସ୍ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୧୩ରେ ଦିଲ୍ଲୀରେ ହେବ ମହାନଦୀ ସଂସଦ

ଭୁବନେଶ୍ୱର, ୭।୧୦(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ରେ ମହାନଦୀ ସଂସଦ ବସିବ। ଭୁବନେଶ୍ୱରସ୍ଥିତ ହୋଟେଲ କେଶରୀର ସମ୍ମିଳନୀ

- ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ ଏବଂ ଅନ୍ୟ ବିଶେଷଜ୍ଞ
- ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା

କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଏହି ଘୋଷଣା କରାଯାଇଛି। ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧିମାନଙ୍କ ସହ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ, ମହାନଦୀ ଟ୍ରିବ୍ୟୁନାଲରେ ନିଯୁକ୍ତ ଅଧିବକ୍ତା, ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟର ଓକିଲ ତଥା ଦେଶର ବିଶିଷ୍ଟ ନଦୀ ବେଶଷଜ୍ଞମାନେ ଏଥିରେ



ଯୋଗଦେବେ। ବିଜେପି, ବିଜେଡି, କଂଗ୍ରେସ ତଥା ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନଙ୍କୁ ମଧ ଏଥିରେ ଯୋଗ ଦେବାକୁ ନିବେଦନ କରାଯାଇଛି ବୋଲି ଜଳ ମାନବ ଡ. ରାଜେନ୍ଦ୍ର ସିଂ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ମଧ୍ୟସ୍ଥତା ଭିତ୍ତିରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରୁଛି। ମାତ୍ର ଏହି ପ୍ରକ୍ରିୟାକୁ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ସୀମାବଦ୍ଧ କଲେ ସୁଫଳ ମିଳିବ ନାହିଁ। ମହାନଦୀର ଜଳ ଓ ଏହାର ବେସିନ୍ ସହ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ,ରାଜନୈତିକ ଦଳ ଓ ବିଶେଷଜ୍ଞମାନଙ୍କ ଭିତରେ ମଧ ସହମତି ଆସିବା ଦରକାର। ସେଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ଡ. ସିଂ କହିଛନ୍ତି।

ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋସ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ସୁପ୍ରିମ କୋର୍ଟର ପୂର୍ବତନ ନ୍ୟାୟମୂର୍ତ୍ତି ଏଥିରେ ଅଧ୍ୟକ୍ଷତା କରିବେ ବୋଲି ଆବାହକ ସୁଦର୍ଶନ ଦାସ ଜଣାଇଛନ୍ତି। ଇଣ୍ଡିଆନ୍ ପେନିନସୁଲାର ରିଭର ବେସିନ୍ ଓ ହିମାଳୟାନ ରିଭର ବେସିନ କାଉନସିଲ, ଛତିଶଗଡ଼ ନଦୀଘାଟି ମୋର୍ଚ୍ଚା, ଗୋଦାବରୀ ଓ କୃଷ୍ଣା କୁଟୁମ୍ବ, ଜଳ ଜନ ଯୋଡ଼ ଅଭିଯାନ ପ୍ରମୁଖ ସଂଗଠନଗୁଡ଼ିକ ଏଥିରେ ଯୋଗ ଦେବେ ବୋଲି ଶ୍ରୀ ଦାସ ସୂଚନା ପ୍ରଦାନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି। ଆୟ ଅନୁସାରେ ବ୍ୟୟ ହେବ। ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। । ଅଫିସ୍ ସହକର୍ମୀଙ୍କ ସହଯୋଗ ପାଇବେ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୁକ୍ତିତର୍କ ହୋଇପାରେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୩୬- ହିନ୍ଦୀ ସାହିତ୍ୟ ଜଗତର କିମ୍ବଦନ୍ତୀ ଲେଖକ ମୁନ୍‌ସୀ ପ୍ରେମଚନ୍ଦଙ୍କ ଦେହାନ୍ତ।
- ୧୯୬୨ : ଆଲଜେରିଆ ଜାତିସଂଘରେ ଯୋଗଦେଲା ।
- ୧୯୮୦ : ରୁଷ୍-ସିରିୟା ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୯୮୨ : ପୋଲାଣ୍ଡ ୬ଟି ରାଷ୍ଟ୍ର ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ କଲା ।
- ୧୯୯୮ - ଭାରତ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା।
- ୨୦୦୫- ପାକିସ୍ତାନରେ ରିଆକ୍ଟର ସ୍କେଲରେ ୭.୫ ତୀବ୍ରତାର ଭୂମିକମ୍ପ ହେବାରୁ ୭୦ ହଜାର ଲୋକଙ୍କ ପ୍ରାଣହାନି।

## ପରିବେଶ ଅନୁକୂଳ ପ୍ଲାଷ୍ଟିକ୍



ପରିବେଶ ପାଇଁ ବିପଦ ପ୍ଲାଷ୍ଟିକ୍। ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ତେବେ ଜାପାନର କୋବେ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ ଜିନିଷ ବିକଶିତ କରିଛନ୍ତି, ଯାହାକି ପାରମ୍ପରିକ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଉଥିବା ହାନିକାରକ ତତ୍ତ୍ୱଗୁଡ଼ିକର ସ୍ଥାନ ନେଇପାରେ। ବୈଜ୍ଞାନିକମାନେ ପାଇରିଡିନଡାଇକାର୍ବୋକ୍ସିଲିକ୍ ଏସିଡ୍ (ପିଡିସିଏ) ନାମକ ଏକ ସାମଗ୍ରୀ ବିକଶିତ କରିଛନ୍ତି, ଯାହାକି ପାରମ୍ପରିକ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଉଥିବା ହାନିକାରକ ରସାୟନ ଟେରେଫଥେଲିକ୍ ଏସିଡ୍‌ର ସ୍ଥାନ ନେଇପାରେ। ପିଡିସିଏର ବିଶେଷତ୍ୱ ହେଉଛି, ଏହା ମାଟିରେ ସହଜରେ ମିଶିଯାଏ। ତା'ସହ ଏଥିରେ ନାଇଟ୍ରୋଜେନ୍ ଥିବାରୁ ଏହା ପରିବେଶ ଲାଗି ସୁରକ୍ଷିତ। ତେବେ ପ୍ରଥମେ ଯେତେବେଳେ ପିଡିସିଏ ତିଆରି କରିବାକୁ ଚେଷ୍ଟା କରାଗଲା ଉତ୍ପାଦନ ଖୁବ୍ କମ୍ ହେଉଥିଲା ଏବଂ ବିଷାକ୍ତ ଜୈବ ଉତ୍ପାଦ ବାହାରୁ ଥିଲା। ତେଣୁ ଜାପାନୀ ବୈଜ୍ଞାନିକ ଦଳ ଏଶ୍ଚେରିଆ କୋଲାଇ ଜୀବାଣୁକୁ ସଂଶୋଧିତ କରି ଏହି ସମସ୍ୟାର ସମାଧାନ ବାହାର କଲେ। ବୈଜ୍ଞାନିକମାନେ ଜୀବାଣୁଗୁଡ଼ିକୁ ଗ୍ଲୁକୋଜ ଦେବା ସହିତ କିଛି ଏନ୍‌ଜାଇମ୍‌ର ବ୍ୟବହାର କରିବାରୁ ଉତ୍ପାଦନ ସାତ ଗୁଣ ବୃଦ୍ଧି ପାଇଥିଲା। ଏପରିକି ବିଷାକ୍ତ ଜୈବ ଉତ୍ପାଦ ମଧ୍ୟ ଏଥିରୁ ବାହାରିଲା ନାହିଁ। ଅନ୍ୟପଟେ ପରିବେଶ ଅନୁକୂଳ ପ୍ଲାଷ୍ଟିକ୍ ତିଆରି ଦିଗରେ ଏହାକୁ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ସଙ୍କଟ ସମାଧାନ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅନ୍ୟପଟେ ଏହି ଗବେଷଣା ମେଟାବୋଲିକ୍ ଇଞ୍ଜିନିୟରିଂ ପତ୍ରିକାରେ ପ୍ରକାଶ ପାଇଛି।

## ସଞ୍ଜୟଙ୍କ ସହ କାମ କରିବେ ଅହାନ୍



ଅହାନ୍ ପାଣ୍ଡେ 'ସୈୟାରା' ଫିଲ୍ମରୁ ବଲିଉଡ୍ ଡେବ୍ୟୁ କରିଛନ୍ତି। ତାଙ୍କର ପ୍ରଥମ ଫିଲ୍ମ ହିଁ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ସବୁଠୁ ବଡ଼ କଥା ହେଲା ଅହାନ୍‌ଙ୍କ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁଛି। ଦର୍ଶକେ ଏବେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ନିକଟରେ ଅହାନ୍‌ଙ୍କୁ ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀଙ୍କ ଅଫିସ୍ ଆଗରେ ଦେଖାଯାଇଥିଲା। ଏଥିରୁ ସେ ସଞ୍ଜୟଙ୍କ କୌଣସି ଫିଲ୍ମରେ କାମ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଅହାନ୍ ସଞ୍ଜୟଙ୍କ ଫିଲ୍ମରେ ହିରୋ ଭାବେ ଅଭିନୟ କରୁଛନ୍ତି ଏହା ତାଙ୍କ କ୍ୟାରିୟର ପାଇଁ ବେଶ୍ ଭଲ ହେବ ବୋଲି କୁହାଯାଉଛି। କାରଣ ସଞ୍ଜୟଙ୍କ ଫିଲ୍ମରେ ବଲିଉଡ୍‌ର ଆଗଧାଡ଼ିର କଳାକାରମାନଙ୍କୁ ହିଁ କାମ କରିବାର ସୁଯୋଗ ମିଳିଥାଏ। ସବୁଠୁ ବଡ଼ କଥା ହେଲା, ତାଙ୍କ ଫିଲ୍ମଗୁଡ଼ିକ ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥାଏ। ସଞ୍ଜୟ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମଟି ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ।

## ଭିନ୍ନ ମଣିଷ

# ୧୦ ବର୍ଷ ଧରି ପତ୍ର ଖାଇ ବଞ୍ଚିଛନ୍ତି

କର୍ଣ୍ଣାଟକ, ବେଲାଗାଭି ଅଞ୍ଚଳର ଉଗାରାଗୋଲାର ୩୪ ବର୍ଷୀୟ ବୁଦାନ ମାଲିକ ହୋସାମାନି ଏବେ ତାଙ୍କ ଅଜବ ଖାଦ୍ୟାଭ୍ୟାସ ପାଇଁ ଚର୍ଚ୍ଚାରେ ଅଛନ୍ତି। ବୁଦାନ ଜଣେ ଯୋଗ ପ୍ରଶିକ୍ଷକ। ଦୀର୍ଘ ୧୦ ବର୍ଷ ହେଲାଣି ସେ ହେଗୋଲା ପାହାଡ଼ ଉପରେ ରହୁଛନ୍ତି। ଖାଦ୍ୟ ବଦଳରେ ସେ ବିଭିନ୍ନ ପ୍ରକାର ଗଛ ଲତାର ପତ୍ର ଖାଇଥାନ୍ତି। ଝରଣାର ପାଣି ପିଇ ଶୋଷ ମେଣ୍ଟାଇଥାନ୍ତି। ଏଭଳି ଖାଦ୍ୟ ଖାଇ ମଧ୍ୟ ତାଙ୍କର ବେଶ୍ ବଳିଷ୍ଠ ଶରୀର ରହିଛି। ପ୍ରତିଦିନ ରାତି ୧୧ଟାରେ ଶୋଇ ଭୋର ୩ଟାରେ ବୁଦାନ ଉଠନ୍ତି। ଘଣ୍ଟାଏ ଯୋଗାଭ୍ୟାସ କରନ୍ତି। ଏହାପରେ ସେ ଦୁଇ ପ୍ଲେଟ୍ ପତ୍ର ଖାଇ ପାହାଡ଼ରୁ ଆସୁଥିବା ପାଣି ପିଅନ୍ତି। କିଛି ସମୟ ବିଶ୍ରାମ କରି ସେ ସ୍ନାନ କରନ୍ତି। ମଧ୍ୟାହ୍ନ ଭୋଜନରେ ବି ସେ ପତ୍ର ଖାଆନ୍ତି। ରାତି ୮ଟାରେ ଘଣ୍ଟାଏ ଯୋଗ କରି ପରେ ଏକ ପ୍ଲେଟ୍ ପତ୍ର ଖାଆନ୍ତି। କେବେକେବେ ବୁଦାନ ଭାତ ମଧ୍ୟ ଖାଆନ୍ତି। ଦୈନିକ ସେ ସାଢ଼େ ଚାରି ଘଣ୍ଟା ଶୁଅନ୍ତି। ତେବେ ମାଙ୍କଡ଼ମାନଙ୍କ ଜୀବନଚର୍ଯ୍ୟାରୁ ପ୍ରେରିତ ହୋଇ ସେ ଏପରି କରୁଥିବା ବୁଦାନ କହିଛନ୍ତି। ବର୍ତ୍ତମାନ ସେ ପାଖାପାଖି ୮୦ ପ୍ରକାରର ଗଛର ପତ୍ର ଖାଉଛନ୍ତି। ଏଥିପାଇଁ ତାଙ୍କୁ କେବେ ଜ୍ୱର କିମ୍ବା ଥଣ୍ଡା କାଶ ହୋଇନାହିଁ ବୋଲି ସେ କହିଛନ୍ତି। ସେ ତାଙ୍କ ଜୀବନରେ ମାତ୍ର ୩ ଥର ହସ୍‌ପିଟାଲ ଯାଇଥିବା କହିଛନ୍ତି।

ତେବେ ପିଲାଟି ଦିନରୁ ବୁଦାନ ଅଧିକ ସମୟ ପାହାଡ଼ରେ କାଟୁଥିଲେ। ସନ୍ଧ୍ୟା ହେଲେ ହିଁ ଘରକୁ ଫେରୁଥିଲେ। ୧୦ ବର୍ଷ ପୂର୍ବରୁ ସେ ଭାତ, ରୁଟି, ଚିକେନ୍, ମଟନ୍ ଆଦି ସବୁ ଖାଉଥିଲେ। ଏବେ ସେ ଗଛର ପତ୍ରଗୁଡ଼ିକୁ ଦିବ୍ୟ ଭୋଜନ ମନେ କରୁଛନ୍ତି। ତେବେ ସବୁଜ ପତ୍ର ଖାଇବା ସତ୍ତ୍ୱେ ତାଙ୍କର ପେଟଜନିତ କୌଣସି ରୋଗ ନାହିଁ। ବୁଦାନ ନିୟମିତ ୫୦ ପ୍ରକାର ଆସନ କରିଥାନ୍ତି। ଦିନସାରା ସେ ପାହାଡ଼ରେ ବୁଲନ୍ତି। ମୋବାଇଲରେ ପ୍ରତିଦିନ ଗରୁଡ଼ ଓ ଶିବ ପୁରାଣ ପଢ଼ନ୍ତି। ତାଙ୍କୁ ଟଙ୍କାର ଆବଶ୍ୟକତା ହେଲେ ସେ ରାଜମିସ୍ତ୍ରୀ କାମ କରନ୍ତି। ପାହାଡ଼କୁ ସେ ତାଙ୍କ ଘର କୁହନ୍ତି। ଏହା ତାଙ୍କୁ ସ୍ୱର୍ଗ ଭଳି ସୁଖ ଦେଇଥାଏ ବୋଲି ବୁଦାନ କହିଛନ୍ତି। ବୁଦାନଙ୍କ ପରିବାର କଥା କହିଲେ, ପିତାଙ୍କ ମୃତ୍ୟୁ ପରେ ମା' ତାଙ୍କ ଭାଇ ସହ ବେଙ୍ଗାଲୁରୁରେ ରୁହନ୍ତି। ଉଗାରାଗୋଲାରେ ତାଙ୍କର ଆହୁରି ଦୁଇ ଜଣ ଭାଇ ରହୁଛନ୍ତି। ତେବେ ବୁଦାନ ସାରା ଜୀବନ ଏକାକୀ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ୫.୯ ଫୁଟ ଉଚ୍ଚତା ବିଶିଷ୍ଟ ବୁଦାନଙ୍କ ଓଜନ ୬୦ କେଜି। ଗଛର ପତ୍ରକୁ ଖାଇ ହଜମ କରିବାର ଶକ୍ତି ଭଗବାନ ପଶୁପକ୍ଷୀମାନଙ୍କୁ ଦେଇଥିବାବେଳେ ବୁଦାନ ଏସବୁ ଖାଇ ହଜମ କରିବା ନିହାତି ଆଶ୍ଚର୍ଯ୍ୟକର ଘଟଣା ବୋଲି ଚିକିତ୍ସକମାନେ କହିଛନ୍ତି।



## ସମ୍ଭାବନା

## ଲାଙ୍ଗୁଏଜ୍ କୋର୍ସର ଲାଭ



ଆଜିର ସମୟରେ କୌଣସି ନୂଆ ଭାଷା ଶିଖିବା କେବଳ ଏକ ସଉକ ନୁହେଁ, ବରଂ ସଫଳତାର ପାହାଚ ପାଲଟିଛି। ନୂଆ ଭାଷା ଶିଖୁଥିବା ଲୋକଙ୍କୁ ନିଯୁକ୍ତିର ଭଲ ଅବସର ମିଳିଥାଏ। ବିଶେଷକରି ମଲଟିନ୍ୟାସନାଲ କମ୍ପାନି ଏବଂ ଆନ୍ତର୍ଜାତୀୟ ବ୍ୟବସାୟରେ। ଏହା ଭିଡ଼ ଭିତରେ ଭିନ୍ନ ଏକ ପରିଚୟ ପ୍ରଦାନ କରେ। ଗବେଷଣା କୁହେ, ନୂଆ ଭାଷା ଶିଖିବା ଦ୍ୱାରା ମସ୍ତିଷ୍କର ଚିନ୍ତା କରିବା କ୍ଷମତା, ମନେ ରଖିବାର କ୍ଷମତା ଏବଂ ସମସ୍ୟା ସମାଧାନ କରିବାର କଳା, କୌଶଳ ସୁଦୃଢ଼ ହୁଏ। ସେହିପରି କୌଣସି ନୂଆ ଭାଷା ଶିଖିଲେ, ସେହି ସ୍ଥାନର ଲୋକଙ୍କ ସଂସ୍କୃତି, ସେମାନଙ୍କର ଚାଲିଚଳଣି ଏବଂ ଚିନ୍ତାଧାରାକୁ ଭଲରେ ବୁଝିଥାଉ। ବିଦେଶ ଯାଉଥିଲେ ସେଠାକାର ସ୍ଥାନୀୟ ଭାଷା ଶିଖିବା ଦ୍ୱାରା ଯାତ୍ରା ସହଜ ଓ ମଜାଦାର ହୋଇଥାଏ। ନୂଆ ଭାଷା ଶିଖିବା ଦ୍ୱାରା ନିଜ ଭିତରେ ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ସେହିପରି ବିଭିନ୍ନ ଭାଷା ସମ୍ବନ୍ଧିତ କୋର୍ସ ବିଶ୍ୱ ତମାମ ଲୋକଙ୍କ ସହ ଜଡ଼ିତ ହେବାର ସୁଯୋଗ ଦିଏ। କିଛି ବିଦେଶୀ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ସେହି ଦେଶର ଭାଷା ଜାଣିବା ଜରୁରି। ଏ ଦୃଷ୍ଟିରୁ ଲାଙ୍ଗୁଏଜ୍ କୋର୍ସ ଉଚ୍ଚ ଶିକ୍ଷାର ରାସ୍ତାକୁ ଉନ୍ମୁକ୍ତ କରେ। ଇଣ୍ଟରନେଟ୍‌ରେ ଅନେକ ତଥ୍ୟ ବିଦେଶୀ ଭାଷାରେ ଉପଲବ୍ଧ। ତେଣୁ ଏକ ନୂଆ ଭାଷା ସେହି ଜ୍ଞାନ ପାଖରେ ପହଞ୍ଚାଏ।

## ଜେନ୍ ଜିଙ୍କ ମଧ୍ୟରେ ଲୋକପ୍ରିୟ 'ଫ୍ରେଣ୍ଡଫଲେସନ'



**ଆଜିକାଲି ସାମାଜିକ ଗଣମାଧ୍ୟମରେ ନୂଆ ନୂଆ ଶବ୍ଦ ଭାଇରାଲ ହେଉଛି। ଯାହା ବିଷୟରେ କ୍ୱଚିତ ଲୋକ ଜାଣନ୍ତି। ଏହି କ୍ରମରେ ଏଥିରୁ ଅନ୍ୟତମ 'ଫ୍ରେଣ୍ଡଫଲେସନ।' ଏହି ଶବ୍ଦ ଜେନ୍ ଜିଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି। ତେବେ ଏହାର ଅର୍ଥ କ'ଣ ଓ କାହିଁକି ଶବ୍ଦଟିର ଲୋକପ୍ରିୟତା ବଢ଼ୁଛି, ସେ ସମ୍ପର୍କରେ ଜାଣିବା।**

- ଫ୍ରେଣ୍ଡ (ବନ୍ଧୁ) ଏବଂ ଇନଫଲେସନ (ମହଙ୍ଗା) ରୁ ଦୁଇଟି ଶବ୍ଦରୁ ମିଶି 'ଫ୍ରେଣ୍ଡଫଲେସନ' ହୋଇଛି। ଆଜିକାଲି ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବା ମହଙ୍ଗା ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଏହି ଶବ୍ଦର ଲୋକପ୍ରିୟତା ବଢ଼ିଛି। ତେବେ ଫ୍ରେଣ୍ଡଫଲେସନର ସିଧା ଅର୍ଥ ହେଲା ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବାରେ ଅଧିକ ଅର୍ଥ ଖର୍ଚ୍ଚ କରିବା। ଏବେ ଅନେକେ ସାଙ୍ଗସାଥୀଙ୍କ ସହ ଦେଖା କରିବା ଏବଂ ସମୟ ଅତିବାହିତ କରିବା ଲାଗି କାଫେ, ପାର୍ଟି ଏବଂ ଭିନ୍ନ ଭିନ୍ନ ଆଉଟିଂ ଡେଷ୍ଟିନେସନର ସାହାରା ନିଅନ୍ତି। ଏ ଲାଗି ଅତ୍ୟଧିକ ଟଙ୍କା ଖର୍ଚ୍ଚ ହୁଏ। ତେଣୁ ଏଭଳି ସ୍ଥଳେ ଫ୍ରେଣ୍ଡଫଲେସନ ବ୍ୟବହାରର ଉପଯୋଗିତା ଗୁରୁତ୍ୱ ବହନ କରେ। ତେଣୁ ଏହା ଜେନ ଜେଡ୍‌ଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି।
- ଆଜିର ସମୟରେ ବନ୍ଧୁତା କେବଳ ଇମୋସନାଲ ଆଟାଚମେଣ୍ଟ ପର୍ଯ୍ୟନ୍ତ ସୀମିତ ରହି ନାହିଁ, ଏହା ଲୋକଙ୍କ ବଜେଟ୍ ଉପରେ ଖୁବ୍ ପ୍ରଭାବ ପକାଉଛି। ଅନେକ ଲୋକ ସୋସିଆଲ ଷ୍ଟାଟସ ମେଣ୍ଟେନ କରିବା ଲାଗି ସାଙ୍ଗଙ୍କ ସହିତ ମହଙ୍ଗା କାଫେ ଏବଂ ପାର୍ଟିକୁ ଯିବାକୁ ପସନ୍ଦ କରୁଛନ୍ତି। ଏଭଳି କରିବା ପଛର ଉଦ୍ଦେଶ୍ୟ କେବଳ ନିଜ ବନ୍ଧୁତାକୁ ବଜାୟ ରଖିବା।
- ବର୍ତ୍ତମାନ ଜନ୍ମଦିନ ପାର୍ଟି କେକ୍ ଓ ସ୍ନାକ୍ସରେ ସୀମିତ ନାହିଁ। ଘରେ ବି ପାର୍ଟି ରଖିବା ପାଇଁ ଲୋକଙ୍କୁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଛି। ଏହା ଯୋଗୁଁ ଆର୍ଥିକ ଚାପ ଏବଂ ମାନସିକ ଚାପ ଉଭୟର ସାମ୍ନା କରିବାକୁ ପଡ଼ୁଛି। ତେଣୁ ଅନେକ ଏବେ ଭାବୁଛନ୍ତି ବନ୍ଧୁତା ମଧ୍ୟ ମହଙ୍ଗା ହୋଇଛି। ତେବେ ପ୍ରକୃତ ବନ୍ଧୁତା ଥିଲେ ଏଭଳି ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଏହାର ଅର୍ଥ ନୁହେଁ ଯେ, ଆଦୌ ଖର୍ଚ୍ଚ କରିବାକୁ ମନା କରାଯାଉଛି। ପ୍ରଥମେ ଟଙ୍କା ସଞ୍ଚୟ କରି ସାଙ୍ଗମାନଙ୍କ ସହିତ ବୁଲାବୁଲି କରିବାକୁ ଯାଇପାରିବେ। ଅନ୍ୟପଟେ ସାଙ୍ଗସହିତ ଖାଇବା ପିଇବା ଖର୍ଚ୍ଚ ଭାଗ ବାଣ୍ଟି ମିଳିମିଶି ଖର୍ଚ୍ଚ କରିବା ଦରକାର।

## ସାକ୍ଷାତକାରରେ କ'ଣ ନେବେ

**ସାକ୍ଷାତକାରକୁ ଯିବା ବେଳେ ଲୋକେ ନିଜ ବେଶଭୂଷା ଉପରେ ଗୁରୁତ୍ୱ ଦିଅନ୍ତି। ତା'ସହ କିଛି ଜରୁରି ଜିନିଷ ସାଙ୍ଗରେ ନିଅନ୍ତି। ତେବେ ସାକ୍ଷାତକାରକୁ ଯିବା ବେଳେ ସାଙ୍ଗରେ କ'ଣ ନେଇକି ଯିବେ, ସେ ସମ୍ପର୍କରେ ଜାଣିବା।**




- ବେଳେ ବେଳେ ସାକ୍ଷାତକାରରେ ଏକରୁ ଅଧିକ ଲୋକ ଥାନ୍ତି। ତେଣୁ ନିଜ ସହ ନିଜ ବାୟୋଡାଟାର ୩-୪ଟି କପି ନେଇ ଯାଆନ୍ତୁ।
- ଚାକିରି ପାଇଁ କଭର୍ ଲେଟର ପ୍ରେରଣ କରିଥିଲେ, ତାହାକୁ ସାଙ୍ଗରେ ରଖିବା ଉଚିତ।
- ଆଧାରକାର୍ଡ,ପ୍ୟାନ୍ କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ଭଳି ଜରୁରି କାଗଜପତ୍ର ସାଙ୍ଗରେ ନିଅନ୍ତୁ ।
- ଡିଗ୍ରୀ, ମାର୍କସିଟ୍, ଅଭିଜ୍ଞତା ସହ ଜଡ଼ିତ ଦସ୍ତାବିଜ୍‌ର ଏକ ହୋଲଡର କରନ୍ତୁ।
- ଗ୍ରାଫିକ୍ ଡିଜାଇନ, ଫଟୋଗ୍ରାଫି ସହିତ ଜଡ଼ିତ ଚାକିରି ପାଇଁ ସାକ୍ଷାତକାର ଦେଉଥିଲେ ନିଜର ପୋର୍ଟଫୋଲିଓ ନିହାତି ନିଅନ୍ତୁ।
- ଜରୁରି କଥାକୁ ଲେଖିବା ପାଇଁ କାଗଜ ଓ କଲମ ପାଖରେ ରଖନ୍ତୁ।
- ଭୟଭୀତ ନହୋଇ ଆତ୍ମବିଶ୍ୱାସର ସହ ସାକ୍ଷାତକାରକୁ ଯିବା ଉଚିତ।

## ବ୍ୟକ୍ତିତ୍ୱ ବିକାଶର ଉପାୟ

**ପ୍ରତ୍ୟେକ ମାଆବାପା ଚାହାନ୍ତି, ପିଲାମାନେ ନିଜ ଜୀବନରେ ଆଗକୁ ବଢ଼ନ୍ତୁ। ସେଥିପାଇଁ ସେମାନେ ସବୁ ପ୍ରକାର ପ୍ରୟାସ ପ୍ରାରମ୍ଭରୁ କରିଥାନ୍ତି। ତେବେ ପିଲାବେଳୁ ସେମାନଙ୍କୁ ନିମ୍ନ ପ୍ରଦତ୍ତ କେତେକ ଅଭ୍ୟାସରେ ଅଭ୍ୟସ୍ତ କରାଇବା ଦରକାର, ଯାହା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବା ସହ ସେମାନଙ୍କ ଜୀବନରେ ସଫଳତା ଲାଭ କରିବାରେ ବି ସାହାଯ୍ୟ କରିବ।**



- ପିଲାଙ୍କୁ ସକାରାତ୍ମକ ଚିନ୍ତାଧାରା ସହ ଜୀବନ ଜିଇଁବା ଶିଖାନ୍ତୁ। ସକାରାତ୍ମକ ଚିନ୍ତାଧାରା ହିଁ ଜଟିଳ ସମସ୍ୟାକୁ ସାମ୍ନା କରିବାରେ ସହାୟକ ହୋଇଥାଏ।
- ପିଲାବେଳୁ ପିଲାମାନଙ୍କ ମଧ୍ୟରେ ଶିଖିବାର କଳା ରହିବା ଜରୁରି। ଏହି ଅଭ୍ୟାସ ସେମାନଙ୍କ ଜୀବନରେ ଉନ୍ନତି ଦିଗରେ ସହାୟକ ହୁଏ।
- ପିଲାଙ୍କୁ ନିଜ ଉପରେ ଗୁରୁତ୍ୱ ଦେବା ଜରୁରି। ଅନ୍ୟ ସହ ନିଜକୁ ତୁଳନା ନ କରି ନିଜ କାମ ଉପରେ ଧ୍ୟାନ ଦିଅନ୍ତୁ।
- ମୋବାଇଲ ପିଲାଙ୍କ ଦକ୍ଷତା ବିକାଶକୁ ପ୍ରଭାବିତ କରୁଛି। ସେଥିପାଇଁ ମୋବାଇଲ ବ୍ୟତୀତ ବହି ପଢ଼ା ଅଭ୍ୟାସକୁ ଆପଣାଇବା ଭଲ।
- ଏହାବାଦ୍ ପିଲାଙ୍କ ମଧ୍ୟରେ ସେଲଫ୍ ଡିସିପ୍ଲିନ୍ ରହିବା ଜରୁରି। ଏହା ସେମାନଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ। ଏଣୁ ନିଜ ଭିତରେ ଅନୁଶାସନ ରହିବା ଭଲ।



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ଭାରତ-ଅଷ୍ଟ୍ରେଲିଆ ସୀମିତ ଓଭର ସିରିଜ

# ମାର୍ଶଙ୍କୁ ନେତୃତ୍ୱ; ଦିନକିଆକୁ ଫେରିଲେ ଷ୍ଟାର୍କ

ସିଡ୍‌ନୀ, ୭ ।୧୦ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୀମିତ ଓଭର ସିରିଜ ଚଳିତ ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବାକୁଯାଉଛି । ଏଥିଲାଗି ଘରୋଇ ଅଷ୍ଟ୍ରେଲିଆ ପକ୍ଷରୁ ମଙ୍ଗଳବାର ଦିନିକିଆ ଓ ଟି-୨୦ ଦଳ ଘୋଷଣା କରାଯାଇଛି । ଅଭିଜ୍ଞ ବ୍ୟାଟର୍ ମିଚେଲ ମାର୍ଶଙ୍କୁ ଉଭୟ ଫର୍ମାଟ୍ ଲାଗି ନେତୃତ୍ୱ ଭାର ଦିଆଯାଇଛି । ଆହତ ସମସ୍ୟାରୁ ମୁକୁଳି ନ ଥିବାରୁ ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ମାର୍ଶ ଦିନିକିଆ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । ସେହିଭଳି ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ପାଖାପାଖି ଏକ ବର୍ଷ ପରେ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶେଷଥର ଲାଗି ସେ ଗତବର୍ଷ ନଭେମ୍ବରରେ ପାକିସ୍ତାନ ବିପକ୍ଷରେ ଦିନିକିଆ ମ୍ୟାଚ୍ ଖେଳିଥିଲେ । ଷ୍ଟାର୍କଙ୍କ ବ୍ୟତୀତ ମାଇକେଲ ଓୱିନ, ମାଥ୍ୟୁ ରେନଶ ଓ ମାଥ୍ୟୁ ଶର୍ଟ ମଧ୍ୟ ୫୦ ଓଭର ଫର୍ମାଟ୍‌କୁ ଫେରିଛନ୍ତି । ଅପରପକ୍ଷରେ ୨୦୨୩ ବିଶ୍ୱକପ୍‌ରେ ଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ପ୍ରମୁଖ ସଦସ୍ୟ ରହିଥିବା ମାର୍ନସ ଲାବୁଶେନଙ୍କୁ ଖରାପ ଫର୍ମ ଲାଗି ଦିନିକିଆ ଦଳରୁ ବାଦ୍ ଦିଆଯାଇଛି । ସେହିଭଳି ରିଷ୍ଟ ଆଘାତ ସମସ୍ୟାରୁ ମୁକୁଳି ନ ଥିବାରୁ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲଙ୍କୁ ଉଭୟ ସିରିଜ ଲାଗି ଦଳରେ ସ୍ଥାନ



ମିଳିନାହିଁ । ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୧୯ରୁ ଆରମ୍ଭ ହେବ । ଏହାପରେ ଅକ୍ଟୋବର ୨୯ରୁ ପାଞ୍ଚଟିକିଆ ଟି-୨୦ ସିରିଜ ଖେଳାଯିବ । ଟି-୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରିଛି ।

**ଅଷ୍ଟ୍ରେଲିଆ ଦିନିକିଆ ଦଳ** : ମିଚେଲ ମାର୍ଶ (ଅଧିନାୟକ), ଆଲେକ୍ସ କେରୀ, ଜାଭିଅର ବାର୍ତ୍ତଲେଟ, ନାଥନ ଏଲିସ, ବେନ ଡାରୱିସ, କୁପର କନୋଲୀ, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଇକେଲ ଓୱିନ, ମାଥ୍ୟୁ ରେନଶ, ମାଥ୍ୟୁ ଶର୍ଟ, ମିଚେଲ ଷ୍ଟାର୍କ ଓ ଆଦାମ ଜାମ୍ପା ।

**ଅଷ୍ଟ୍ରେଲିଆ ଟି-୨୦ ଦଳ** : ମିଚେଲ ମାର୍ଶ (ଅଧିନାୟକ), ସିନ୍ ଆବଟ, ଜାଭିଅର ବାର୍ତଲେଟ, ଟିମ୍ ଡେଭିଡ୍, ନାଥନ ଏଲିସ, ବେନ ଡାରୱିସ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଇକେଲ ଓୱିନ, ମାଥ୍ୟୁ ଶର୍ଟ, ଆଦାମ ଜାମ୍ପା, ମାର୍କସ ଷ୍ଟୋଇନିସ, ମାଥ୍ୟୁ କୁନେମାନ୍ ।

### ଭାରତ-ଅଷ୍ଟ୍ରେଲିଆ ସିରିଜ କାର୍ଯ୍ୟସୂଚୀ

| | | |
|---|---|---|
| ଅକ୍ଟୋବର ୧୯ | : | ପ୍ରଥମ ଦିନିକିଆ, ପର୍ଥ |
| ଅକ୍ଟୋବର ୨୩ | : | ଦ୍ୱିତୀୟ ଦିନିକିଆ, ଆଡିଲେଡ୍ |
| ଅକ୍ଟୋବର ୨୫ | : | ତୃତୀୟ ଦିନିକିଆ, ସିଡ୍‌ନୀ |
| ଅକ୍ଟୋବର ୨୯ | : | ପ୍ରଥମ ଟି-୨୦, କାନବେରା |
| ଅକ୍ଟୋବର ୩୧ | : | ଦ୍ୱିତୀୟ ଟି-୨୦, ମେଲବୋର୍ଣ୍ଣ |
| ନଭେମ୍ବର ୨ | : | ତୃତୀୟ ଟି-୨୦, ହୋବାର୍ଟ |
| ନଭେମ୍ବର ୬ | : | ଚତୁର୍ଥ ଟି-୨୦, ଗୋଲ୍ଡ କୋଷ୍ଟ |
| ନଭେମ୍ବର ୮ | : | ପଞ୍ଚମ ଟି-୨୦, ବ୍ରିସବେନ |

ବି.ଦ୍ର.: ଦିନିକିଆ ମ୍ୟାଚ୍ ସକାଳ ୯ଟାରୁ ଏବଂ ଟି-୨୦ ଅପରାହ୍ଣ ୧.୪୫ରୁ ଆରମ୍ଭ ହେବ ।

## ସାର୍ଟିଫାଏଡ୍ ଡ୍ରୋନ୍ ପାଇଲଟ୍ ହେଲେ ଧୋନି

**ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ସବୁଠୁ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ସୌଖିନ କାର ଓ ସୁପର୍‌ବାଇକ୍ ପ୍ରତି ଦୁର୍ବଳତା



ରହିଥିବା ସମସ୍ତେ ଜାଣିଛନ୍ତି । ରାଞ୍ଚିସ୍ଥିତ ତାଙ୍କ ଫାର୍ମ ହାଉସରେ ସେ ଏକାଧିକ ଦାମୀ କାର୍ ଓ ବାଇକ୍ ସଜ୍ଜିତ କରି ରଖିଛନ୍ତି । ଏହାବାଦ୍ ଧୋନି ଇଞ୍ଜିନ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ମଧ୍ୟ ଆକର୍ଷଣ ରଖିଥାନ୍ତି । ସଦ୍ୟ ଧୋନି ଏହି କ୍ଷେତ୍ରରେ ଏକ ସଫଳତା ପାଇଛନ୍ତି । ମଙ୍ଗଳବାର ଧୋନି ସାମାଜିକ ଗଣମାଧ୍ୟମ ଜରିଆରେ ଘୋଷଣା କରିଛନ୍ତି ଯେ ସେ ଆନୁଷ୍ଠାନିକ ଭାବେ ଏକ ଡ୍ରୋନ ପାଇଲଟ୍ ଲାଇସେନ୍ସ ପାଇଛନ୍ତି । ୪୪ ବର୍ଷୀୟ ଧୋନି ବର୍ତ୍ତମାନ ଭାରତର ପ୍ରମୁଖ ଡ୍ରୋନ ନିର୍ମାତା କମ୍ପାନୀ ଗରୁଡ ଏରେସ୍ପେସର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି । ଏହି କମ୍ପାନୀର ଏକ ଡ୍ରୋନ ପାଇଲଟ୍ ତାଲିମ କାର୍ଯ୍ୟକ୍ରମ ଚେନ୍ନଇରେ ଶେଷ ହୋଇଥିଲା । ଡିଜିସିଏ ଅନୁମୋଦିତ ଏହି ରିମୋଟ ପାଇଲଟ୍ ତାଲିମରେ ଧୋନି ବ୍ୟକ୍ତିଗତ ଭାବେ ତାଲିମ ନେବା ସହ ପାଇଲଟ୍ ଭାବରେ ପ୍ରମାଣପତ୍ର ପାଇଛନ୍ତି ବୋଲି ଗରୁଡ଼ ଏରୋସ୍ପେସ କମ୍ପାନୀ ପକ୍ଷରୁ କୁହାଯାଇଛି । ପ୍ରକାଶଯୋଗ୍ୟ, ଧୋନି କ୍ରିକେଟ୍ ଦୁନିଆ ବାହାରେ ଏକାଧିକ କ୍ଷେତ୍ରରେ ମଧ୍ୟ ସଫଳତା ପାଇଛନ୍ତି । ତାଙ୍କୁ ୨୦୧୧ରେ ଟେରିଟୋରିଆଲ ଆର୍ମିର ପାରାସୁଟ୍ ରେଜିମେଣ୍ଟରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀରେ ସମ୍ମାନିତ କରାଯାଇଥିଲା । ସେହିଭଳି ପ୍ରଶିକ୍ଷିତ ପାରାଚୁଟର୍ ଭାବେ ମଧ୍ୟ ଯୋଗ୍ୟତା ହାସଲ କରିଥିଲେ ।

## ସିଜନର ୬୦ତମ ବିଜୟ ହାସଲ କଲେ ସ୍ୱିଆଟେକ

**ଉହାନ, ୭ ।୧୦ (ଏଜେନ୍ସି):** ଚାଇନାରେ ଚାଲିଥିବା ଉହାନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଗା ସ୍ୱିଆଟେକ ସହଜ ବିଜୟ ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚରେ ଦ୍ୱିତୀୟ ସିଡ୍ ସ୍ୱିଆଟେକ୍ ୬-୧, ୬-୧ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ପରାସ୍ତ କରିଥିଲେ । ଏହି ମ୍ୟାଚ୍ ଜିତିବାକୁ ପୋଲାଣ୍ଡ



ତାରକା ସ୍ୱିଆଟେକଙ୍କୁ ମାତ୍ର ଏକ ଘଣ୍ଟା ୧୮ ମିନିଟ୍ ସମୟ ଲାଗିଥିଲା । ସେହିଭଳି ଚଳିତ ବର୍ଷ ଏହା ତାଙ୍କର ୬୦ତମ ବିଜୟ ଥିଲା । ଏହାବାଦ୍ ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ ସ୍ୱିଆଟେକ ୧୦୦ତମ ସିଧାସଳଖ ସେଟ୍ ବିଜୟ ହାସଲ କରିଛନ୍ତି । ୧୫୩ତମ ମ୍ୟାଚ୍ ଖେଳୁଥିବାବେଳେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ କମ୍ ମ୍ୟାଚ୍ ଖେଳି ୧୦୦ତମ ସିଧାସଳଖ ସେଟ୍ ବିଜୟ ହାସଲ କରିବାର ରେକର୍ଡ ଷ୍ଟେଫି ଗ୍ରାଫ୍ (୧୨୨ ମ୍ୟାଚ୍)ଙ୍କ ନାମରେ ରହିଛି । ମାର୍ଟିନା ହିଙ୍ଗିସ (୧୪୫) ଓ ସେରେନା ୱିଲିୟମ୍ସ (୧୪୪ତମ ମ୍ୟାଚ) ମଧ୍ୟ ସ୍ୱିଆଟେକଙ୍କଠୁ କମ୍ ମ୍ୟାଚ୍ ଖେଳି ଏହି ସଫଳତା ପାଇଛନ୍ତି ।

● ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ

## ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

**ଦୁବାଇ, ୭ ।୧୦ (ଏଜେନ୍ସି):** ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି । ମଙ୍ଗଳବାର ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗରେ ଭାରତର ତାରକା ମହିଳା ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନକୁ ବଜାୟ ରଖିଛନ୍ତି । ମନ୍ଧାନା ୭୯୧ ରେଟିଂ ପଏଣ୍ଟ ସହ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି । ଚଳିତ ଦିନିକିଆ ବିଶ୍ୱକପ୍‌ର



ପ୍ରଥମ ଦୁଇଟି ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ମାନ୍ୟତା ଉପରେ ପଡ଼ିନାହିଁ । ବିଶ୍ୱକପ୍‌ରେ ସେ ଶ୍ରୀଲଙ୍କା ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ୮ ଓ ପାକିସ୍ତାନ ବିପକ୍ଷରେ ୨୩ ରନର ପାଳି ଖେଳିଥିଲେ । ବ୍ୟାଟିଂ ତାଲିକାର ଟପ୍-୧୦ରେ ଅନ୍ୟକୌଣସି ଭାରତୀୟ ମହିଳା ବ୍ୟାଟର୍ ସ୍ଥାନ ପାଇବାରେ ସଫଳ ହୋଇନାହାନ୍ତି । ଅଧିନାୟିକା ହରମନପ୍ରୀତ୍ କୌର ୨ଟି ସ୍ଥାନ ହରାଇ ୧୬ରେ ରହିଛନ୍ତି । ମହିଳା ଦିନିକିଆ ବ୍ୟାଟିଂ ତାଲିକାର ୨ୟ ଓ ୩ୟ ସ୍ଥାନରେ ଯଥାକ୍ରମେ ଇଂଲଣ୍ଡର ନାଟାଲୀ ସ୍କିଭର-ବ୍ରଣ୍ଟ ଓ ଅଷ୍ଟ୍ରେଲିଆର ବେଥ ମୁନୀ ପୂର୍ବଭଳି ସ୍ଥାନ ବଜାୟ ରଖିଛନ୍ତି । ସେହିଭଳି ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଏକାଥରକେ ୭ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୫ମ ସ୍ଥାନରେ ପହଞ୍ଚିଛନ୍ତି ।

ଦ୍ୱିତୀୟ ଯୁଥ୍ ଟେଷ୍ଟ


## ଅଷ୍ଟ୍ରେଲିଆ-୧୩୫; ଭାରତ-୧୪୪/୭

**ମାକୟ, ୭ ।୧୦ (ଏଜେନ୍ସି):** ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଯୁଥ୍ ଟେଷ୍ଟରେ ଭାରତ ପ୍ରଥମ ପାଳିରେ ଅଗ୍ରଣୀ ନେବାରେ ସଫଳ ହୋଇଛି । ଟସ୍ ଜିତି ଅଷ୍ଟ୍ରେଲିଆ ଯୁଥ୍ ଦଳ ପ୍ରଥମେ ବ୍ୟାଟିଂ କରିଥିଲା । ତେବେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ବୋଲିଂକୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ଯୁଥ୍ ଦଳ ୪୩.୩ ଓଭରରେ ମାତ୍ର ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଆଲେକ୍ସ ଲି ୟଙ୍ଗ ସର୍ବାଧିକ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଭ୍ରମଣକାରୀ ଭାରତୀୟ ଯୁଥ୍ ଦଳ ପକ୍ଷରୁ ହେନିଲ ପଟେଲ ଓ ଖିଲାନ ପଟେଲ ୩ଟି ଲେଖାଏ ୱିକେଟ୍ ନେଇଥିଲେ । ଉଦ୍ଧବ ମୋହନଙ୍କୁ ୨ଟି ଏବଂ ଦୀପେଶ ଦେବେନ୍ଦ୍ରନଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା ।

ଜବାବରେ ଭାରତୀୟ ଯୁଥ୍ ଦଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୪୦ ଓଭରରେ ୭ ୱିକେଟ୍ ହରାଇ ୧୪୪ ରନ ସଂଗ୍ରହ କରିଛି । ହେନିଲ ୨୨ ଓ ଦୀପେଶ ୬ ରନ କରି ଅପରାଜିତ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଖିଲାନ ପଟେଲ ୨୬, ବେଦାନ୍ତ ତ୍ରିବେଦୀ ୨୫, ବୈଭବ ସୂର୍ଯ୍ୟବଂଶୀ ୨୦ ଓ ବିହାନ ମାଲହୋତ୍ରା ୧୧ ରନ କରି ଆଉଟ୍ ହୋଇଛନ୍ତି । ଅଧିନାୟକ ଆୟୁଷ ମାଲହୋତ୍ରା ମାତ୍ର ୪ ରନ କରିଥିଲେ । ବୋଲିଂରେ କାସେ ବାର୍ଟନ ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି । ୩ ୱିକେଟ୍ ବଳକା ଥାଇ ଭାରତ ୯ ରନରେ ଅଗ୍ରଣୀ ହାସଲ କରିଛି । ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୫୮ ରନରେ ଜିତି ୧-୦ରେ ଅଗ୍ରଣୀ ରହିଛି ।

## ଅଲିମ୍ପିକ୍ସ ପଦକ ବିଜେତା ଅମନ ବାସନ୍ଦ

**ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିବା କୁସ୍ତିଯୋଦ୍ଧା ଅମନ ସେରାୱତ ବାସନ୍ଦ ହୋଇଛନ୍ତି । ୨୨ ବର୍ଷୀୟ ଅମନ ଗତ ମାସରେ କ୍ରୋଏସିଆରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପ୍‌ରେ ୫୭ କିଲୋଗ୍ରାମ ବର୍ଗରେ ଅଂଶଗ୍ରହଣ କରି ଅଧିକ ଓଜନ ଲାଗି ଅଯୋଗ୍ୟ ଘୋଷିତ ହୋଇଥିଲେ । ଧାର୍ଯ୍ୟ ବର୍ଗଠାରୁ ତାଙ୍କ ଓଜନ ୧.୭ କିଲୋଗ୍ରାମ ଅଧିକ ରହିଥିଲା । ଏହି ଘଟଣାରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ଅମନଙ୍କୁ ବାସନ୍ଦ କରିଛି । ସେପ୍ଟେମ୍ବର ୨୩ରୁ ଏହି ବାସନ୍ଦାଦେଶ ଲାଗୁ ହୋଇଛି । ଅମନଙ୍କୁ ଜାତୀୟ



ଓ ଅନ୍ତର୍ଜାତୀୟସ୍ତରରେ ସମସ୍ତ କୁସ୍ତି ସମ୍ପର୍କିତ କାର୍ଯ୍ୟକଳାପରୁ ନିଷେଧ କରାଯାଇଛି । ତାଙ୍କ ପ୍ରଶିକ୍ଷକଙ୍କୁ ମଧ୍ୟ ଆନୁଷ୍ଠାନିକ ଚେତାବନୀ ଦିଆଯାଇଛି ।

## ରାଜମାତା ଜିଜାବାଇ ଟ୍ରଫି: ଓଡ଼ିଶାର ୨ୟ ବିଜୟ

**କଟକ, ୭।୧୦ (ସମିସ):** ଛତିଶଗଡ଼ରେ ଚାଲିଥିବା ୩୦ତମ ଜାତୀୟ ସିନିଅର ମହିଳା ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଇ ଟ୍ରଫି ଫାଇନାଲ ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି । ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ମଙ୍ଗଳବାର ଓଡ଼ିଶା ୩-୦ ଗୋଲରେ ଘରୋଇ ଛତିଶଗଡ଼କୁ ହରାଇଛି । ଯଶୋଦା ମୁଣ୍ଡା ଏବଂ ଉପାସିତା ରାଉତଙ୍କ ଗୋଟିଏ ଲେଖାଏ ଗୋଲ ସ୍କୋର ବଳରେ ପ୍ରଥମାର୍ଦ୍ଧ ଖେଳରେ ଓଡ଼ିଶା ଆଗୁଆ ରହିଥିଲା । ଏହାପରେ ୯୧ତମ ମିନିଟରେ ଅଧିନାୟିକା ପ୍ୟାରୀ ଖାଖା ଦଳ ପାଇଁ ଜୟଗୋଲ ଦେଇଥିଲେ । ଆସନ୍ତା ୯ ତାରିଖରେ ତାମିଲନାଡୁ ବିପକ୍ଷରେ ଓଡ଼ିଶା ଅନ୍ତିମ ମ୍ୟାଚ୍ ଖେଳିବ ।

## ଶତକ ପରେ ନିୟନ୍ତ୍ରଣ ହରାଇଲେ ପୃଥ୍ୱୀ

**ପୁଣେ, ୭ ।୧୦ (ଏଜେନ୍ସି):** ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ଆଗାମୀ ସିଜନ ଅକ୍ଟୋବର ୧୫ରୁ ଆରମ୍ଭ ହେବାକୁଯାଉଛି । ଏଥିପୂର୍ବରୁ ରେକର୍ଡ ୪୨ଥରର ଚାମ୍ପିଅନ ମୁମ୍ବଇ ଓ ମହାରାଷ୍ଟ୍ର ମଧ୍ୟରେ ସ୍ଥାନୀୟ ଏମ୍‌ସିଏ ଷ୍ଟାଡିୟମରେ ତ୍ରି-ଦିବସୀୟ ୱାର୍ମ-ଅପ୍ ମ୍ୟାଚ୍

**ମୁମ୍ବଇ-ମହାରାଷ୍ଟ୍ର ରଣଜୀ ଟ୍ରଫି ୱାର୍ମ-ଅପ୍ ମ୍ୟାଚ୍**

ଖେଳାଯାଉଛି । ଏହି ମ୍ୟାଚରେ ପୃଥ୍ୱୀ ଶ'ଙ୍କ ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଛି । ମୁମ୍ବଇ ଦଳରେ ବାରମ୍ବାର ଅଣଦେଖା ହେବାରୁ ପୃଥ୍ୱୀ ଚଳିତ ସିଜନରୁ ମହାରାଷ୍ଟ୍ର ଦଳ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ । ଏହି ମ୍ୟାଚରେ ମହାରାଷ୍ଟ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ସେ ନିଜ ପୂର୍ବ ଦଳ ମୁମ୍ବଇ ବିପକ୍ଷରେ ୧୮୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଛନ୍ତି । ୧୪୦ ବଲରୁ ପୃଥ୍ୱୀ ତାଙ୍କ ଶତକ ପୂରଣ କରିଥିଲେ । ଏହାପରେ ୨୧୯ ବଲରେ ୧୮୧ ରନ କରି ମୁସିର ଖାନଙ୍କ ବଲରେ ଆଉଟ୍ ହୋଇଥିଲେ । ଏହି ପାଳିରେ ୨୧ ଚୌକା ଓ ୩ ଛକା ସାମିଲ ଥିଲା । ନିଜ ପୂର୍ବ ଦଳ ବିପକ୍ଷରେ ଶତକ ହାସଲ କରିବା ସହ ୨୫ ବର୍ଷୀୟ ପୃଥ୍ୱୀ ମୁମ୍ବଇ ଟିମ୍ ମ୍ୟାନେଜମେଣ୍ଟକୁ ମଧ୍ୟ କଡ଼ା ଜବାବ ଦେଇଥିଲେ । ଏପରିକି ସେ ଆଉଟ୍ ହୋଇ ଆସିଲାବେଳେ ମୁମ୍ବଇର ମୁସିରଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିବା ଦେଖିବାକୁ ମିଳିଥିଲା । ନିଜ ଉପରୁ ନିୟନ୍ତ୍ରଣ ହରାଇ ମୁସିରଙ୍କ ପିଠିକୁ ପୃଥ୍ୱୀ ବ୍ୟାଟ୍‌ରେ ଆଘାତ ଦେବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅମ୍ପାୟର ହସ୍ତକ୍ଷେପ କରି ତାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ । ଏହି ମ୍ୟାଚରେ ପୃଥ୍ୱୀ ଓପନିଂ ଯୋଡ଼ିରେ ଅର୍ଶିନ କୁଲକର୍ଣ୍ଣୀଙ୍କ ସହ ୪୯.୪ ଓଭରରୁ ୩୦୫ ରନର ଭାଗୀଦାରି ଗଢ଼ି ମହାରାଷ୍ଟ୍ରକୁ ଦୃଢ଼ ଆରମ୍ଭ ଦେଇଥିଲେ । କୁଲକର୍ଣ୍ଣୀ ମଧ୍ୟ ୧୪୦ ବଲରୁ ୧୮୬ ରନ କରିଥିଲେ । ଆଗାମୀ ରଣଜୀ ଟ୍ରଫିରେ ମହାରାଷ୍ଟ୍ର ଅକ୍ଟୋବର ୧୫ରେ କେରଳ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ ।



## ନିଖିଳ ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନରେ କିଟ୍‌ର ସଫଳତା



**ଭୁବନେଶ୍ୱର, ୭ ।୧୦ (ଏଜେନ୍ସି):** ନିଖିଳ ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ବାଲେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଦମ୍‌ଦାର ପ୍ରଦର୍ଶନ କରିଛି । ବିଶ୍ୱବିଦ୍ୟାଳୟର ଛାତ୍ରୀ ହର୍ଷିତା ରାଉତ ମହିଳା ଚାମ୍ପିଅନ ହୋଇଛନ୍ତି । ସେ ମହିଳା ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇ ଡବଲ ସଫଳତା ପାଇଥିଲେ । ସେହିଭଳି ହର୍ଷିତା ମିକ୍ସଡ ଡବଲ୍ସରେ ରନର୍ସଅପ୍ ହୋଇଥିଲେ । ହର୍ଷିତାଙ୍କ ବାଦ୍ କିଟ୍‌ର ତୃପ୍ତି ବାଗ୍‌ଚୀ ମହିଳା ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ । ଅପରପକ୍ଷରେ ପୁରୁଷ ବିଭାଗରେ କିଟ୍‌ର ଆର୍ଯ୍ୟ ମାଝୀ ସିଙ୍ଗଲ୍ସରେ ଟାଇଟଲ ଜିତିଛନ୍ତି । ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଆଇସିସି ମହିଳା ବିଶ୍ୱକପ୍

## ବିପର୍ଯ୍ୟୟରୁ ବର୍ତ୍ତିଗଲା ଇଂଲଣ୍ଡ

ଗୌହାଟି, ୭ ।୧୦ (ଏଜେନ୍ସି)

ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଚାରିଥରର ଚାମ୍ପିଅନ ଇଂଲଣ୍ଡ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଛି । ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଇଂଲଣ୍ଡ ୪ ୱିକେଟ୍ ଓ ୨୩ ବଲ୍ ବଳକା ଥାଇ ବାଂଲାଦେଶକୁ ପରାସ୍ତ କରିଛି । ୧୭୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଶକ୍ତିଶାଳୀ ଇଂଲଣ୍ଡ ଏକଦା ୨୨.୧ ଓଭରରେ ୭୮ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା । ଏହାପରେ ଦଳୀୟ ସ୍କୋର ୧୦୩ ରନ ହୋଇଥିବାବେଳେ ଅଲିସେ କାପସୀ (୨୦ ରନ)ଙ୍କୁ ଆଉଟ୍ କରି ବାଂଲାଦେଶ ମହିଳା ଦଳ ଏକ ବଡ଼ ବିଜୟ ଅଭିମୁଖେ ଅଗ୍ରସର ହୋଇଥିଲା । କିନ୍ତୁ ଏହି ସମୟରେ ୩୪ ବର୍ଷୀୟା ତାହାଣାହାତୀ ବ୍ୟାଟର୍ ହେଥର ନାଇଟ୍



ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଇଂଲଣ୍ଡକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ । ନାଇଟ୍ ଓ ବ୍ୟାଟିଂକ୍ରମ ୮ମ ସ୍ଥାନରେ ଆସିଥିବା ଚାର୍ଲୋଟ ଡିନ ଅବିଭକ୍ତ ୭ମ ୱିକେଟ୍ ଯୋଡ଼ିରେ ୭୯ ରନ ସଂଗ୍ରହ କରି ଇଂଲଣ୍ଡକୁ ସୁରକ୍ଷୀୟ ବିଜୟ ଭେଟି ଦେଇଥିଲେ । ନାଇଟ୍ ୧୧୧ ବଲରୁ ୮ ଚୌକା ଓ ଗୋଟିଏ ଛକା ସହ ୭୯ ରନ କରିଥିଲେ । ସେହିଭଳି ୫୬ ବଲରେ ୨୭ ରନର ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୩୨, ଟାମି ବିଉମଣ୍ଟ ୧୩ ରନ କରିଥିଲେ । ବାଂଲାଦେଶର ଫହିମା ଖାତୁନଙ୍କୁ ୩ଟି ୱିକେଟ୍ ମିଳିଥିଲା ।

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୪୯.୪ ଓଭରରେ ୧୭୮ ରନରେ ଅଲ୍‌ଆଉଟ୍ ହୋଇଥିଲା । ଦଳ ପକ୍ଷରୁ ଶୋଭନା ମୋଷ୍ଟାରୀ ସର୍ବାଧିକ ୬୦ ରନ କରିଥିଲେ । ବୋଲିଂରେ ଇଂଲଣ୍ଡ ପାଇଁ ସୋଫି ଇକଲେଷ୍ଟୋନ ୩ ଏବଂ ଲିନସେ ସ୍ମିଥ, ଚାର୍ଲି ଡିନ ଓ ଆଲିସେ କାପସୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ବିଶ୍ୱକପ୍‌ରେ ଇଂଲଣ୍ଡ ମହିଳା ଦଳର ଦ୍ୱିତୀୟ ମ୍ୟାଚ୍‌ରୁ ଏହା ୨ୟ ବିଜୟ । ପୂର୍ବରୁ ଇଂଲଣ୍ଡ ଏହାର ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକା ମାତ୍ ଦେଇଥିଲେ । ଅପରପକ୍ଷରେ ପ୍ରଥମ ମ୍ୟାଚରେ ପାକିସ୍ତାନକୁ ୭ ୱିକେଟ୍‌ରେ ହରାଇଥିବା ବାଂଲାଦେଶକୁ ଆଜି ଅଧିକ ଏକ ବଡ଼ ବିଜୟରୁ ବଞ୍ଚିତ ହୋଇଛି ।

**ବିଶ୍ୱକପ୍‌ରେ ଆଜିର ମ୍ୟାଚ୍**
ଅଷ୍ଟ୍ରେଲିଆ - ପାକିସ୍ତାନ
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS